ମାନସ ମନ୍ଥନ

ଦେବେନ୍ଦ୍ରନାଥ ଦାଶ

ଜଗଦ୍‌ଗୁରୁ ଆଦିଶଙ୍କରାଚାର୍ଯ୍ୟ କୃତ
'ମୋହ ମୁଦ୍‌ଗର'ର ଓଡ଼ିଆ କାବ୍ୟ ରୂପ

ମାନସ ମନ୍ଥନ

କବି ଦେବେନ୍ଦ୍ର ନାଥ ଦାଶ

ପ୍ରକାଶକ
ଶ୍ୱେତ ସଙ୍କେତ ସାରସ୍ୱତ ମଞ୍ଚ
ଭୁବନେଶ୍ୱର-୨

ମାନସ ମନ୍ଥନ

କବି	ଦେବେନ୍ଦ୍ର ନାଥ ଦାଶ
ପ୍ରକାଶକ	ଶ୍ୱେତ ସଂକେତ ସାରସ୍ୱତ ମଞ୍ଚ ୩୩୪୧, ଖରାଖିଆ ବୈଦ୍ୟନାଥ ଲେନ୍ ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ	୨.୧୧.୨୦୦୯ (କାର୍ତ୍ତିକ ପୂର୍ଣ୍ଣିମା)
ମୁଦ୍ରଣ	ଦିବ୍ୟ ମୁଦ୍ରଣୀ ସାମନ୍ତରାପୁର, ଭୁବନେଶ୍ୱର-୨
ମୂଲ୍ୟ	ଟ. ୧୫୦.୦୦

MANASA MANTHAN

Writer	**Debendra Nath Dash**
Published by	**Sweta Sanketa Saraswata Mancha** **3341, Kharakhia Baidyanath Lane** **Bhubaneswar-2**
First Edition	**02.11. 2009 (Kartik Purnima)**
Printed at	**Divya Mudrani,** **Samantarapur, Bhubaneswar-2**
Price	**Rs. 150.00**

ସମର୍ପଣ

ଯେଉଁ ଚନ୍ଦ୍ରମୌଳୀଙ୍କ ଆଶୀର୍ବାଦରେ ଶଙ୍କରଙ୍କର ଜନ୍ମ, ଯାହାଙ୍କର ଆଶୀର୍ବାଦରେ ଶଙ୍କର ଜଗତ୍‌ଗୁରୁ ହେବାର ସୌଭାଗ୍ୟ ଲାଭ କଲେ ସେହି ଚନ୍ଦ୍ରମୌଳୀ ସ୍ୱରୂପ, ସୃଷ୍ଟି, ସ୍ଥିତି, ଲୟର କାରଣ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ଚରଣ କମଳରେ ଏହି କାବ୍ୟକୁ ସମର୍ପଣ କରୁଛି ।

ଦେବେନ୍ଦ୍ର ନାଥ ଦାଶ

ଆଦ୍ୟ କଥନ

ଏହି କାବ୍ୟ ଗ୍ରନ୍ଥକୁ ମୁଁ ଲେଖିଛି ବୋଲି କେବେବି କହିବି ନାହିଁ। ବରଂ ମୋର କାବ୍ୟିକ ଭାଷାର ସ୍ରଷ୍ଟା ସ୍ୱୟଂ ଭଗବାନ ଶଙ୍କର। ପ୍ରତି ଅକ୍ଷର ଏବଂ ପଦରେ ମୂଳ ସତ୍ୟକୁ ରକ୍ଷା କରିବା ପାଇଁ ସବୁବେଳେ ଉଦ୍ୟମ କରାଯାଇ ଅନ୍ୟାନ୍ୟ ଉଦାହରଣର ସାହାଯ୍ୟ ନିଆଯାଇଛି । ଦୀର୍ଘବର୍ଷ ତଳେ ଯେତେବେଳେ ଶ୍ରୀ ସତ୍ୟସାଇ 'ମୋହ ମୁଦ୍‌ଗର'ର କେତେଗୁଡ଼ିଏ ପଙ୍‌କ୍ତିକୁ ଗ୍ରୀଷ୍ମକାଳୀନ ଶିବିରରେ ବିସ୍ତୃତ ଭାବେ ଆଲୋଚନା କରୁଥିଲେ, ସେତେବେଳେ ତାହା ମୋ' ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା। ଏହାପରେ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ସହ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବହୁ ଭାଷ୍ୟ ଅଧ୍ୟୟନ କରିବାର ସୁଯୋଗ ମତେ ମିଳିଥିଲା। ସେତେବେଳେ ହଠାତ୍ ଦିନେ ମନକୁ ଆସିଲା 'ମୋହ ମୁଦ୍‌ଗର'କୁ ଓଡ଼ିଆ ଭାଷାରେ କାବ୍ୟ ରୂପ ଦେଲେ କିପରି ହୁଅନ୍ତା। ଯେପରି ବ୍ୟାସ କୃତ 'ସଂସ୍କୃତ ଭାଗବତ' ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଲାନାହିଁ ବରଂ ପରବର୍ତ୍ତୀ ସମୟରେ ଯେତେବେଳେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ଏହାର ଓଡ଼ିଆ ଭାଷାନ୍ତରଣ ହେଲା ସେତେବେଳେ ସମସ୍ତ ଭଗବତପ୍ରେମୀ ପାଠକପାଠିକା ଭଗବତ୍ ସାଗରରେ ଅବଗାହନ କଲେ। ଏହି ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ମୁଁ ସ୍ଥିର କଲି ଯେ 'ମୋହ ମୁଦ୍‌ଗର'କୁ ରୀତିଯୁଗୀୟ ଶୈଳୀରେ କାବ୍ୟ ରୂପ ଦେବାପାଇଁ। ଫଳତଃ ଏହା ବିଭିନ୍ନ କ୍ଷେତ୍ରରେ ଗାଇବା ପାଇଁ ସୁବିଧା ହେବ ଏବଂ ସାଧାରଣ ଲୋକେ ଏହାର ପଙ୍‌କ୍ତିକୁ ଗୁଣୁଗୁଣେଇବେ । ପ୍ରତ୍ୟେକ ଛନ୍ଦକୁ ସରଳ ଏବଂ ମଧୁର ଛନ୍ଦ ମଧ୍ୟରେ ପ୍ରକାଶ କରାଗଲେ ତାହା ଓଡ଼ିଆ ପାଠକମାନଙ୍କ ପାଇଁ ଅଧିକ ଗ୍ରହଣୀୟ ମଧ୍ୟ ହୋଇପାରେ। ଯେଉଁମାନେ ମୋର କାବ୍ୟିକ ରଚନା ସମ୍ପର୍କରେ ସଚେତନ, ସେମାନଙ୍କ ଠାରୁ ଏ ସମ୍ପର୍କରେ ପରାମର୍ଶ ଭିକ୍ଷା କଲି ଏବଂ ସବୁ କ୍ଷେତ୍ରରେ ସମସ୍ତେ ଉତ୍ସାହିତ କଲେ। ଆଜି ଏହି କାବ୍ୟର ପ୍ରକାଶନ ଅବକାଶରେ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଉଛି।

ଏହାପରେ ଆରମ୍ଭ ହେଲା କାବ୍ୟ ରଚନା ପର୍ବ। 'ମୋହ ମୁଦ୍‌ଗର'ର ପ୍ରତ୍ୟେକ ଶ୍ଳୋକକୁ କାବ୍ୟ ରୂପ ଦେଲାପରେ ତାକୁ ନିଜେ ସ୍ୱର ଦେଇ ଗାଇବାକୁ ଚେଷ୍ଟା କରିଛି। ଏସବୁକୁ ଶୁଣି ମୋର ପତ୍ନୀ ଶ୍ରୀମତୀ ଦମୟନ୍ତୀ ଦାଶ ବିଶେଷ ଭାବରେ ଭାବଗତ ହୋଇଛନ୍ତି ଏବଂ ପ୍ରେରଣା ଦେଇଛନ୍ତି ମଧ୍ୟ। ଅନ୍ୟ ପକ୍ଷରେ ଏହା

ଅନ୍ୟମାନଙ୍କ ପାଇଁ କେତେଦୂର ସଫଳ ହୋଇଛି ତାହା ପାଠକମାନେ କହିବେ ଏବଂ ସମୟ କହିବ।

କାବ୍ୟ ଲେଖା ସରିଗଲା ପରେ ପାଣ୍ଡୁଲିପିକୁ ଡିଟିପି କରିବାକୁ ଦେଲି। ନିଶ୍ଚିତ ହୋଇଗଲି ଯେ, କାବ୍ୟଟି ପ୍ରକାଶ ପାଇଯିବ। କିନ୍ତୁ ଭଗବାନଙ୍କର ସିଦ୍ଧାନ୍ତ ଅନ୍ୟ ପ୍ରକାରର। ଯାହାର ସଙ୍କଳ୍ପ ବିନା ଶୁଷ୍କ ତୃଣଟିଏ ସ୍ଥାନାନ୍ତରିତ ହୋଇପାରେନା, ସେତେବେଳେ ମୁଁ ଜଣେ କ୍ଷୁଦ୍ର ମଣିଷ କ'ଣ ବା କରିପାରିବି? ହେଉଛି ହେଉଛି ବୋଲି କିଛି ଦିନ ବିତିଗଲା। ଆରମ୍ଭ କଲାବେଳେ ଯେଉଁ ଉନ୍ମାଦନା ଥିଲା ତାହା ମଧ୍ୟ ଧୀରେ ଧୀରେ ଶିତଳ ହୋଇଗଲା। କାର୍ଯ୍ୟର ଗୁରୁତ୍ୱକୁ ସମୟ ପରିପ୍ରେକ୍ଷୀରେ ଭୁଲିଗଲି। ଏଥିମଧ୍ୟରେ ଡିଟିପି କରୁଥିବା ପିଲା (ହୃଷି) ସେହି ଅନୁଷ୍ଠାନରୁ ଅନ୍ୟତ୍ର ଚାଲିଗଲେ। ଜାଣିବାକୁ ପାଇଲି ପାଣ୍ଡୁଲିପିଟି ହଜିଯାଇଛି। ଅନେକ ଦୁଃଖରେ ଭାଙ୍ଗିପଡ଼ିଲି। ଦୀର୍ଘ ଦିନର ପରିଶ୍ରମ ଯେପରି ବୃଥା ହୋଇଗଲା। ଯାହା ଭଗବାନଙ୍କର ଇଚ୍ଛା।

ଗୋଟିଏ ବର୍ଷ ପରେ ଦିନେ ହଠାତ୍ ହୃଷି ସହ ଦେଖାହୁଏ ଏବଂ ସେ ଯାହା ସୂଚନା ଦେଲା ମୁଁ ଆନନ୍ଦରେ ଆତ୍ମହରା ହୋଇପଡ଼ିଲି। ଘଟଣାଟି ଏହି ଯେ, ପାଣ୍ଡୁଲିପିଟି ହଜିନାହିଁ ବରଂ ତା' ପାଖରେ ଅଛି। ପୁଣି କାର୍ଯ୍ୟ ଆରମ୍ଭ ହେଲା ଏବଂ ପ୍ରାଥମିକ ଭାବେ ଡିଟିପି କରି ମତେ ହସ୍ତାନ୍ତର କଲା। କିନ୍ତୁ ଏହା ମଧ୍ୟରେ ମୁଁ ସ୍ୱାଧୀନ ଭାବେ କମ୍ପ୍ୟୁଟର ଆଣି ପ୍ରକାଶନ କାର୍ଯ୍ୟ ଆରମ୍ଭ କରି ସାରିଥାଏ। ତେଣୁ ଆଉ ଅନ୍ୟ ଅନୁଷ୍ଠାନକୁ ଦେବା ଆବଶ୍ୟକ ପଡ଼ିଲାନାହିଁ। ବାରମ୍ବାର ତ୍ରୁଟି ସଂଶୋଧନ ସହ ଧାରାକୁ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କଲି। ଶେଷରେ ଏହାର ପୂର୍ଣ୍ଣାଙ୍ଗ ରୂପ ଆଲୋକ ଦେଖିଲା। ଏ କ୍ଷେତ୍ରରେ ଡିଟିପି କରିଥିବା କବିତାର ସହଯୋଗ ଭୁଲିବାର କଥା ନୁହେଁ। ତା' ପ୍ରତି ମଧ୍ୟ କୃତଜ୍ଞତା ସ୍ୱୀକାର କରୁଛି।

ରୀତିଯୁଗୀୟ ଶୈଳୀରେ ପ୍ରତ୍ୟେକ ବିଭାଗକୁ ରଙ୍ଗେଇବା ପାଇଁ ନିଆଯାଇଥିବା ଉଦ୍ୟମ ବୋଧହୁଏ ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରେ। ବିଷୟବସ୍ତୁକୁ ବିଶେଷଭାବେ ବୋଧଗମ୍ୟ କରିବା ପାଇଁ ଅନେକ କ୍ଷେତ୍ରରେ ସୂଚନାତ୍ମକ ଫଟୋଚିତ୍ରର ସାହାଯ୍ୟ ନିଆଯାଇଛି। ବହୁ କଷ୍ଟ ସ୍ୱୀକାର କରି ବିଭୁ ପ୍ରସୂନ୍ନ ଫଟୋଗୁଡ଼ିକ ପ୍ରସ୍ତୁତ କରିଥିବାରୁ ତାଙ୍କ ପ୍ରତି କୃତଜ୍ଞତା ଜଣାଉଛି। କାବ୍ୟ ଗ୍ରନ୍ଥକୁ ଅନେକଙ୍କୁ ଦେଖାଇଛି ଏବଂ ସମସ୍ତଙ୍କ ପାଖରୁ ସକାରାତ୍ମକ ମତାମତ ମଧ୍ୟ ପାଇଛି। କେତେକ ଏହି ବହି ପାଇଁ ଅଗ୍ରୀମ ଅର୍ଥ ମଧ୍ୟ ପ୍ରଦାନ କରିଛନ୍ତି। ସେମାନେ ସମସ୍ତେ ମୋର ନମସ୍ୟ। ଅନ୍ୟ ପକ୍ଷରେ ମୋର ପୁଅ ଶିବଶଙ୍କର ଏବଂ ଝିଅ

ଗାୟତୀ ପ୍ରକାଶନ ପାଇଁ ପ୍ରାୟତଃ ଅର୍ଦ୍ଧାଧିକ ଖର୍ଚ୍ଚ ବହନ କରିଥିବାରୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି। ଅନ୍ୟ ପକ୍ଷରେ 'ଦିବ୍ୟ ମୁଦ୍ରଣୀ'ର ସମସ୍ତ କର୍ମଚାରୀଙ୍କ ସହଯୋଗ ଭୁଲିବାର ନୁହେଁ ।

କାବ୍ୟର ମୁଖବନ୍ଧ ଲେଖିବା ପାଇଁ ଯେତେବେଳେ ମୁଁ ମହାପାତ୍ର ନୀଳମଣି ସାହୁଙ୍କୁ ଅନୁରୋଧ କଲି, ସେ ବିଷୟକୁ ଅନୁଧ୍ୟାନ କରି ଭାବ ବିହ୍ୱଳ ହୋଇପଡ଼ିବା ମତେ ଯଥେଷ୍ଟ ଆମୋଦିତ କରିଥିଲା। ସେହିପରି ଡ. ଉମେଶ ପତ୍ରୀ ଆଳାପ ଛଳରେ ବହୁ ଭାବରେ ପ୍ରଶଂସା କରି ଏହି କାବ୍ୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସବୁବେଳେ ମୋର କାବ୍ୟଭାବକୁ ଉତ୍ସାହିତ କରିଛନ୍ତି ରମେଶ ଦାସ । କାବ୍ୟ ପ୍ରକାଶ ସମ୍ପର୍କରେ ପୂଜନୀୟ ଠାକୁର ମହାରାଜ ଦିବ୍ୟସିଂହ ମହାରାଜଙ୍କ ପରାମର୍ଶରେ କାବ୍ୟଟିକୁ ଚିନ୍ମୟାନନ୍ଦ ମିଶନ୍‌ର ରାଜ୍ୟ ଶାଖା ମୁଖ୍ୟ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀଙ୍କୁ ମଧ୍ୟ ଦେଖାଇଛି । ଯଦିଓ ସେ ଲିଖିତ ଭାବେ ମତାମତ ଦେଇନାହାଁନ୍ତି, ତଥାପି ତାଙ୍କର ପରାମର୍ଶକ୍ରମେ 'ବିଭିନ୍ନ ପାହାଚ'ର ନାମକରଣ କରିବାକୁ ହେଲା । କେତେକ ସ୍ଥଳରେ ସାମାନ୍ୟ ଶବ୍ଦଗତ ପରିବର୍ତ୍ତନ ମଧ୍ୟ କରାଗଲା । ସ୍ୱାମୀଜୀଙ୍କ ପରାମର୍ଶ ତଥା ପ୍ରୋତ୍ସାହନ ସର୍ବଦା ସ୍ମରଣୀୟ । ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଶ୍ରୀଯୁକ୍ତ ହରିକୃଷ୍ଣ ଦାଶ କାବ୍ୟଟିକୁ ପାଠକରି ଆନନ୍ଦିତ ହେବା ସହ ଯେଉଁ ଭାବପୂର୍ଣ୍ଣ ଧାରାରେ ନିଜର ମତାମତ ଦେଇଛନ୍ତି ତାହା ମୋତେ ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଆଗକୁ ଯିବାପାଇଁ ଅଧିକ ଋଦ୍ଧିମନ୍ତ କରିବା ନିଶ୍ଚିନ୍ତ । ସେମାନେ ଦେଇଥିବା ମତାମତ ପରିପ୍ରେକ୍ଷୀରେ ସେମାନଙ୍କୁ ବାରମ୍ବାର ନମସ୍କାର କରୁଛି।

ସର୍ବ ଶେଷରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ, ଜଗତର ନାଥ ଜଗନ୍ନାଥ ଏବଂ ଶ୍ରୀ ସତ୍ୟସାଇ ବାବାଙ୍କ ପାଦ ପଦ୍ମରେ ବାରମ୍ବାର ନମସ୍କାର କରି ଆଶୀର୍ବାଦ ଭିକ୍ଷା କରୁଛି।

ଦେବେନ୍ଦ୍ର ନାଥ ଦାଶ

ଅବତରଣିକା

କବି ଶ୍ରୀ ଦେବେନ୍ଦ୍ର ନାଥ ଦାଶଙ୍କ ଲିଖିତ 'ମାନସ ମନ୍ଥନ' କବିତାଗ୍ରନ୍ଥ ପାଠକରି ସାତୀଶୟ ଆନନ୍ଦଲାଭ କଲି । ଏହି କାବ୍ୟଗ୍ରନ୍ଥଟି ସନାତନ ହିନ୍ଦୁଧର୍ମର ପରମ ସଂସ୍ଥାପକ ଓ ସଂସ୍କାରକ ମହାଜ୍ଞାନୀ ଓ ମହାଯୋଗୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ 'ମୋହ ମୁଦ୍‌ଗର'ର ସରଳ ଓଡ଼ିଆ କାବ୍ୟରୂପ । ଶ୍ରୀ ଦାଶ 'ମୋହ ମୁଦ୍‌ଗର'ର ଜଟିଳ ଶ୍ଳୋକଗୁଡ଼ିକୁ ବିଭିନ୍ନ ଛନ୍ଦ ଓ ଛାନ୍ଦ ଚୌପଦୀରେ ସରଳ ଭାବରେ ଲେଖି ପାଠକମାନଙ୍କୁ ବୁଝାଇବାକୁ ଉଦ୍ୟମ କରିଛନ୍ତି, ତଦ୍ୱାରା ସଂସ୍କୃତ ଅନଭିଜ୍ଞ ଓଡ଼ିଆ ପାଠକପାଠିକାମାନେ ନିଶ୍ଚୟ ଉପକୃତ ହେବେ । ଶଙ୍କରଙ୍କର ରଚିତ 'ମୋହ ମୁଦ୍‌ଗର'ର ଅର୍ନ୍ତନିହିତ ଗୂଢ଼ତତ୍ତ୍ୱଗୁଡ଼ିକୁ ଉପଲବ୍ଧି କରିବା ପାଇଁ ଶ୍ରୀ ଦାଶ ଯେଉଁ ସରସ ସୁନ୍ଦର ଭାଷାଶୈଳୀ ବ୍ୟବହାର କରିଛନ୍ତି ତାହା ନିଶ୍ଚୟ ପ୍ରଶଂସନୀୟ । ଏହି କାବ୍ୟଗ୍ରନ୍ଥରେ କେବଳ ଜୀବନଦର୍ଶନର ଉଲ୍ଲେଖନାହିଁ, ଜୀବନକୁ ଯୋଗ ମାର୍ଗରେ ବଞ୍ଚିବାର କଳା ଓ ପଦ୍ଧତି ମଧ୍ୟ ପ୍ରଦର୍ଶନ କରାଯାଇଛି ।

କବି ଶ୍ରୀ ଦେବେନ୍ଦ୍ର ନାଥ ଦାଶ ବ୍ୟକ୍ତିଗତ ଜୀବନରେ ଜଣେ ସରଳ ଓ ଶୁଭକାମୀ ବ୍ୟକ୍ତି । ତାଙ୍କ ଲିଖିତ ଏଇ ସରସ ଓ ଜ୍ଞାନପୂର୍ଣ୍ଣ କାବ୍ୟଗ୍ରନ୍ଥ ଆମର ପାଠକପାଠିକାମାନଙ୍କ ଦ୍ୱାରା ନିଶ୍ଚୟ ଆଦୃତ ହେବ ବୋଲି ଏବଂ ସେମାନେ ଆଧ୍ୟାତ୍ମିକ ଭାବେ ବହୁ ଭାବରେ ଉପକୃତ ହେବେ ବୋଲି ମୋର ଦୃଢ଼ ବିଶ୍ୱାସ ।

(ମହାପାତ୍ର ନୀଳମଣୀ ସାହୁ)

ଆକାଶ ପାତାଳ
ପ୍ଲଟ୍ ନଂ ୭୮୭
ଶହୀଦନଗର୍
ଭୁବନେଶ୍ୱର -୭

ମୁଖବନ୍ଧ

'ମୋହ ମୁଦ୍‌ଗର' ପ୍ରତ୍ୟେକ ଯୁଗ ପାଇଁ ପ୍ରଯୁଜ୍ୟ, ଯଦିଓ ଏହା ଅଷ୍ଟମ ଶତାବ୍ଦୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କର ଶିଷ୍ୟମାନଙ୍କର ଶ୍ରୀମୁଖରୁ ଝଡ଼ିପଡ଼ିଥିଲା । ଜୀବନକୁ ଠିକ୍ ଭାବେ ଗଠନ କରିବା ପାଇଁ ଏହା ଶ୍ରେଷ୍ଠ ଉପଦେଶ । ସଂସାର ଭିତରେ ରହି ବ୍ରହ୍ମପଦ ଲାଭ କରିବା ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ହେବା ଉଚିତ୍ । ଏହି ଲକ୍ଷ୍ୟ ପୂରଣ କରିବାରେ ଶଙ୍କରଙ୍କର ଏହି ବଚନ ଅଦ୍ୱିତୀୟ, ଅମର କାଳଜୟୀ କାବ୍ୟ ।

ଭଗବାନ ଶ୍ରୀ ସତ୍ୟସାଇ ବାବା ୧୬ଟି ନିର୍ବାଚିତ ଶ୍ଳୋକକୁ ନେଇ ୧୯୭୩ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରରେ ଭାରତବର୍ଷର ଯୁବ ସମାଜ ଆଗରେ ଉପସ୍ଥାପନ କରିଥିଲେ । ଏହାକୁ ସମସ୍ତ ସାଧୁ, ସନ୍ଥ, ସଂସାରୀ, କବି ଏବଂ ଲେଖକମାନଙ୍କ ଜୀବନରେ ପ୍ରତିଫଳିତ ଆବଶ୍ୟକ ।

'ମୋହ ମୁଦ୍‌ଗର' ସାଧାରଣରେ ବୋଧଗମ୍ୟ ହେବା ସହଜ ନୁହେଁ । ଏପରି ଉଚ୍ଚତମ ଦାର୍ଶନିକ ଚିନ୍ତାଧାରାକୁ ସହଜ ସରଳ ଭାବରେ ଉପସ୍ଥାପନ କରିବାକୁ ଏହି କାବ୍ୟରେ ଉଦ୍ୟମ କରାଯାଇଛି । ମୁଁ ଏହି କାବ୍ୟର ରଚୟିତା ଶ୍ରୀ ଦେବେନ୍ଦ୍ର ନାଥ ଦାଶଙ୍କ ଏହି ପ୍ରଚେଷ୍ଟାକୁ ସ୍ୱାଗତ କରିବା ସହ କାବ୍ୟର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ବୋଲି ଆଶା କରେ । ପ୍ରତ୍ୟେକ ପାଠକ ଏହି କାବ୍ୟ ସମୁଦ୍ରରେ ଅବଗାହନ କରିବା ସହ ପାହାଚ ଉପରେ ପାହାଚ ଚଢ଼ି ମୂଢ଼ମତି ସ୍ତରରୁ ମୁକ୍ତିସ୍ତରରେ ପହଞ୍ଚିପାରିବେ ବୋଲି ବିଶ୍ୱାସ ରଖୁଛି । ପୁଣି ଥରେ କବି ଶ୍ରୀ ଦାଶଙ୍କର କାବ୍ୟିକ ପ୍ରତିଭାକୁ ଆଶୀର୍ବାଦ ଜଣାଉଛି ।

ହରିକୃଷ୍ଣ ଦାଶ
୨୨.୧୦.୦୮

(ହରିକୃଷ୍ଣ ଦାଶ)

ରାଜ୍ୟ ସଭାପତି
ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା

ଉପୋଦ୍‌ଘାତ

କବି ଦେବେନ୍ଦ୍ର ନାଥ ଦାଶଙ୍କ ରଚିତ 'ମାନସ ମନ୍ଥନ' ଶଙ୍କରଙ୍କ 'ମୋହ ମୁଦ୍‌ଗର' ଉପରେ ପର୍ଯ୍ୟବେସିତ । ଓଡ଼ିଆ ପ୍ରାଚୀନ ରାଗଗୁଡ଼ିକର ପ୍ରୟୋଗରେ ସେ ଶଙ୍କରଙ୍କୁ ଓଡ଼ିଆ ପାଠକଙ୍କ ପାଖରେ ବୋଧଗମ୍ୟ କରିଛନ୍ତି । ଏଥିରେ ଭାଷାର ଲାଳିତ୍ୟ, ଭାବର ଗାମ୍ଭୀର୍ଯ୍ୟ ମାନସ ମନ୍ଥନକୁ ଏକ ସମ୍ଭ୍ରାନ୍ତ କାବ୍ୟ ଭାବରେ ତୋଳି ଧରିଛି । 'ମୋହ ମୁଦ୍‌ଗର' ଭଳି ଗ୍ରନ୍ଥକୁ ସରଳୀକୃତ କରିବା ଏତେ ସହଜସାଧ କାର୍ଯ୍ୟ ନୁହେଁ । ତା' ପୂର୍ବରୁ ଅବଶ୍ୟ ସେ ମଙ୍ଗଳାଚରଣ ସହିତ ଶଙ୍କରଙ୍କ ଜୀବନଗାଥାକୁ ମଧ୍ୟ କାବ୍ୟରୂପ ପ୍ରଦାନ କରିଛନ୍ତି ।

ଓଡ଼ିଆ କାବ୍ୟ ଜଗତରେ ଏ କାବ୍ୟିକ ପ୍ରୟାସ କେହି କରିବାକୁ ସାହସ କରିନାହାଁନ୍ତି । ଗଦ୍ୟ ରୂପରେ ସେମାନେ ଶଙ୍କରଙ୍କୁ ଓଡ଼ିଆ ପାଠକଙ୍କ ପାଖରେ ପହଞ୍ଚାଇଛନ୍ତି । ରାଧାମୋହନ ଗଡ଼ନାୟକ 'ମେଘଦୂତ' ଆଦି ସଂସ୍କୃତ କାବ୍ୟର ଓଡ଼ିଆ କାବ୍ୟାନୁବାଦ କରିଥିଲେ ମଧ୍ୟ ମୋହ ମୁଦ୍‌ଗର ଭଳି ପୁସ୍ତକୁ ସେ କାହିଁକି ତାଙ୍କ କାବ୍ୟ ସମ୍ଭାରରେ ସାମିଲ କରିପାରିଲେ ନାହିଁ, ତାହା ମୁଁ ବୁଝିପାରେ ନାହିଁ । 'ମୋହ ମୁଦ୍‌ଗର' ବେଦାନ୍ତ ତତ୍ତ୍ୱର ଏକ ସାରଗର୍ଭକ କାବ୍ୟ ଯେଉଁ ବେଦାନ୍ତକୁ ସ୍ୱୟଂ ନାରାୟଣ ବ୍ରହ୍ମାଙ୍କୁ, ବ୍ରହ୍ମା ବଶିଷ୍ଠଙ୍କୁ, ବଶିଷ୍ଠ ଶକ୍ତିଙ୍କୁ, ଶକ୍ତି ପରାଶରଙ୍କୁ, ପରାଶର ବ୍ୟାସଦେବଙ୍କୁ ଏବଂ ବ୍ୟାସଦେବ ଶୁକଙ୍କୁ, ଶୁକ ଗୌଡ଼ପାଦଙ୍କୁ, ଗୌଡ଼ପାଦ ଗୋବିନ୍ଦପାଦଙ୍କୁ ଏବଂ ଗୋବିନ୍ଦପାଦ ଆଚାର୍ଯ୍ୟ ଶଙ୍କରଙ୍କୁ ଦେଇଥିଲେ ।

ଶଙ୍କରଙ୍କ ପରେ ପରେ ଏହା ବାଚସ୍ପତି ମିଶ୍ର, ଶ୍ରୀହର୍ଷ ମିଶ୍ର, ବିଦ୍ୟାରଣ୍ୟ ସ୍ୱାମୀ, ମଧୁସୂଦନ ସରସ୍ୱତୀ, ସଦାନନ୍ଦ, ଅଦ୍ୱୈତାନନ୍ଦ, ପ୍ରକାଶାନନ୍ଦ, ଲକ୍ଷ୍ମୀଧର, ଧର୍ମରାଜ, ଅଧ୍ୱରୀନ୍ଦ୍ର, ଧର୍ମରାଜାଙ୍କ ପୁତ୍ର ରାମକୃଷ୍ଣ, ପୁନଶ୍ଚ ଅମରଦାସ, ନରସିଂହଶ୍ରମୀ ଏ ତତ୍ତ୍ୱର ପ୍ରଚାର ପ୍ରସାର କଲେ । ଏ ପ୍ରକାର ଏକ ଦୀର୍ଘ ଶୃଙ୍ଖଳା ଦ୍ୱାରା ଅଦ୍ୱୈତବାଦର ଲୋକପ୍ରିୟତା ଆମ ମନ ଓ ମସ୍ତିଷ୍କରେ ତା'ର ସ୍ୱତନ୍ତ୍ର ସ୍ଥାନ ନିରୂପଣ କଲେ ।

ବ୍ରହ୍ମସୂତ୍ରର ଅନ୍ୟୁନ କୋଡ଼ିଏ ଜଣ ପ୍ରସିଦ୍ଧ ଭାଷାକାର ଥିଲେ ମଧ୍ୟ ଶଙ୍କରଙ୍କ ଭାଷ୍ୟ ଅଦ୍ୱିତୀୟ ଓ ମୌଳିକ । ଏହି ବିଚକ୍ଷଣ ବାମମାର୍ଗୀ, ଜନବିରୋଧୀ, ଧର୍ମଦ୍ରୋହୀ ମତପନ୍ଥକୁ ଖଣ୍ଡନ କରିବା ପାଇଁ ସନ୍ନ୍ୟାସ ନେବାର ଷୋହଳ ବର୍ଷ ମଧ୍ୟରେ ଗୀତା, ଉପନିଷଦ ଓ ବ୍ରହ୍ମସୂତ୍ର ଯାହାକୁ ପ୍ରସ୍ଥାନତ୍ରୟୀ କୁହାଯାଏ, ସେଇ ଗ୍ରନ୍ଥଗୁଡ଼ିକର ଆଧାର ଉପରେ ତାଙ୍କ ବିଶ୍ୱପ୍ରସିଦ୍ଧ ଭାଷ୍ୟ ଲେଖି ପ୍ରମାଣ କରିଦେଲେ ଯେ ବୁଦ୍ଧଙ୍କ ପ୍ରଚାରିତ ଅନୀଶ୍ୱରବାଦ ମାୟାବାଦ ଦ୍ୱାରା ପ୍ରବଳ ତର୍କ ଦ୍ୱାରା ଖଣ୍ଡନ କରି ବ୍ୟାସଙ୍କ ବ୍ରହ୍ମସୂତ୍ରର ଆଧାରଶିଳା ଉପରେ ବେଦାନ୍ତର ମହାନ୍ ସତ୍ୟକୁ ମହାବାକ୍ୟ ଭାବରେ ଉପସ୍ଥାପିତ କଲେ । ଶଙ୍କରଙ୍କ ପ୍ରଚାରିତ ବେଦାନ୍ତ ଏକ ବ୍ୟତିକ୍ରମ ଦାର୍ଶନିକ ସିଦ୍ଧାନ୍ତ ହେଲେ ମଧ୍ୟ ତାଙ୍କର ହିଁ ଶଙ୍କର । ତାଙ୍କ ସଦୃଶ ବିଦ୍ୱାନ, ତାର୍କିକ, ଦାର୍ଶନିକ, କବି ଓ ପ୍ରଚାର ତାଙ୍କ ପୂର୍ବରୁ ଜନ୍ମ ହୋଇନଥିଲେ ବା ଜନ୍ମ ହେବେ ନାହିଁ ।

ବ୍ରହ୍ମସୂତ୍ରରେ ବ୍ରହ୍ମଙ୍କ ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ ଅନେକେ ଏହା ବେଦର ଅନ୍ତ ବା ସମାପ୍ତି ବୋଲି କହିଦିଅନ୍ତି । ଏଠି 'ଅନ୍ତ' ଶବ୍ଦର ଅର୍ଥ ସମାପ୍ତି ନୁହେଁ ବରଂ 'ଅନ୍ତ' ଅର୍ଥ ପରମଜ୍ଞାନ । ସେହିପରି ଅଦ୍ୱୈତ ଶବ୍ଦର ଅର୍ଥ ଯାହା ଦୁଇ ନୁହେଁ ଏଣୁ ଅଦ୍ୱିତୀୟ । ଶଙ୍କରଙ୍କ ମୂଳମନ୍ତ୍ର ଥିଲା, କେବଳ ଗୋଟିଏ ସତ୍ତା ହିଁ ବିଦ୍ୟମାନ ଯେଉଁ ସତ୍ତାକୁ ଆମେ ବ୍ରହ୍ମ କହୁଁ । ଉପନିଷଦ କୁହେ : "ସତ୍ୟଂ ଜ୍ଞାନଂ ଅନନ୍ତଂ ବ୍ରହ୍ମ ।" ଅର୍ଥାତ୍, ବ୍ରହ୍ମ ; ସତ୍ୟ, ଜ୍ଞାନ ଓ ଅନନ୍ତ ଅଟନ୍ତି । ଶଙ୍କରଙ୍କ ବିଚାରରେ ମାୟା ଦ୍ୱାରା ପ୍ରଭାବିତ ବ୍ରହ୍ମ ହିଁ ଜୀବ ହୋଇଯାଏ ଏବଂ ପୂର୍ଣ୍ଣଜ୍ଞାନ ହେବା ପରେ ସେ ପୁଣି ବ୍ରହ୍ମରେ ଲୀନ ହୋଇଯାଏ ।

ଏହି ମହାମାୟାରୁ ମୋହଗ୍ରସ୍ତ ଜୀବକୁ ଉଦ୍ଧାର କରିବା ପାଇଁ ତାଙ୍କର ମୋହ ମୁଦ୍‌ଗର ରଚନା କରନ୍ତି । ଏହି ବ୍ରହ୍ମସ୍ଥିତିକୁ ପହଞ୍ଚିବା ପାଇଁ ଜଣକୁ ଏକତିରିଶ ପାହାଚ଼ ଦେଇ ଉତ୍ତୀର୍ଣ୍ଣ ହେବାକୁ ହେବ ।

ପ୍ରଥମ ପାହାଚ଼ରେ ପାଦ ଦେବା ସମୟରେ ଶଙ୍କର କହନ୍ତି

ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ
ଗୋବିନ୍ଦଂ ଭଜ ମୂଢ଼ ମତେ

କବି ଦେବେନ୍ଦ୍ରନାଥଙ୍କ ପଦରେ

"ଗୋବିନ୍ଦ ଗୋବିନ୍ଦ ଭଜରେ ସଂସାର
ଗୋବିନ୍ଦ ଭଜ ମଣିଷ ।"

ଏ ପଦଟିକୁ ସେ "ଭଜୁ କି ନା ରାମ ନାମରେ ଗୋବିନ୍ଦ" ବୃତ୍ତରେ ରଚନା କରି ଗୋବିନ୍ଦଚନ୍ଦ୍ରର ବୈରାଗ୍ୟକୁ ଆମକୁ ମନେ ପକାଇ ଦିଅନ୍ତି । ମାତ୍ର ଏକତିରିଶଟି ଶ୍ଳୋକକୁ ସେ କେବଳ ପଦ୍ୟାନୁବାଦ କରି ନାହାନ୍ତି କରିଛନ୍ତି ଭାଷ୍ୟାନୁବାଦ । ତେଣୁ ଅନ୍ୟାନ୍ୟ ଭାଷ୍ୟକାରଙ୍କ ଠାରୁ କବି ଦେବେନ୍ଦ୍ର ନାଥ କୌଣସି ଗୁଣରେ କମ୍ ନୁହଁନ୍ତି । ପଦ୍ୟାକାରରେ ସେ ଯାହା ଲେଖନ୍ତି ତାହା ଯଦି ସଂସ୍କୃତରେ ଲେଖାଯାଇଥାନ୍ତା ସେଇଟା ତ ହୋଇଥାନ୍ତା ଭାଷ୍ୟ ।

ଓଡ଼ିଆ ପାଠକ **'ମାନସ ମନ୍ଥନ'**କୁ ଏକ ବୌଦ୍ଧିକ ମନୋରଞ୍ଜନ ଭାବରେ ନ ନେଇ ଆଧ୍ୟାତ୍ମିକ ସାଧନର ମାର୍ଗ ଭାବରେ ଗ୍ରହଣ କରିବେ ଏହା ମୋର ବିଶ୍ୱାସ ।

ଡକ୍ଟର ଉମେଶ ପତ୍ରୀ

ଦୀପାବଳୀ ୨୦୦୯ (ଡକ୍ଟର ଉମେଶ ପତ୍ରୀ)

ଶୁଭମସ୍ତୁ

ଅଷ୍ଟମ ଶତାବ୍ଦୀର ଭାରତ ଯେତେବେଳେ ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ଥିଲା, ଉପନିଷଦର ଅଦ୍ୱୈତବାଦ ଶିଥିଳ ହୋଇଯାଇଥିଲା, କର୍ମକାଣ୍ଡ ତା'ର ପରାକ୍ରମ ବିସ୍ତାର କରିଥିଲା, ତଥା ଆଚାର ଓ ମର୍ଯ୍ୟାଦା ଭୂଲୁଣ୍ଠିତ ହୋଇ ଚାଲିଥିଲା, ସେହି ସମୟରେ ଆଚାର୍ଯ୍ୟ ଆଦିଶଙ୍କର ଉପନିଷଦର ଅଦ୍ୱୈତ ମତ ଏବଂ ଜ୍ଞାନମାର୍ଗକୁ ପୁନର୍ଜୀବିତ କରିଥିଲେ । ୭୮୮ ଶତାବ୍ଦୀରେ ଭୂମିଷ୍ଠ ହୋଇ ୮୨୦ ଶତାବ୍ଦୀରେ ବ୍ରହ୍ମଲୀନ ହୋଇଥିବା ଶଙ୍କରାଚାର୍ଯ୍ୟ ମାତ୍ର ୩୨ ବର୍ଷରେ ଯେଉଁ ପ୍ରଚଣ୍ଡ ତେଜସ୍ୱୀତାର ପ୍ରମାଣ ଦେଇଥିଲେ ତାହା ଇତିହାସ, ସମୟ ଓ ଚେତନାର ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭ ହୋଇ ରହିଗଲା, ଏବଂ ବେଦାନ୍ତର ଦୁର୍ନିବାର ଶିଖା ହୋଇ ସମଗ୍ର ବିଶ୍ୱକୁ ଆଲୋକିତ କରିଗଲା । ମାତ୍ର ଷୋହଳ ବର୍ଷ ବୟସରେ ସେ ବ୍ରହ୍ମସୂତ୍ରର ଶାରୀରିକ ଭାଷ୍ୟର ରଚନା କରିଥିଲେ ତଥା ଗୀତା ଓ ଦଶଟି ଉପନିଷଦର ଭାଷ୍ୟ, ମାଣ୍ଡୁକ୍ୟକାରିକା ଭାଷ୍ୟ, ସୌନ୍ଦର୍ଯ୍ୟଲହରୀ, ବିବେକ ଚୂଡ଼ାମଣି ଇତ୍ୟାଦି ଆତ୍ମଜ୍ଞାନର ଅତୁଳନୀୟ ଗ୍ରନ୍ଥ ଲେଖି ମାନବଜାତିର କଲ୍ୟାଣ ପାଇଁ ଉତ୍ସର୍ଗ କରିଯାଇଥିଲେ । ଅଦ୍ୱୈତ ସିଦ୍ଧାନ୍ତକୁ ସେ ଭାରତୀୟ ଦର୍ଶନର ଚୂଡ଼ାମଣି ବୋଲି ମାନିଥିଲେ ଏବଂ ନିର୍ଗୁଣ ବ୍ରହ୍ମଙ୍କୁ ପରମ ଏବଂ ସୃଷ୍ଟିର ଆଦିତତ୍ତ୍ୱ ଭାବରେ ପୁନଃ ପ୍ରତିଷ୍ଠା କରିଥିଲେ । ଏହି ପରମତତ୍ତ୍ୱ ଥିଲା ଦେଶ, ଜାତି, ଧର୍ମ, ସମ୍ପ୍ରଦାୟ, ଲିଙ୍ଗ, ଆଶ୍ରମ, ବର୍ଣ୍ଣର ଉର୍ଦ୍ଧ୍ୱରେ । **'ସର୍ବଂ ଖଲ୍ୱିଦଂ ବ୍ରହ୍ମ'** ଥିଲା ତାଙ୍କର ଉଦ୍‌ଘୋଷଣା ।

ଜ୍ଞାନର ସ୍ରୋତ ଅଜସ୍ର ଯାହା ବୈଦିକ କାଳରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସତତ ପ୍ରବହମାନ । ଅନେକ ଋଷି-ମୁନି, ସାଧୁ-ସନ୍ଥ, ଅବତାର, ମହାତ୍ମାମାନେ ଏହାକୁ ଗତିଶୀଳ କରି ନିରନ୍ତର ପ୍ରବହମାନ ରଖିଆସିଛନ୍ତି । ଏହା ପୃଷ୍ଠଦେଶରେ ଏକମାତ୍ର ଉଦ୍ଦେଶ୍ୟ ଲୁଚି ରହିଛି **'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା...'**। ଏହିଭଳି ସର୍ବମଙ୍ଗଳର କାମନା କରି ଯେଉଁ ଅଧ୍ୟାତ୍ମ ଏବଂ ଧର୍ମର ସ୍ଥାପନା ସମାଜରେ କରିଗଲେ, ଯାହାକୁ ନିରନ୍ତର ସିଞ୍ଚନ କରିବା ଫଳରେ ଏହା ଏକ ମହାନ୍ ବୃକ୍ଷରେ ପରିଣତ ହେଲା, ତାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଭାରତୀୟର ନୈତିକ ଦାୟିତ୍ୱ । ଏହା ସହିତ ଏହାର ରକ୍ଷଣ ଏବଂ ପୋଷଣର ଦାୟିତ୍ୱ ବି ପ୍ରତ୍ୟେକ ଭାରତୀୟଙ୍କର, ଯଦ୍ଦ୍ୱାରା ଏହାର ସୁଫଳ ପ୍ରତ୍ୟେକ ମଣିଷକୁ ମିଳିପାରିବ ।

ଦିନକୁ ଦିନ ଦୁନିଆଁ ବିକୃତ ହୋଇଚାଲିଛି । ଏହାର ମୂଳରେ ରହିଛି ଅଜ୍ଞାନତା । ମୋହାନ୍ଧ ମନୁଷ୍ୟ ଅଜ୍ଞାନ କବଳରେ ପଡ଼ି ଶିବ-ଶବ, ଜଡ଼-ଚେତନ, ନିତ୍ୟ-ଅନିତ୍ୟ, ସାର-ଅସାର, ବଦ୍ଧ-ମୁକ୍ତ ଭିତରେ ଥିବା ତାରତମ୍ୟକୁ ଉପଲବ୍ଧି କରିପାରୁନି । ସେଇ ମୂର୍ଚ୍ଛାତୁର ସ୍ଥିତିରୁ ମନୁଷ୍ୟକୁ ଉଦ୍ଧାର କରିବା ପାଇଁ ଶଙ୍କରାଚାର୍ଯ୍ୟ ଲେଖିଥିଲେ 'ମୋହ ମୁଦ୍‌ଗର' । ତାଙ୍କ ଚେତନାର ପ୍ରଚଣ୍ଡ ମୁଦ୍‌ଗର ପ୍ରହାରରେ ସେ ଜାଗ୍ରତ କରିଥିଲେ ଅଚେତନ ମନୁଷ୍ୟକୁ । ସେଇ ଚିରନ୍ତନୀ ପଂକ୍ତିଗୁଡ଼ିକୁ ପଢ଼ି ମଣିଷ ଫେରିପାଇଥିଲା ନିଜର ଅସ୍ମିତା, ନିଜକୁ ସଜାଗ କରିପାରିଥିଲା, ନିଜର ଅଖଣ୍ଡତାକୁ ବୁଝିପାରିଥିଲା । ଆଜି ବି ମଣିଷ ଭିତରେ ଏହା ମୃତ ସଞ୍ଜିବନୀ ଭଳି କାର୍ଯ୍ୟ କରୁଛି ।

ପ୍ରାୟ ଶହେବର୍ଷ ତଳେ ହରେକୃଷ୍ଣ ଦାଶ ନାମକ ଜଣେ ଅନାମଧେୟ କବି ତାଙ୍କର **ଭକ୍ତି ପଞ୍ଚାମୃତ**ରେ 'ମୋହ ମୁଦ୍‌ଗର'ର ଆକର୍ଷଣୀୟ ଓଡ଼ିଆ ଅନୁସୃଜନ କରିଥିଲେ । ସୁଖର କଥା କବି ଦେବେନ୍ଦ୍ର ନାଥ ଦାଶ **'ମାନସ ମନ୍ଥନ'** ନାମରେ 'ମୋହ ମୁଦ୍‌ଗର'କୁ ଆଧାର କରି କାବ୍ୟଟିଏ ଲେଖିଛନ୍ତି । ଏକତିରିଶ ଅଧ୍ୟାୟରେ ଏହାର ପରିସମାପ୍ତି ଘଟିଛି ଏବଂ ପ୍ରତ୍ୟେକ ଅଧ୍ୟାୟ 'ମୂଢ଼ମତି'ରୁ ଆରମ୍ଭ ହୋଇ 'ମୁକ୍ତି' ପର୍ଯ୍ୟନ୍ତ ପାହାଚ ପାହାଚ ହୋଇ ଲମ୍ବିଯାଇଛି ସତ୍ୟର ଅନୁସନ୍ଧାନରେ । ପୁନଶ୍ଚ ଏହାର ଭାବକୁ ସାବଲୀଳ କରିବା ପାଇଁ ସେ ଓଡ଼ିଶାର ଲୋକପ୍ରିୟ ରାଗ ରାଗିଣୀରେ ଏହାକୁ ସମୃଦ୍ଧ କରିଛନ୍ତି । ଭାଷା ଯେମିତି ସରଳ ଭାବ ସେମିତି ପ୍ରାଞ୍ଜଳ । ତାଙ୍କର ବାକ୍ ଏବଂ ଅର୍ଥ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତି ଭଳି ଶୋଭାପାଉଛି । ଏହା ଏକ ଋଷିକର୍ମ, ତେଣୁ ଏହା ନିଶ୍ଚୟ ଜନାଦୃତ ହେବ ।

ବିଶେଷକରି ତାଙ୍କର 'ମାନସ ମନ୍ଥନ' ନାମକରଣଟି ବିଶେଷ ପ୍ରଣିଧାନଯୋଗ୍ୟ । ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ 'ବିବେକ ଚୂଡ଼ାମଣି' ପଞ୍ଚମ ପ୍ରକରଣର ୧୭୪ ପଦରେ ଲେଖିଛନ୍ତି :

ବାୟୁନାଽଽନୀୟତେ ମେଘଃ ପୁନଃ ପୁନସ୍ତେନୈବ ନୀୟତେ ।
ମନିସା କଳ୍ପ୍ୟତେ ବନ୍ଧୌ ମୋକ୍ଷସ୍ତେନୈବ କଳ୍ପ୍ୟତେ ।।

(ମେଘ ବାୟୁ ଦ୍ୱାରା ଆସିଥାଏ ଏବଂ ପୁଣି ତା'ଦ୍ୱାରା ଚାଲିଯାଇଥାଏ, ସେହିପରି ମନ ଦ୍ୱାରା ହିଁ ବନ୍ଧନର କଳ୍ପନା ହୋଇଥାଏ ଏବଂ ତା'ଦ୍ୱାରା ମୋକ୍ଷର କଳ୍ପନା ବି ହୋଇଥାଏ ।)

ଦେବେନ୍ଦ୍ର ବାବୁଙ୍କ **'ମାନସ ମନ୍ଥନ'**ର ଉଚ୍ଛ୍ୱାସ ପାଠକଙ୍କୁ ଅଖଣ୍ଡ ଆନନ୍ଦ ଓ ଶାନ୍ତିର ସନ୍ଧାନ ଦେଉ । ଏତିକି କାମନା ।

ପ୍ରାଧ୍ୟାପକ ରମେଶ ଦାସ

ପ୍ରାଧ୍ୟାପକ ରମେଶ ଦାସ
ଦିବ୍ୟ ବିହାର, ସାମନ୍ତରାପୁର

ସୂଚୀପତ୍ର

ମଙ୍ଗଳାଚରଣ	●	17
ଆଦି ଶଙ୍କରଙ୍କ ଜୀବନ ଗାଥା	●	19
ପ୍ରଥମ ପାହାଚ - ମୂଢ଼ମତି	●	43
ଦ୍ୱିତୀୟ ପାହାଚ - ଧନତୃଷ୍ଣା	●	51
ତୃତୀୟ ପାହାଚ - ଦେହମୋହ	●	54
ଚତୁର୍ଥ ପାହାଚ - ଚପଳତା	●	58
ପଞ୍ଚମ ପାହାଚ - ଲୋଭ	●	63
ଷଷ୍ଠ ପାହାଚ - ପ୍ରାଣବାୟୁ	●	66
ସପ୍ତମ ପାହାଚ - ଆସକ୍ତି	●	69
ଅଷ୍ଟମ ପାହାଚ - ପରିବାର ମୋହ	●	75
ନବମ ପାହାଚ - ସତ୍‌ସଙ୍ଗ	●	81
ଦଶମ ପାହାଚ - କାମବିକାର	●	89
ଏକାଦଶ ପାହାଚ - ଅହଂକାର	●	92
ଦ୍ୱାଦଶ ପାହାଚ - କାଳର ଖେଳ	●	96
ତ୍ରୟୋଦଶ ପାହାଚ - ସତ୍ୟ ସନ୍ଧାନ	●	102
ଚତୁର୍ଦ୍ଦଶ ପାହାଚ - ଅଭିନୟ	●	105

ପଞ୍ଚଦଶ ପାହାଚ - ଦାମ୍ଭିକତା	✸	108
ଷଷ୍ଠଦଶ ପାହାଚ - ଆଶା	✸	111
ସପ୍ତଦଶ ପାହାଚ - ଅଜ୍ଞାନତା	✸	113
ଅଷ୍ଟଦଶ ପାହାଚ - ଭୋଗ	✸	115
ଊନବିଂଶ ପାହାଚ - ସନ୍ନ୍ୟାସ	✸	118
ବିଂଶ ପାହାଚ - ଗୁରୁଆଶୀଷ	✸	124
ଏକବିଂଶ ପାହାଚ - ଜୀବନଚକ୍ର	✸	132
ଦ୍ୱାବିଂଶ ପାହାଚ - ତୃପ୍ତି	✸	137
ତ୍ରୟୋବିଂଶ ପାହାଚ - ଜୀବନଯାତ୍ରା	✸	140
ଚତୁର୍ବିଂଶ ପାହାଚ - ବିଷ୍ଣୁମୟ ଜଗତ	✸	143
ପଞ୍ଚର୍ବିଂଶ ପାହାଚ - ପର ଅପର	✸	148
ଷଷ୍ଠର୍ବିଂଶ ପାହାଚ - ମମକାର	✸	154
ସପ୍ତର୍ବିଂଶ ପାହାଚ - ସତ୍‌ପଠନ	✸	158
ଅଷ୍ଟର୍ବିଂଶ ପାହାଚ - ମଣିଷ ପ୍ରକୃତି	✸	162
ଊନତ୍ରିଂଶ ପାହାଚ - ଅର୍ଥଚିନ୍ତା	✸	165
ତ୍ରିଂଶ ପାହାଚ - ସମାଧି	✸	170
ଶେଷ (ଏକତ୍ରିଂଶ) ପାହାଚ - ମୁକ୍ତି	✸	180

ମଙ୍ଗଳା ଚରଣ

(ରାଗ–କଳସା)

ଶ୍ରୀ ଗଣେଶ ଦୟାବନ୍ତ ପିତା ମହେଶ୍ୱର ।
ଆଶୀର୍ବାଦ ଭିକ୍ଷା କରି କରେ ନମସ୍କାର ।।
ଯେଉଁ କାର୍ଯ୍ୟ କରିବାକୁ କରିଛି ପ୍ରୟାସ ।
ମନୋବାଞ୍ଛା ପୂର୍ଣ୍ଣ ହେବ କରିଲେ ଆଶିଷ ।।
ଶ୍ରୀମୁଖରୁ ପ୍ରଚାରିତ 'ମୋହ ମୁଦ୍‌ଗର'' ।
ମୋହ ଭଗ୍ନ ପାଇଁ ଯାହା ଅଟେ ଶ୍ରେୟସ୍କର ।।
ସୃଷ୍ଟି ସ୍ଥିତ ଲୟ ଦେବ ବ୍ରହ୍ମା-ବିଷ୍ଣୁ-ଶିବ ।
ସକଳ ଆଶିଷ ଭିକ୍ଷା ସହାୟକ ହେବ ।।
ସେହି ଶାସ୍ତ୍ର ଓଡ଼ିଆରେ କାବ୍ୟିକ ଧାରାରେ ।
ପ୍ରକାଶନ ପାଇଁ ଇଚ୍ଛା କରିଛି ମନରେ ।।
ଶିବ-ପାର୍ବତୀଙ୍କ ପାଦେ କୋଟି ନମସ୍କାର ।
ଯାହା ଆଶୀର୍ବାଦ ବିନା ନ ହେବ ସାକାର ।।
ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚରଣେ ।
ବନ୍ଦନା କରୁଛି ଦାସ କରୁଣା କାରଣେ ।।
ଶକ୍ତି ପ୍ରଦାୟିନୀ ମାତା ଦିଅନ୍ତୁ ଶକତି ।
ଯେ ଶକ୍ତି ବଳରେ ପୂର୍ଣ୍ଣ ହେବ କାବ୍ୟ ପଂକ୍ତି ।।
ସକଳ ଦେବଦେବୀଙ୍କ ପଦରେ ଦୟିନୀ ।
କରୁଣା ପ୍ରଦାନେ କେହି ଊଣା କରିବେନି ।।

କଳି ଯୁଗେ ପରଂବ୍ରହ୍ମ ସାଇ ଅବତାର ।
ଆଶିଷ ଭିକ୍ଷା ମାଗୁଛି ପାଦରେ ତାଙ୍କର ।।
ସାଇ-ସରସ୍ୱତୀ କଣ୍ଠେ ପଦ କହିଦେବେ ।
ଶ୍ରୀ ଗଣେଶ ସୂକ୍ଷ୍ମରୂପେ ଲେଖନୀ ଧରିବେ ।।
ଶକ୍ତିମୟୀ ଦେବେ ଶକ୍ତି କାବ୍ୟ ହେବ ପୂର୍ଣ୍ଣ ।
ଲେଖକ-ପାଠକ ଶ୍ରୋତା ସର୍ବେ ହେବେ ଧନ୍ୟ ।।
ବ୍ୟାସ,ପରାଶର,ପଦେ ମାଗୁଛି ଆଶିଷ ।
ପ୍ରଣାମ କରୁଛି ବାଲମିକ କାଳିଦାସ ।।
ଯାଜ୍ଞବଳକ, ଜଗତ୍‌ଗୁରୁ, ସନକ, ସନତ ।
ନାରଦ, ଶୁକ, ଶୌନକ ମୁନି ବିଶ୍ୱାମିତ୍ର ।।
ଆବର ସକଳ ମୁନି ପଦରେ ବନ୍ଦଇ ।
ବିସ୍ମୃତି କରିବେ ଦୂର ପଦ ଦେବେ କହି ।।
ଉପଇନ୍ଦ୍ର, ଦୀନ କୃଷ୍ଣ, ସାମନ୍ତ ସିଂହାର ।
ଜୟଦେବ, ଜଗନ୍ନାଥ ଦାସ, ଗଙ୍ଗାଧର ।।
ଭୀମଭୋଇ, ବଳରାମ, ରବୀନ୍ଦ୍ର, କବୀର ।
ବଳଦେବ, ସାରଳାଦି ଆନ କବିକୁଳ ।।
ସମସ୍ତଙ୍କ ଚରଣରେ ମିନତି କରଇ ।
ଲେଖିବାକୁ ଏହି କାବ୍ୟ ଆଶିଷ ମାଗଇ ।।
ଓଡ଼ିଆ କାବ୍ୟ ଜଗତେ ତୁମ୍ଭେ ଧ୍ରୁବତାରା ।
ପ୍ରତି ପଦେ ପୂରି ରହୁ ତବ ଭାବ ଧାରା ।।
ପ୍ରାଚୀନ ଧାରାରେ ଏହି କାବ୍ୟ ରଚିବାକୁ ।
ଆଶିଷ ମାଗୁଛି ସର୍ବ ଗୁରୁ ଦେବତାଙ୍କୁ ।।
ପ୍ରତି ଛନ୍ଦ, ପ୍ରତି ପଦ ପ୍ରତି ଅକ୍ଷରରେ ।
ପୂରି ରହୁ ତୁମ୍ଭ ଭାବ ଅକ୍ଷର ବ୍ରହ୍ମରେ ।।

ଆଦି ଶଙ୍କରଙ୍କ ଜୀବନ ଗାଥା

(ରାଗ-ରାମକେରୀ)

(୧)

ଶଙ୍କର ତୁମର ଜୀବନୀ
ଆଜି ଲେଖିବା ପାଇଁ
କରୁଛି ପ୍ରଣାମ ଚରଣେ
ଦିଅ ମତେ ଲେଖାଇ ।୧।
ଆଶୀର୍ବାଦ ବିନା ଲେଖିବା
କେବେ ନୁହେଁ ସମ୍ଭବ
ମଥାପାତି ତେଣୁ ବନ୍ଦଇ
ବାରେ ସୁଦୟା ହେବ ।୨।
ତୁମେ ଅବତାର ପୁରୁଷ
ତୁମ ଜୀବନ କଥା
ପ୍ରତି ପଦେ ଭରି ରହିଛି
ସାରା ସଂସାର ଗାଥା ।୩।
ସ୍ୱଳ୍ପାୟୁ ଜୀବନ କାଳରେ
ବହୁ ଅମୂଲ୍ୟ ଗ୍ରନ୍ଥ
କରିଚ ରଚନା ଯାହାର
ନାହିଁ ଆଦି ବା ଅନ୍ତ ।୪।

'ମୋହ ମୁଦ୍‌ଗର' ତନ୍ମଧ୍ୟେ
ଏକ ଶ୍ରେଷ୍ଠ ରଚନା
ବତିଶ ପଦରେ କରିଛ
ଯାହା ତୁମେ ସର୍ଜନା ।୫।
ମୋହ ଭଗ୍ନ ପାଇଁ ପ୍ରଚେଷ୍ଟା
ପ୍ରତି ପଦେ ହୋଇଛି
ମୁଦ୍‌ଗର କରି ଆୟୁଧ
ପଦ ସୃଷ୍ଟି ହୋଇଛି ।୬।
ତନ୍‌ମଧ୍ୟରୁ ମୁଖ୍ୟ ଷୋଳଟି
ପଦ ଷୋଳଟି ଛାନ୍ଦେ
ବର୍ଣ୍ଣିତ ଏ କାବ୍ୟେ ବିଶେଷେ
ତତ୍ତ୍ୱ ବିବିଧ ବନ୍ଧେ ।୭।
ଏ ଯୁଗର ଦିବ୍ୟ ପୁରୁଷ
ସତ୍ୟସାଇ ରୂପରେ
ଜନମି ଅଛନ୍ତି ଧରାରେ
ବାସ ପ୍ରଶାନ୍ତି ଠାରେ ।୮।
ସଂହାର ନକରି ସଂସ୍କାର
ତାଙ୍କ ମୂଳ ଆଧାର
ବିପଥ ମନୁଷ୍ୟ ସମାଜ
ପାଇଁ ସେ ଦିବାକର ।୯।
ଗ୍ରୀଷ୍ମକାଳ ଶିକ୍ଷା ଶିବିରେ
ଏହି ଷୋଳଟି ପଦ
କାର୍ଯ୍ୟକ୍ରମ ହେଲା ସ୍ଥାନିତ
ନାମ ଭଜ ଗୋବିନ୍ଦ ।୧୦।
ସେହି ପଥକରି ଆଶ୍ରୟ
ଏହି କାବ୍ୟ ରଚନା
ଓଡ଼ିଆ ଭାଷାରେ ରଚିତ
ପାଇଁ କଲି କଳ୍ପନା ।୧୧।

ଶଙ୍କରଙ୍କୁ କରି ଆଶ୍ରୟ
ଏହି କାବ୍ୟ ଲିଖନ
ସତ୍ୟ ସାଇଙ୍କର ଆଶିଷ
ବଳେ କଲି ପୂରଣ ।୧୨।
ସଂହତି ନିମିତ୍ତ ମାତର
ସ୍ରଷ୍ଟା ଶ୍ରୀ ସତ୍ୟ ସାଇ
ଶଙ୍କର ହୃଦୟେ ବିରାଜି
ପଦ ଦେବେ ବସାଇ ।୧୩।
ଷୋଳଟି ପାହାଚେ ବର୍ଣ୍ଣିତ
ହେଲା ତତ୍ତ୍ୱ ରହସ୍ୟ
ଶଙ୍କରାଚାର୍ଯ୍ୟଙ୍କ ଜୀବନୀ
ଲେଖି କରିଛି ଶେଷ ।୧୪।
ପନ୍ଦର ଛନ୍ଦକୁ ସଂକ୍ଷିପ୍ତ
ଭାବେ କଲି ବର୍ଣ୍ଣନା
ନବର୍ଣ୍ଣିଲେ ସୁଧି ସମାଜ
ମୋତେ ଦେବେନି କ୍ଷମା ।୧୫।
ସହସ୍ର ଫଣାରେ ଅନନ୍ତ
ଯାହା ନପାରେ କହି
କିପରି ଜୀବନ ଗାଥାକୁ
ବର୍ଣ୍ଣପାରିବି ମୁହିଁ ।୧୬।
ସାର କଥା କିଛି ଜାଣିବା
ପାଇଁ କରେ ବର୍ଣ୍ଣନା
କ୍ଷୁଦ୍ର ଦୀପାଳୀରେ ସୂର୍ଯ୍ୟଙ୍କ
ଆବାହନ ବନ୍ଦନା ।୧୭।
ସାଧୁଜନ ପଦେ ବିନତି
କୃତାଞ୍ଜଳି ପୁଟରେ
କ୍ଷମାଦେବ ଏହି ଅବୋଧେ
ମହୀୟାନ ଗୁଣରେ ।୧୮।

ଏକ ଏକ ସିଡ଼ି ଚଢ଼ିଣ
ଶେଷ ପାବଛେ ଯାଇ
ମୁକତିର ପଥ ଦେଖିବ
ମୁଢ଼ମତି ଚିନ୍ତଇ ।୧୯।

(୨)

ପୂଣ୍ୟଭୂମି ଏହି ଭାରତ
ମହା ସାଧନା ପୀଠ
ଜନମି ଅଛନ୍ତି ଏଠାରେ
ବୁହୁ ସନ୍ଥ ସାଧକ ।୨୦।
କେତେ ଅବତାର ଜନମ
ଏହି ପୂଣ୍ୟ ମାଟିରେ
ପବିତ୍ର ହୋଇଛି ଏ ଧରା
ତାଙ୍କ ଲୀଳା ଖେଳାରେ ।୨୧।
ଅଦ୍ୱୈତ ବାଦର ସାଧକ
ଜଗଦ୍‌ଗୁରୁ ଶଙ୍କର
ଜନ୍ମିଥିଲେ କାଲଟି ଗ୍ରାମରେ
କେରଳ ପ୍ରଦେଶର ।୨୨।
ପିତା ଶିବଗୁରୁ, ଆର୍ଯ୍ୟାମ୍ବା
ମାତା ମହା ତପେଣ
କରିଥିଲେ ପୁତ୍ର ଶଙ୍କର
ତାଙ୍କ କୋଳ ମଣ୍ଡନ ।୨୩।
ପତି-ପତ୍ନୀ ତପ ସାଧିଲେ
ପୁତ୍ରଲାଭ ଆଶାରେ
ହେଲେ ଚନ୍ଦ୍ରମୌଳୀ ପ୍ରସନ୍ନ
ଦେଖାଦେଲେ ସ୍ୱପ୍ନରେ ।୨୪।
ଶଙ୍କର କହିଲେ ସନ୍ତୋଷେ
ଆଖି ଖୋଲ ଏଥର
ଦେବି ବର ମାଗ ଆନନ୍ଦେ
ଆଉ ଦୁଃଖ ନକର ।୨୫।

ତୁମେ ଏକାଧାରେ ପଣ୍ଡିତ
ପୁଣି ଜ୍ଞାନୀ ଧାର୍ମିକ
କୁହ କେଉଁ ପରି ସନ୍ତାନ
ଲଭି ହେବ ସନ୍ତୋଷ ।୨୬।
ସର୍ବ ସୁଗୁଣର ସନ୍ତାନ
ପୁତ୍ର ଜନ୍ମିବ ଯେବେ
ଅଳ୍ପ ପରମାୟୁ ତାହାର
ଏହା ନିଶ୍ଚିତ ଭବେ ।୨୭।
ନିର୍ବୋଧ ବିଧର୍ମୀ ଅଗୁଣ
ପୁତ୍ର ହେଲେ ପ୍ରାପତ
ବଞ୍ଚିବ ଅଶେଷ ବରଷ
ଦୁଃଖ ଦେବ ବହୁତ ।୨୮।
କୁହ ଚିନ୍ତା କରି ଉଭୟେ
ଆଉ କରନା ଡେରି
କରିବି ପୂରଣ ଅବଶ୍ୟ
ଢାଳି ଆଶୀଷ ବାରି ।୨୯।
ଗୁଣବାନ ପୁତ୍ର ପ୍ରଦାନ
କର ଦୃଢେ କହିଲେ
'ତଥାସ୍ତୁ' କହିଣ ଶଙ୍କର
ଅନ୍ତର୍ଦ୍ଧାନ ହୋଇଲେ ।୩୦।
ସାତଶ ଅଠାଶୀ ଖ୍ରୀଷ୍ଟାବ୍ଦ
ପୁଣ୍ୟ ବୈଶାଖ ମାସେ
ରବିବାର ଶୁକ୍ଳପଞ୍ଚମୀ
ତିଥି ତହିଁରେ ମିଶେ ।୩୧।
ଜନମିଲେ ପୁତ୍ର ସନ୍ତାନ
କୋଳ କରି ମଣ୍ଡନ
ଯା'ର ଭବିଷ୍ୟତ ଗୌରବ
ଅଛି ଚିର ମହାନ ।୩୨।

ଚନ୍ଦ୍ରକଳା ପରି ବଢ଼ିଲେ
ସିଏ ଦିନକୁ ଦିନ
ମାତୃଭାଷା ସ୍ପଷ୍ଟ କହିଲେ
ବର୍ଷେ ହୋଇଲା ପୂର୍ଣ୍ଣ ।୩୩।
ପିତାଙ୍କ ଶ୍ରୀମୁଖୁ ଶୁଣିଲେ
ରାମାୟଣ ବିଷୟ
ଆବୃତି କରିଲେ ତତ୍‌କ୍ଷଣେ
ଲାଗେ ବଡ଼ ବିସ୍ମୟ ।୩୪।
ଦୁଇ ବରଷର ବାଳକ
ଶୁଣି ରଖନ୍ତି ମନେ
ସ୍ମୃତି ଶକ୍ତି ଦେଖି ବିସ୍ମିତ
ହେଲେ ଶୁଣିବା ଜନେ ।୩୫।
ତୃତୀୟ ବରଷେ ସମ୍ପନ୍ନ
ହେଲା ଅନ୍ନ ପ୍ରାଶନ
ପିତା ଏଣେ ଆଖି ବୁଜିଲେ
ହେଲା ଦୁଃଖ ଦାରୁଣ ।୩୬।
ପଞ୍ଚମ ବର୍ଷରେ ଶିଶୁର
ଉପନୟନ ହେଲା
ଜନନୀ ଆଦେଶେ ପଠନେ
ଗୁରୁ ଗୃହକୁ ଗଲା ।୩୭।
ଦୁଇବର୍ଷ ରହି ଗୁରୁଙ୍କ
ପାଖେ ପଢ଼ିଲେ ପାଠ
ଚାରିବେଦ ସହ, ଜୈମିନୀ
ପୂର୍ବ-ମୀମାଂସା ଶାସ୍ତ୍ର ।୩୮।
କପିଳଙ୍କ ସାଂଖ୍ୟ ଶାସ୍ତ୍ରରେ
ହେଲେ ମହାପଣ୍ଡିତ
ବ୍ୟାସ ଦେବଙ୍କର ବେଦାନ୍ତ
ଶାସ୍ତ୍ର କଲେ କଣ୍ଠସ୍ଥ ।୩୯।

ଗବେଷଣା କଲେ ଦର୍ଶନ
ଶାସ୍ତ୍ର ଗୁଢ଼ ଭାବରେ
ଆତ୍ମ ଜ୍ଞାନ ପ୍ରାପ୍ତି ହୋଇଲେ
ପାତଞ୍ଜଳି ଯୋଗରେ ।୪୦।
ଉଚ୍ଚାରଣେ ଥିଲା ଶୁଦ୍ଧତା
ବାଖ୍ୟା ହୃଦୟ ଗ୍ରାହୀ
ଅଲୌକିକ ଶିଶୁ ପ୍ରତିଭା
ଗୁରୁ ଆଚାର୍ଯ୍ୟ ହୋଇ ।୪୧।
ବେଦରେ ବ୍ରହ୍ମାଙ୍କ ସମାନ
ମୁନି ଋଷୀ କହିଲେ
ବେଦାଙ୍ଗରେ ଗାର୍ଗ୍ୟ ସଦୃଶ
ଏହା ମାନିବା ଭଲେ ।୪୨।
ବେଦାଙ୍ଗ ତାତ୍ପର୍ଯ୍ୟ ନିର୍ଣ୍ଣୟେ
ବୃହସ୍ପତି ସମାନ
ଜୈମିନୀ ସହିତ ସମାନ
ବେଦ ବିହିତ କର୍ମ ।୪୩।

(୩)

ଅବତାର ସିଏ ବ୍ୟାସଙ୍କ
ବୋଲି ହୁଏ ପ୍ରତୀତ
ନାହିଁ ଏ କଥାରେ ଦ୍ୱିମତ
ମୁନି ବଚନ ସତ୍ୟ ।୪୪।
ଚନ୍ଦ୍ରମୌଳି ନର ଦେହରେ
ହୋଇଛନ୍ତି ଜନମ
ନାମ ବହିଛନ୍ତି ଶଙ୍କର
ଅଛି ବହୁ ପ୍ରମାଣ ।୪୫।
ବାଲ୍ୟକାଲୁ ବାଳ ସନ୍ନ୍ୟାସୀ
ଲୀଳା ଅଦ୍ଭୁତ ଅତି
ଦେଖିବା ଶୁଣିବା ମଣିଷ
ମନେ ଆଣଇ ପ୍ରୀତି ।୪୬।

ଯାଇଥିଲେ ଭିକ୍ଷା ନିମିତ୍ତ
ଏକ ଗରିବ ଘର
ନଥିଲା ଗୃହସ୍ଥ ପତ୍ନୀଙ୍କ
ପାଖେ କିଛି ତଣ୍ଡୁଳ ।୪୭।
ନଥିଲା କୌଣସି ଦରବ
ଦାନ କରିବା ପାଇଁ
ଶୁଖିଲା ଅଁଳା ଗୋଟିଏ
ଥାଳେ ରଖିଲେ ନେଇ ।୪୮।
ବିନୟରେ ମୃଦୁ କଣ୍ଠରେ
ଗୃହ ପତ୍ନୀ କହିଲେ
ଦରିଦ୍ର ଏ ଶୂନ୍ୟ କୁଡ଼ିଆ
ନିଅ ସନ୍ତୋଷ ଭରେ ।୪୯।
ଶ୍ରୀ ଲକ୍ଷ୍ମୀଙ୍କୁ କଲେ ପ୍ରାର୍ଥନା
ଉଭା ହେଲେ ଜନନୀ
କହିଲେ କି ବର ମାଗିନେ
ଜମା ଡେରି କରନି ।୫୦।
ଯଦି ମା' ସନ୍ତୋଷ ମୋ ପରେ
ଏହି ଦରିଦ୍ର ଘର
ପୁରି ଉଠୁ ଧନ ସମ୍ପଦେ
ହସି ଉଠୁ ସଂସାର ।୫୧।
ବରଷିଲା ସୁନା ଅଁଳା
ଘର ହେଲା ପୂରଣ
ଏକ ଦେଇ ଲକ୍ଷ ପାଇଲା
ଧନ ତାହାର ପୁଣ୍ୟ ।୫୨।
ଗୁରୁ ଗୃହ ଛାଡ଼ି ଶଙ୍କର
ସ୍ୱଗୃହକୁ ଫେରିଲେ
ଜନନୀଙ୍କ ପାଦେ ପ୍ରଣମି
ପ୍ରେମେ ବନ୍ଦନା କଲେ ।୫୩।

ଶିଶୁକାଳୁ ତାଙ୍କ ଜନକ
ନେଇଥିଲେ ବିଦାୟ
ଜନନୀ ଆର୍ଯ୍ୟାମ୍ବା ଏକାକୀ
କାଟୁଥିଲେ ସମୟ ।୫୪।
ନିଜକୁ କରିଲେ ଉତ୍ସର୍ଗ
ମାତା ସେବା କାରଣେ
ନିତ୍ୟ ନୈମିତ୍ତିକ କର୍ମରେ
ପୁଣି ବେଦାଧ୍ୟୟନେ ।୫୫।
'ପୂର୍ଣ୍ଣାନଦୀ' ମହା ପବିତ୍ର
ଲେଖା ସ୍ୱର୍ଣ୍ଣ ଅକ୍ଷରେ
ବହି ଯାଉଥାଏ ଗ୍ରାମର
ଶେଷେ ଅନତୀ ଦୂରେ ।୫୬।
ସବୁଦିନ ମା' ଆର୍ଯ୍ୟାମ୍ବା
ସ୍ନାନ କରିବା ପାଇଁ
ଯାଇଥାନ୍ତି ଚାଲି ସେଠାକୁ
ପ୍ରେମ ହରଷ ହୋଇ ।୫୭।
ଗ୍ରୀଷ୍ମକାଳେ ଥରେ ଫେରିବା
ବେଳେ ହେଲେ ମୂର୍ଚ୍ଛିତା
ମାତାଙ୍କ ଫେରିବା ବିଳମ୍ବ
ଦେଖି ବଢ଼ିଲା ଚିନ୍ତା ।୫୮।
ଅନ୍ୱେଷଣ ପାଇଁ ଶଙ୍କର
ନଦୀକୂଳକୁ ଗଲେ
ଜନନୀ ମୂର୍ଚ୍ଛିତା ଶରୀର
ଅଧା ବାଟେ ଦେଖିଲେ ।୫୯।
ବାରଣ କରିଲେ ଭକ୍ତିରେ
ଦୂରେ ନଯିବା ପାଇଁ
ନଦୀ ସ୍ନାନ ମନା ପ୍ରସ୍ତାବ
ମାତା ମଙ୍ଗିଲେ ନାହିଁ ।୬୦।

'ଶଙ୍କର'ଙ୍କୁ କଲେ ପ୍ରାର୍ଥନା
ଭକ୍ତିଭରେ ଶଙ୍କର
ସନ୍ତୋଷ ଲଭିଲେ ଶଙ୍କର
ଉଭା ହେଲେ ଆଗର ।୬୧।
ମନଇଚ୍ଛା ବର ମାଗ ତୁ
ପ୍ରଭୁ ଦେଲେ ନିର୍ଦ୍ଦେଶ
ସଦୟ ହୋଇଛ ମୋ ପରେ
ଶୁଣ ହେ ଉମାଇଶ ।୬୨।
ବହିଯାଏ 'ପୂର୍ଣ୍ଣା' ଅଦୂରେ
କଳ କଳ ନାଦରେ
ବୃଦ୍ଧା ମାତା ମୋର ଅକ୍ଷମ
ସ୍ନାନେ ଯିବାକୁ ଦୂରେ ।୬୩।
ସେ ନଦୀରେ ସ୍ନାନ ପୁଣ୍ୟର
ଫଳ ପାଇବା ପାଇଁ
ଏତିକି ସୁଦୟା ହେଉ ହେ
ନୀଳକଣ୍ଠ ଗୋସାଇଁ ।୬୪।
ନଦୀ ଗତି ଯାଉ ବଦଳି
ଏହି ଆଶିଷ ହେବ
ଆଜିଠାରୁ ଘର ପାଖରେ
ପୂର୍ଣ୍ଣା ନଦୀ ବହିବ ।୬୫।
'ତଥାସ୍ତୁ' କହିଣ ଶଙ୍କର
ଅନ୍ତର୍ଦ୍ଧାନ ହୋଇଲେ
ଘର ନିକଟରେ ସେଦିନୁ
ନଦୀ ବହୁଛି ଭଲେ ।୬୬।
ସରବେ ହୋଇଲେ ଚକିତ
ଦେଖି ଅପୂର୍ବ ଲୀଳା
ପ୍ରଚାରିତ ହେଲା ଜଗତେ
ଏହି ଶଙ୍କର ଲୀଳା ।୬୭।

(୪)

ଦିନ ପରେ ଦିନ ଗଡ଼ିଲା
ହେଲା ଅଷ୍ଟମ ବର୍ଷ
ସଂସାର ଲାଗିଲା ଦୁଃସହ
ଚିନ୍ତା ନେବେ ସନ୍ନ୍ୟାସ ।୬୮।
ଦିନେ ସନ୍ଧ୍ୟାକାଳେ ଶଙ୍କର
ବସିଥିଲେ ଧ୍ୟାନରେ
ସାଧୁ ଏକ ଆସି ପହଞ୍ଚି
ଗଲେ ତାଙ୍କ ଆଗରେ ।୬୯।
ମନକଥା ତାଙ୍କୁ କହିଲେ,
ଦେଲେ ସେ ଉପଦେଶ
''ମାତୃ ଇଚ୍ଛା ବିନା କିପରି
ତୁମ୍ଭେ ନେବ ସନ୍ନ୍ୟାସ ।୭୦।
ଗୋବିନ୍ଦ-ପାଦଙ୍କୁ ଗୁରୁରେ
ତୁମେ କର ଗ୍ରହଣ
ଅବଶ୍ୟ ଦିଶିବ ସଦ୍‌ମାର୍ଗ
ଚିନ୍ତାହେବ ହରଣ ।୭୧।''
ଦିବ୍ୟ ଲୀଳା ହେଲା ପ୍ରଚାର
ଶୁଣି ଅଲୌକିକତା
ଆସିଲେ ପଣ୍ଡିତ ଜାଣିବା
ପାଇଁ ଏ ବିଚିତ୍ରତା ।୭୨।
ଗଣନା କରିଲେ କୋଷ୍ଠୀକୁ
ହେଲେ ଅତି ପ୍ରସନ୍ନ
ନୁହେଁ ସାଧାରଣ ମଣିଷ
ଏ'ତ ଦିବ୍ୟ ମହାନ ।୭୩।
କହିଲେ ବିରସ ହୃଦୟେ
ଆୟୁ ଷୋଳ ବରଷ
ଶୁଣି ମାତାଙ୍କର ହୃଦୟେ
ଭରିଗଲା ବିରସ ।୭୪।

ବିକଳେ କରିଲେ ରୋଦନ
ଶୁଣି ଦାରୁଣ ବାଣୀ
ବୁଝାଇଲେ ପୁତ୍ର ମାତାଙ୍କୁ
ଧୈର୍ଯ୍ୟ ଧରିବା ପାଇଁ ।୭୫।
ଜନ୍ମ ଲାଭ କଲେ ମରଣ
ହେବ ଦୃଢ଼ ନିଶ୍ଚିତ
କ୍ଷଣ ଭଙ୍ଗୁର ଏ ଶରୀର
ଏ ସଂସାର ଅନିତ୍ୟ ।୭୬।
କେ କାହାର ପୁତ୍ର କିଏ ବା
କା'ର ପିତା ଜନନୀ
ମୋହଗ୍ରସ୍ତ ସାରା ସଂସାର
ମୁକ୍ତି ଭୁଲିଛି ପ୍ରାଣୀ ।୭୭।
ତେଣୁ ନେବା ପାଇଁ ସନ୍ନ୍ୟାସ
ମୋର ବଳିଛି ମନ
ଦିଅ ଅନୁମତି ଜନନୀ
ମୁହିଁ ହୋଇବି ଧନ୍ୟ ।୭୮।
ଶୁଣି ଏ ବୈରାଗ୍ୟ ସମ୍ବାଦ
ମାତା କଲେ କ୍ରନ୍ଦନ
"ତୁ ମୋର ଆଖି ପିତୁଳା
ମୋର ଜୀବନ ଧନ ।୭୯।
ତୋ ପିତା ବିୟୋଗ ଦୁଃଖକୁ
ମୁହିଁ ଯାଇଛି ସହି
ଜୀବନ ଧରିଛି କେବଳ
ତୋର ମୁହଁକୁ ଚାହିଁ ।୮୦।
ଚାଲିଗଲେ ମୋତେ ବରଜି
ଶେଷ ସମୟେ ମୋର
କିଏ ଦେବ ପାଣି ତୁଣ୍ଡରେ
କର୍ମ କରିବ ମୋର" ।୮୧।

ରହିଲେ ମଉନ ଏ'କଥା
ଶୁଣି ଜନନୀ ମୁଖୁ
ସ୍ମରଣ କରନ୍ତି ଈଶ୍ୱର
ପାରି କରିବେ ଦୁଃଖୁ ।୮୨।
ବ୍ୟାକୁଳିତ ହେଲା ହୃଦୟ
ଶୁଣି ସ୍ୱଳ୍ପାୟୁ କଥା
ଜୀବନର ମହା ଉଦ୍ଦେଶ୍ୟ
ପାଇଁ ଘୂରଇ ମଥା ।୮୩।
ବାରବାର ନେବେ ଜନମ
ମୃତ୍ୟୁ ଆବର୍ତ୍ତେ ପଡ଼ି
ମାତା ଅନୁମତି ନନେଇ
ଗୃହ ହେବନି ଛାଡ଼ି ।୮୪।
ଲକ୍ଷ୍ୟପୂର୍ଣ୍ଣ ପାଇଁ ସଦୟ
ଦିନେ ହେଲେ ଈଶ୍ୱର
ପୂର୍ଣ୍ଣାନଦୀ ମଧ୍ୟେ ସ୍ନାହାନ
କରୁଥିଲେ ଶଙ୍କର ।୮୫।
କୁମ୍ଭୀର ଧରିଲା ଆକର୍ଷି
ଦୁଇ ପାଦ ଯୁଗଳ
ଡାକିଲେ ବିକଳ କଣ୍ଠରେ
''ମତେ କର ଉଦ୍ଧାର'' ।୮୬।
କେହି କରିଲେନି ସାହସ
ଦେଖି ଭରା ନଈକୁ
ମାତା ଧାଇଁ ଆସି ବିକଳେ
କହନ୍ତି ସକଳଙ୍କୁ ।୮୭।
ସତେ ଆଜି ପୁତ୍ର ମୋହର
ଏଠି ପ୍ରାଣ ହାରିବ
ଜ୍ୟୋତିଷ ମାନବ ଗଣନା
କ'ଣ ସତ ହୋଇବ ।୮୮।

ଏ ବେଳେ ଶୁଣିଲେ ଶଙ୍କର
ଅତି ବିକଳ ସ୍ୱରେ
କହୁଛି ଜନନୀ ଜୀବନ
ଦୀପ ଲିଭିଲା ଜଳେ ।୮୯।
ଥିଲା ଅଭିଳାଷ ମୋହର
ନେଇଥାନ୍ତି ସନ୍ନ୍ୟାସ
ପୂରଣ ନୋହିଲା ସେ ଆଶା
ଛାଡ଼େ ଶେଷ ନିଃଶ୍ୱାସ ।୯୦।
ତଥାପି ରହିଛି ସମୟ
ବାରେ ସୁଦୟା କର
ସହାସ୍ୟ ହୃଦୟେ ସନ୍ନ୍ୟାସ
ଆଜ୍ଞା ପ୍ରଦାନ କର ।୯୧।
ଶେଷ ମୁହୂର୍ତ୍ତରେ ସନ୍ନ୍ୟାସ
ଧର୍ମ ଗ୍ରହଣ କଲେ
ପରମ ଗତିକୁ ଲଭିବି
ଏହି ଜୀବନ କାଳେ ।୯୨।
ନେବାରୁ ସନ୍ନ୍ୟାସ ଜୀବନ
ଛାଡ଼ିପାରେ କୁମ୍ଭୀର
ଉଦ୍ଧାର ହୋଇଲେ ମଙ୍ଗଳ
ହେବ ନିଶ୍ଚେ ସୃଷ୍ଟିର ।୯୩।
ଅନୁମତି ଦେଲେ ଜନନୀ
ତୃପ୍ତ ହେଲେ ଶଙ୍କର
ସନ୍ନ୍ୟାସ କରିଲେ ଗ୍ରହଣ
ସାକ୍ଷୀ ରଖି ଈଶ୍ୱର ।୯୪।
ଆଶ୍ଚର୍ଯ୍ୟ ହୋଇଲେ ସକଳ
ଦେଖି ବିଚିତ୍ର ଲୀଳା
ଧରିଥିବା କ୍ରୂର କୁମ୍ଭୀର
ତାଙ୍କୁ ମୁକ୍ତ କରିଲା ।୯୫।

ଧନ୍ୟ ଧନ୍ୟ ତୁମେ ଜନନୀ
ଧନ୍ୟ ତୁମ୍ଭର ତପ
ତୁମରି ଆଶିଷ ବଳରେ
ପୁତ୍ର ହୋଇଲା ମୁକ୍ତ ।୯୬।

(୫)

ଶଙ୍କର ଛାଡ଼ିଲେ ସଂସାର
ମାତା ଆଶିଷ ନେଇ
'ମୋର ଅଭିଳାଷ ପୂରଣ
କରିବୁ ଭଲେ ତୁହି ।୯୭।
ମୃତ୍ୟୁ କାଳେ ମୋର ନିକଟେ
ଉପସ୍ଥିତ ରହିବୁ
ନିଜ ହାତେ ମୋର ଶରୀର
ତୁହି ଦାହ କରିବୁ' ।୯୮।
ସମ୍ମତି ଜଣାଇ ଜନନୀ
ବାକ୍ୟେ, ଘର ଛାଡ଼ିଲେ
ପୈତୃକ ସମ୍ପତ୍ତି ଆତ୍ମୀୟ
ହସ୍ତେ ଅର୍ପଣ କଲେ ।୯୯।
ମାତାଙ୍କ ଦାୟିତ୍ୱ ସେମାନେ
ସବୁ କାଳେ ବହିବେ
ସ୍ମରଣ ମାତ୍ରକେ ନିଶ୍ଚେ ସେ
ଉପସ୍ଥିତ ହୋଇବେ ।୧୦୦।
ଚରଣ ଧୂଳିକୁ ମଥାରେ
ବୋଳି ଜନନୀଙ୍କର
ପଦ ବଢ଼ାଇଲେ ଆଗକୁ
ଘରୁ ହୋଇ ବାହାର ।୧୦୧।

ଆଠ ବରଷର ବାଳକ
ଧନ୍ୟ ଧନ୍ୟ ଶଙ୍କର
ହସ୍ତେ ଧରି ଦଣ୍ଡ ଚାଲନ୍ତି
ଗୁରୁ ଅନ୍ୱେଷଣର ।୧୦୨।
ବହିଯାଏ ନଦୀ ନର୍ମଦା
କୂଳେ ଗୋବିନ୍ଦ-ପାଦ
ଗୁହା ମଧ୍ୟେ ତାଙ୍କ ଆଶ୍ରୟ
ସଦା ଧ୍ୟାନେ ନିବଦ୍ଧ ।୧୦୩।
ପହଞ୍ଚି ଶଙ୍କର ସେଠାରେ
ସ୍ତୁତି କରିଲେ ଗାନ
ପ୍ରଦକ୍ଷିଣ କରି ଗୁହାକୁ
ଜଣାଇଲେ ସମ୍ମାନ ।୧୦୪।
ଭକ୍ତିପୂର୍ଣ୍ଣ ସ୍ତୁତି ବନ୍ଦନା
ଶୁଣି ଗୋବିନ୍ଦ-ପାଦ
ତେଜିଲେ ସମାଧି ସପ୍ରେମ
ମନେ ଆନନ୍ଦ ଭାବ ।୧୦୫।
ଗୁରୁ କରିଥିଲେ ଅପେକ୍ଷା
ଯୋଗ୍ୟ ଶିଷ୍ୟ ପଥକୁ
ମିଶିଗଲା ନଦୀ ସାଗରେ
ଲଙ୍ଘି ସମସ୍ତ ସେତୁ ।୧୦୬।
ନୁହେଁ ଏ ସାମାନ୍ୟ ବାଳକ
ଅଟେ ଅସାଧାରଣ
ବେଦ, ବେଦାନ୍ତିକ ଜ୍ଞାନରେ
ହୃଦ ହୋଇଛି ପୂର୍ଣ୍ଣ ।୧୦୭।
ଅଦ୍ୱୈତ ବେଦାନ୍ତ ନିଗୂଢ଼
ତତ୍ତ୍ୱ ପରି ପ୍ରକାଶ
କରିବ ଏ ଶିଶୁ ସନ୍ନ୍ୟାସୀ
ଏହା ନିଶ୍ଚୟ ସତ୍ୟ ।୧୦୮।

କରିଲେ ଗ୍ରହଣ ଶିଷ୍ୟରେ
ଦୀକ୍ଷା ଦେଲେ ସନ୍ନ୍ୟାସ
ହୃଦୟ ଭରିଲା ସନ୍ତୋଷେ
ପ୍ରାଣ ହୋଇଲା ତୃପ୍ତ ।୧୦୯।
ଦ୍ୱାଦଶ ବରଷ କାଳରେ
ସିଦ୍ଧି ଲାଭ କରିଲେ
ଗୁରୁ ଆଶୀର୍ବାଦ ନେଇ ସେ
କାଶୀ ଧାମକୁ ଗଲେ ।୧୧୦।
ବ୍ରହ୍ମ ବିଦ୍ୟାରକ୍ଷା ଦାୟିତ୍ୱ
ଗୁରୁ ଅର୍ପଣ କଲେ,
ଗୁରୁ ପରମ୍ପରା ରଖିବା
ପାଇଁ ନିର୍ଦ୍ଦେଶ ଦେଲେ ।୧୧୧।
ବ୍ରହ୍ମସୂତ୍ର ବ୍ୟାସ ପ୍ରଣୀତ
ଭାଷ୍ୟ ରଚନା ପାଇଁ
ଆଦେଶିଲେ ଗୁରୁ କହିଲେ
ଯାଅ ବିଳମ୍ବ ନୋହି ।୧୧୨।
କାଶୀପୀଠ ଯାଇ ସେଠାରୁ
ଧର୍ମ କର ପ୍ରଚାର
ଅଦ୍ୱୈତ୍ୟ ବାଦର ପ୍ରସାରେ
ରହୁ ଯଶ ତୁମର ।୧୧୩।
ବହୁ ଶିଷ୍ୟ ହେଲେ ନିକଟ
ଗୁରୁ ଗ୍ରହଣ ପାଇଁ
ଚାରି ଶିଷ୍ୟ ଥିଲେ ତନ୍ମଧ୍ୟେ
ଯାର ନାମ କହଇ ।୧୧୪।
'ସୁରେଶ୍ୱର' ନାମେ ମଣ୍ଡନ
ମିଶ୍ର ଥିଲେ ପ୍ରଖ୍ୟାତ
'ପଦ୍ମପାଦ' 'ହସ୍ତାମଳକ'
ପୁଣି 'ତୋଟକାଚାର୍ଯ୍ୟ' ।୧୧୫।

ବହୁ ଗ୍ରନ୍ଥ କଲେ ରଚନା
ଯା'ର ନାହିଁ ତୁଳନା
ଚାହୁଁ ଚାହୁଁ ହେଲା ଷୋଡ଼ଶ
ବର୍ଷ ଜାଣି ହୁଏନା ।୧୧୬।
ଜାଣିଲେ ସରିଲା ସମୟ
ନେବେ ମହାସମାଧି
କାଶୀଧାମ ମହା ପବିତ୍ର
ଯହିଁ ବୁଜିବେ ଆଖି ।୧୧୭।
ପହଞ୍ଚିଲେ କାଶୀଧାମରେ
ଭକ୍ତ ଗୁଣ୍ଡ ହୋଇଲେ
ମହା ଆନନ୍ଦରେ ଶଙ୍କର
ଧ୍ୟାନ ମଗ୍ନ ରହିଲେ ।୧୧୮।
ମଧ୍ୟାହ୍ନ ସମୟେ ଏକଦା
ହେଲା ଲୀଳା ଅଦ୍ଭୁତ
ବ୍ୟାସଦେବ ବୃଦ୍ଧ ବ୍ରାହ୍ମଣ
ରୂପେ ହେଲେ ଆଗତ ।୧୧୯।
କଥୋପ କଥନ ଛଳରେ
ବ୍ୟାସ ତୃପ୍ତ ହୋଇଲେ ।
ଆଶୀର୍ବାଦ କରି ସ୍ୱରୂପେ
ସେଠି ଦର୍ଶନ ଦେଲେ ।୧୨୦।
'ବ୍ରହ୍ମ ସୂତ୍ର ଭାଷ୍ୟ ରଚନା
ଦେଖି ହୋଇଛି ତୃପ୍ତ
ମାଗ ମନଇଚ୍ଛା ବର ମୁଁ
ତାହା ଦେବି ଅବଶ୍ୟ ।୧୨୧।
ବେଦୋଦ୍ଧାର କରି ଜଗତ
ହିତ ତୁମେ କରିଛ
ଯୁଗ ଯୁଗ ପାଇଁ ଅକ୍ଷୟ
ରହୁ ତୁମର ଯଶ' ।୧୨୨।

ଯୋଡ଼ ହସ୍ତ ହୋଇ ଶଙ୍କର
ବିନୟରେ କହିଲେ
'ଷୋଡ଼ଶ ବରଷ ଆୟୁ ମୋ
ଆଜି ସରୁଛି ଭଲେ ।୧୨୩।
ମଣିକର୍ଣ୍ଣିକା ଏ ପବିତ୍ର
ଘାଟେ ଗୁହ ସମ୍ମୁଖେ
ତୁମ୍ଭ ମୁଖ ଦେଖି ଏ ଦେହ
ମୁହିଁ ଛାଡ଼ିବି ସୁଖେ' ।୧୨୪।
ସ୍ମିତ ହସି ବ୍ୟାସ କହନ୍ତି
'ତୁମ୍ଭ କାର୍ଯ୍ୟ ସରିନି
ଯାହାକୁ କରିଛ ରଚନା
ତା' ପ୍ରଚାର ହୋଇନି ।୧୨୫।
ତୁମ୍ଭେ ଯଦି ତାହା ନକର
ମୂଲ୍ୟ ରହିବ ନାହିଁ
ଜନ ମାନସରୁ ଏ ସତ୍ୟ
ଧୀରେ ଯିବ ଉଭେଇ ।୧୨୬।
ତେଣୁ ମୁଁ ତୁମର ଆୟୁଷ
ଆଉ ଷୋଳ ବରଷ
ଦେଉଛି ବଢ଼ାଇ ଏକାଳେ
ତୁମେ ଲଭିବ ଯଶ ।୧୨୭।
ବ୍ରହ୍ମବିଦ୍ୟା କରି ପ୍ରଚାର
ସଦା ବିଜୟୀ ହେବ
ଈଶ୍ୱରଙ୍କ କୃପା ବଳରେ
ଦିଗ୍‌ବିଜୟ କରିବ' ।୧୨୮।
ତନ୍ମୟ ହୋଇଲେ ଶଙ୍କର
ବେଦବ୍ୟାସ ବଚନେ
ଆଶୀର୍ବାଦ ଭିକ୍ଷା ମାଗିଲେ
ବନ୍ଦୀ ପଦ ଚରଣେ ।୧୨୯।

(୬)

ଜଗତ କରିଲେ ଭ୍ରମଣ
ଧର୍ମ କଲେ ପ୍ରଚାର
ଅଦ୍ୱୈତ୍ୟ ବାଦର ପ୍ରସାର
ହେଲା ସର୍ବ ଦେଶର ।୧୩୦।
ଯୋଗବଳେ ଦିନେ ଜାଣିଲେ
ମାତା ଅସୁସ୍ଥ ବାର୍ତ୍ତା
ପ୍ରତିଜ୍ଞା ରକ୍ଷଣ ନିମିତ୍ତ
କଲେ ସ୍ୱଗୃହ ଯାତ୍ରା ।୧୩୧।
ଦେଖିଲେ ଜନନୀ ଅପେକ୍ଷା
ରତ ଶେଷ ଦର୍ଶନେ
କୁଶଳ ପୁଛିଲେ ଶଙ୍କର
ବନ୍ଦି ଗୁରୁ ଚରଣେ ।୧୩୨।
ଶିବ ସ୍ତୁତି କଲେ ଗାୟନ
ମାତା ମୁକ୍ତି ନିମିତ୍ତ
ଦର୍ଶନ ଲଭି ସେ ଜନନୀ
ଶାନ୍ତ ହୋଇଲା ଚିତ୍ତ ।୧୩୩।
କଥିତ ରହିଛି ପୁନଶ୍ଚ
ନାରାୟଣ ବନ୍ଦିଲେ
ଶଙ୍ଖ ଚକ୍ର ଧାରୀ ଗୋବିନ୍ଦ
ଆସି ଦର୍ଶନ ଦେଲେ ।୧୩୪।
ଜନନୀ ଲଭିଲେ ସନ୍ତୋଷ
ଶେଷ ଶ୍ୱାସ ଛାଡ଼ିଲେ
ବୈକୁଣ୍ଠ ପୁରକୁ ସୂକ୍ଷ୍ମରେ
ମାତା ପ୍ରସ୍ଥାନ କଲେ ।୧୩୫।
ପାର୍ଥିବ ଶରୀର ସଂସ୍କାର
ପାଇଁ ହେଲେ ବାହାର
ଜ୍ଞାତିବର୍ଗ କିନ୍ତୁ ଅମଙ୍ଗ
ଭାବେ ଭିନ୍ନ ବିଚାର ।୧୩୬।

ଶଙ୍କରକୁ କଲେ ଭର୍ତ୍ସନା
ସର୍ବେ ହୋଇଲେ ରୋଷ
ସନ୍ନ୍ୟାସ ନେଇ ସେ କିପରି
ଗୃହେ କଲେ ପ୍ରବେଶ ।୧୩୭।
ଯେତେ ପରକାର ବୁଝାଇ
ଜ୍ଞାତି ଜନେ ଡାକିଲେ
ନ ବୁଝି ନକରି ଶଙ୍କରେ
ତିରସ୍କାର କରିଲେ ।୧୩୮।
ଉପାୟ ନପାଇ ଅନ୍ୟଥା
ନିଜ ଅଗଣା ଠାରେ
ମାତୃ ଶବଦାହ କରିଲେ
ଭରି କ୍ଷୋଭ ମନରେ ।୧୩୯।
ବୁଝାଇଲେ କେଉଁ କାରଣେ
କଲେ ଗୃହ ପ୍ରବେଶ
କ୍ଷୁବ୍ଧ ହୋଇ ତେଣୁ ଶଙ୍କର
ଦେଲେ କୁଟୁମ୍ବେ ଶାପ ।୧୪୦।
ଗୃହ ତ୍ୟାଗ କରି ପୁନଶ୍ଚ
ରାଜ୍ୟ ଭ୍ରମଣେ ଗଲେ
ଭୁଲି ଯାଇ ସବୁ ଦୁଃଖକୁ
ଧର୍ମ ପ୍ରଚାର କଲେ ।୧୪୧।
ଚାରିପୀଠ ଚାରି ଧାମରେ
କଲେ ସ୍ଥାପନା ନିଜେ
ବଦରିକାଶ୍ରମ, ଦ୍ୱାରକା
ରାମେଶ୍ୱର ବିରାଜେ ।୧୪୨।
ଶ୍ରୀକ୍ଷେତ୍ର ହିଁ ସର୍ବ ପ୍ରଧାନ
ଏହି ପୀଠ ମଧ୍ୟରେ
ଜଗନ୍ନାଥ ଧାମ ଦର୍ଶନ
ସବୁ ଯାତ୍ରା ଶେଷରେ ।୧୪୩।

ଭାରତ ମାଟିର ସକଳ
କ୍ଷେତ୍ରେ କରି ଭ୍ରମଣ
ସନାତନ ଧର୍ମ ସଂସ୍କୃତି
କଲେ ପୁନରୁତ୍ଥାନ ।୧୪୪।

(୭)

ଅନୁଭବ କଲେ ସମସ୍ତ
କାର୍ଯ୍ୟ ହୋଇଛି ଶେଷ
'ବ୍ୟାସ' ଦେଇଥିବା ସମୟ
ଏବେ ହୋଇଛି ଶେଷ ।୧୪୫।
ଲୀଳାବସାନର ସମୟ
ହେଲା ଶିଷ୍ୟ ବୁଝିଲେ
ବ୍ୟାକୁଳ ହୃଦୟେ ସମସ୍ତେ
ଲୁହେ ପାଦ ଧୋଇଲେ ।୧୪୬।
ଜଗଦ୍‌ଗୁରୁ ଦେଲେ ଆଶୀଷ
ସଦା ସମର୍ଥ ହୁଅ
ସନାତନ ଧର୍ମ ରକ୍ଷଣେ
ସବୁ ସମୟ ଦିଅ ।୧୪୭।
ପବିତ୍ର କେଦାର ତୀର୍ଥକୁ
ଆପେ କଲେ ଗମନ
ଶିଷ୍ୟଗଣ ହେଲେ ଅତିଷ୍ଠ
ଯେଣୁ ତୁଷାରଛନ୍ନ ।୧୪୮।
କେଦାରେଶ୍ୱରଙ୍କୁ ଭକ୍ତିରେ
ସ୍ତୁତି କରି କହିଲେ
ତପ୍ତଜଳ ସ୍ରୋତ ବହିଲା
ସର୍ବେ ଚକିତ ହେଲେ ।୧୪୯।
ଅତପ୍ତତୋୟା ନାମ ଧାରଣ
କରି ବହୁଛି ଧାରା
ଶଙ୍କରାଚାର୍ଯ୍ୟଙ୍କ ମହିମା
ଗାନ କରୁଛି ପରା ।୧୫୦।

ଯୋଗ ସମାଧିରେ ବସିଲେ
ନେଇ ଚିର ବିଦାୟ
ଲୀନ ହେଲେ ପରଂବ୍ରହ୍ମରେ
ସ୍ଥିର ଥିଲା ହୃଦୟ ।୧୫୧।
ଧନ୍ୟ ଧନ୍ୟ ତୁମେ ଶଙ୍କର
ଧନ୍ୟ ତୁମର ଲୀଳା
ତୁମ ଲୀଳା ଗାନ ଶ୍ରବଣେ
ସରୁ ଏ ଭବ ଲୀଳା ।୧୫୨।
(ସେ) ଥିଲେ ଅବତାର ପୁରୁଷ
ତାଙ୍କ ଲୀଳା ଅଦ୍‌ଭୁତ
ବହୁ ଗ୍ରନ୍ଥ ତାଙ୍କ ରଚନା
ଯାହା ରହିଛି ସତ୍ୟ ।୧୫୩।
ରସପୂର୍ଣ୍ଣ ଭାବ ଧାରାରେ
ସଂସ୍କୃତରେ ରଚିତ
ସାଧାରଣ ପାଇଁ ସହଜ
ନୁହେଁ ଦୁର୍ବୋଧ କ୍ଲିଷ୍ଟ ।୧୫୪।
ସ୍ୱଳ୍ପ ଆୟୁ ମଧ୍ୟେ ଅନେକ
ଗ୍ରନ୍ଥ ହେଲା ରଚନା
ଅବିସ୍ମରଣୀୟ ସେ କୃତି
ଯାର ନାହିଁ ତୁଳନା ।୧୫୫।

- ତପ୍ତତୋୟା କେଦାର ତୀର୍ଥରେ ଆଜି ମଧ୍ୟ ପ୍ରବାହିତ।
- ଶଙ୍କରାଚାର୍ଯ୍ୟ ଥିଲେ ଅବତାର ପୁରୁଷ ତଥା ଅଦ୍ୱିତୀୟ କବି।
- ଭାଷ୍ୟ ରଚନା ପରେ ୬୫ରୁ ଉର୍ଦ୍ଧ୍ୱ ମୌଳିକ ଗ୍ରନ୍ଥ ସେ ରଚନା କରିଥିବା ପ୍ରମାଣ ଅଛି।



ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ
ଗୋବିନ୍ଦଂ ଭଜ ମୂଢ଼ ମତେ
ସଂପ୍ରାପ୍ତେ ସନ୍ନିହିତ କାଲେ
ନହି ନହି ରକ୍ଷତି ଡୁକୃଙ୍କରଣେ ॥୧॥

ପ୍ରଥମ ପାହାଚ

ମୂଢ଼ମତି

(ଭଜୁ କି ନା ରାମ ନାମରେ ଗୋବିନ୍ଦ ବୃତ୍ତେ)

ଗୋବିନ୍ଦ ଗୋବିନ୍ଦ ଭଜରେ ସଂସାର
ଗୋବିନ୍ଦ ଭଜ ମଣିଷ
ଜୀବନ ଆପଦ ବିପଦ କାଳରେ
ସେ ନାମେ ରଖ ବିଶ୍ୱାସ ।୧।

ପେଟ ପୋଷିବାକୁ ଯେ ପାଠ ପଢ଼ିଲୁ
ମୁକ୍ତି ନାହିଁ ସେ ପାଠରେ
ମୁକ୍ତି ଲାଭ ପାଇଁ ଗୋବିନ୍ଦ ଭଜନ
ଏ ସଂସାରୁ ତାରି ପାରେ ।୨।

ବିଶ୍ୱାସ ନାହିଁ ତୋ ଈଶ୍ୱର ନାମରେ
ଆତ୍ମାରେ ନାହିଁ ବିଶ୍ୱାସ
ନାସ୍ତିକ ହୋଇ ତୁ କି ଫଳ ପାଇବୁ
ଲଭିବୁ ଯା' ଅପଯଶ ।୩।

ଜନମ ହୋଇଲୁ ମଣିଷ ରୂପରେ
ଯେ ଶରୀର ହେବ ଶେଷ
ସତ୍ୟ ଉପଲବ୍ଧି କରରେ ମଣିଷ
ଛାଡ଼ିବା ଆଗୁ ନିଃଶ୍ୱାସ ।୪।

ଭୋଗ ବିଳାସରେ ବୁଡ଼ିରହି ଅଛୁ
ଭୁଲିଛୁ ଗୋବିନ୍ଦ ନାମ
ମୁକ୍ତିପଥ ତୋର ଦେଖ ଅବରୁଦ୍ଧ
ଯେ ପଥ ମହା ଦୁର୍ଗମ ।୫।

ଯେ ଘରେ ଆଶ୍ରୟ ନେଉଛୁ ସଂସାରେ
'କର' ଦେଉ ସରକାରେ
ଜଳ ପାଇଁ କର, ବୃତ୍ତି ପାଇଁ କର
ନାନା ନାନା ପରକାରେ ।୬।

କି କର ଦେଉ ତୁ ସୂର୍ଯ୍ୟାଲୋକ ପାଇଁ
ପବନ ବରଷା ପାଇଁ
ପୃଥିବୀ ମାତାକୁ କି କର ଦେଉଛୁ
ଯିଏ ରଖିଛି ବଞ୍ଚାଇ ।୭।

ଏ ସାରା ସଂସାର ଈଶ୍ୱର ସଂକଳ୍ପ
ଇଚ୍ଛାର ପ୍ରକଟ ରୂପ
ମୂଢ଼ମତି ହୋଇ ବୁଝି ପାରୁ ନାହୁଁ
ସେ ମହାନ୍ ଗୁଢ଼ ତତ୍ତ୍ୱ ।୮।

ଥିବାରୁ ବିଜ୍ଞାନୀ କରିପାରେ ସୃଷ୍ଟି
ଶୂନ୍ୟରେ ତା ଜ୍ଞାନ ଶୂନ
ମହାଶୂନ୍ୟ ମଧ୍ୟେ ଈଶ୍ୱର ନିର୍ମାଣ
ଯହିଁ ହଜେ ମୂଢ଼ ଜ୍ଞାନ ।୯।

ପଞ୍ଚଭୂତର ପରଦା ଏପଟେ
ବିଜ୍ଞାନୀ ଜ୍ଞାନ ପ୍ରମାଣ
ପଞ୍ଚଭୂତର ପରଦା ପଛରେ
ଏକା ବିଭୁ ବିଦ୍ୟମାନ ।୧୦।

ପରମାତ୍ମା ତତ୍ତ୍ୱ ବୁଝିବାକୁ କ୍ଷମ
ହୋଇବନି ଏ ମଣିଷ
ପଞ୍ଚଭୂତ ସହ ଥିବ ଯେ ପର୍ଯ୍ୟନ୍ତ
ତାହାର ଗୁଢ଼ ସମ୍ପର୍କ ।୮।

ସୁଖ ସମ୍ଭୋଗରେ ନାହାନ୍ତି ଈଶ୍ୱର
ନାହାନ୍ତି ଅହଂ ମଧ୍ୟରେ
ସିଏ ମହାଜ୍ଞାନୀ ଯିଏ ବୁଝିପାରେ
ଈଶ୍ୱର ସର୍ବ ଭୂତରେ ।୯।

ଖୋଜ ଗୋବିନ୍ଦଙ୍କୁ ହୃଦୟ ଭିତରେ
ବ୍ୟାକୁଳରେ ନିରନ୍ତର

ଅନୁଗ୍ରହ ପାଇଁ ବୁହାଇ ଲୋତକ
ଧୋଇଦିଅ ଶ୍ରୀ ପୟର ।୧୧।

ଜନମ ବେଳେ ତୁ କାନ୍ଦି କହିଥିଲୁ
କିଏ ମୁହିଁ ମୋତେ କୁହ
ଜୀବନର ଶେଷେ କାଳ ରୂପ ଦେଖି
କାହିଁକି ଢାଳୁଛୁ ଲୁହ ।୧୨।

ଶତ ବୃଶ୍ଚିକର ଦଂଶନ ସମାନ
ମୃତ୍ୟୁ ଦିଏ ମହାଭୟ
ସେ ଦୁଃଖରୁ ରକ୍ଷା ପାଇବା ପଥଟି
ହରି କୃଷ୍ଣ ନାମ ଗାଅ ।୧୩।

ବ୍ୟାକରଣ ସୂତ୍ର ହେବନି ସହାୟ
ଜ୍ଞାନ ହେବ ମୂଲ୍ୟହୀନ
ସବୁ ଯନ୍ତ୍ରଣାର ଉପସମ ପାଇଁ
କେବଳ ହରି ଚିନ୍ତନ ।୧୪।

ସବୁ ମଣିଷର ହୃଦୟ ଭିତରେ
ରହିଛି ପଶୁ ପ୍ରବୃତ୍ତି
ସେହି ପ୍ରବୃତ୍ତିର ରୂପାନ୍ତର ଆଣି
ଯିଏ ଦେଇପାରେ ଶାନ୍ତି ।୧୫।

ତାହାକୁ ସମାଜ 'ଗୋବିନ୍ଦ' କୁହଇ
କରି ଶତ ନମସ୍କାର
'ସେ' ପରିବର୍ତ୍ତନ ରଜ୍ଜୁ ଧରି ହସ୍ତେ
କରେ ପୂର୍ଣ୍ଣ ରୂପାନ୍ତର ।୧୬।

ଭଲ କାମ ପାଇଁ ପୁରସ୍କାର ଦିଅ
ଅସାଧୁକୁ ତିରସ୍କାର
ଭଲ-ମନ୍ଦ ଭେଦ ବୁଝିବା ପାଇଁ କି
ତେବେ ହେବ ଆଗୁସାର ।୧୭।

'ସତ୍ୟ'କୁ 'ସତ୍ୟ' କୁହ ଦୃଢ଼ କଣ୍ଠେ
କରନା ଭୟ କାହାକୁ
ଜୀବନରେ କେବେ ଡରନା 'ସତ୍ୟ'କୁ
ଡର ଅସତ୍ୟ କାମକୁ ।୧୮।

ଈଶ୍ୱର ନାମରେ ବିଶ୍ୱାସ ବଢ଼ାଅ
ଅପ କର୍ମେ କର ଘୃଣା
ମାନବରୁ ତେବେ ମାଧବ ହୋଇବ
ଭୁଲିବ ସବୁ ଯନ୍ତ୍ରଣା ।୧୯।

ଶବ୍ଦବ୍ରହ୍ମ ନାମେ 'ଗୋବିନ୍ଦ' ବିଦିତ
ଧ୍ୱନିର ସେ ରୂପାନ୍ତର
ସବୁ ଧ୍ୱନି ଉତ୍ସ ଗୋବିନ୍ଦ ପ୍ରତ୍ୟକ୍ଷ
ପ୍ରକାଶ ଭିନ୍ନ ଭାବର ।୨୦।

ମଣିଷର ଭାଷା ପଶୁପକ୍ଷୀ ରାବ
ଶୁଣାଯାଏ ଭିନ୍ନ ଭିନ୍ନ
ସବୁ ଧ୍ୱନି ଏକ ବେଦର ସ୍ୱରୂପ
ସ୍ୱରରେ ନିତ୍ୟ ନୂତନ ।୨୧।

ସଂସାରର ସୁଖ ଅଟଇ ଅଳିକ
ଯେ ସୁଖରେ ନାହିଁ ମୂଲ୍ୟ
ସେହି ସୁଖ ପାଇଁ ଜନ୍ମ ବାରମ୍ବାର
ସୃଷ୍ଟି ହୁଅଇ ପାଗଳ ।୨୨।

ମରିବା ପାଇଁକି ଜନମ ମଣିଷ
ଭୁଲିଯାଏ ଏହି ସତ୍ୟ
ଜନ୍ମ-ମରଣ ଚକ୍ରରେ ପଡ଼ି
ହେଉଥାଏ ହନ୍ତସନ୍ତ ।୨୩।

ଶିଶୁ ଅବସ୍ଥାରୁ 'ପ୍ରହଲ୍ଲାଦ' ସିନା
ବୁଝିଥିଲା ଗୂଢ଼ ତତ୍ତ୍ୱ
ତେଣୁ ପ୍ରାରମ୍ଭରୁ ନାରାୟଣ ଜପି
ଲଭିଲା ପ୍ରଭୁ ସାକ୍ଷାତ ।୨୪।

ମୃତ୍ୟୁ ଜୟ ପାଇଁ ଉପାୟ ଯେ ଖୋଜେ
ସେହି ତ ପ୍ରକୃତ ଜ୍ଞାନୀ
ବୃତ୍ତି ନୁହେଁ ତାର ପଶୁ ବୃତ୍ତି କେବେ
ସଂସାରରେ ମହା ଧନି ।୨୫।

ସୃଷ୍ଟି କର୍ତ୍ତା ଜାଣେ ସୃଷ୍ଟିର ରହସ୍ୟ
ଅନ୍ୟକୁ ଏହା ଅଜଣା
ସବୁ ସୃଷ୍ଟି ମଧ୍ୟେ ଲକ୍ଷ୍ୟ ଥାଏ ଭିନ୍ନ
ଅଜ୍ଞାନୀ ହୁଅଇ ବଣା ।୨୬।

ବହୁମୂଲ୍ୟ ସୁନା ଅଳଙ୍କାର ଯଥା
ରହେ ଲୁହା ସିନ୍ଦୁକରେ
ସେହିପରି ଜ୍ଞାନ ଆନନ୍ଦ ଧନଟି
ଅଛି ମନୁଷ୍ୟ ଶରୀରେ ।୨୭।

ସାଇତି ଅଛନ୍ତି ଈଶ୍ୱର ଏ ଧନ
ମୂଲ୍ୟହୀନ ଏ ଦେହରେ
ତେଣୁ ଏ ଦେହର ଯତ୍ନଟି ବିଶେଷ
ଆବଶ୍ୟକ ସଂସାରରେ ।୨୮।

ଅନ୍ନର ବିହୁନେ ଶରୀର ଧାରଣ
ନୁହଁଇ କେବେ ସମ୍ଭବ
ଶରୀର ନଥିଲେ ମନ ବା କିପରି
ତନ୍ମଧ୍ୟେ ସ୍ଥାନ ପାଇବ ।୨୯।

ପ୍ରାଣର କଳ୍ପନା ମନ ବିନା ସିନା
ଅସାର ଏ ସଂସାରରେ
ଜ୍ଞାନ ଓ ଆନନ୍ଦ କୋଷ ଦୁଇଗୋଟି
ନିର୍ଭର ଏହା ଉପରେ ।୩୦।

ଜ୍ଞାନ ଲାଭ ତଥା ଆନନ୍ଦ ପାଇଁକି
ଶରୀରର ଯତ୍ନ ଲୋଡ଼ା
ଯେଉଁ ଶରୀରକୁ ମାଧମ କରିଣ
(ସୁସ୍ଥ) ସମାଜ ହୋଇବ ଗଢ଼ା ।୩୧।

ଜ୍ଞାନ, ଆନନ୍ଦକୁ ଯତ୍ନଭରେ ରଖି
ତାଲା ଦିଅ ସିନ୍ଦୁକରେ
ସେ ତାଲା ଖୋଲିବା ନୁହଁଇ ସହଜ
ଚାବି ଅଛି ଗୋପନରେ ।୩୨।

'ଶଙ୍କର' କହନ୍ତି ସେ ଚାବିର ନାମ
'ଭକ୍ତି' ବୋଲି ମନେରଖ
ଖୋଲିବା ବାଟଟି କହୁଛି ବୁଝାଇ
ଭୁଲିବୁନି ଏହି ସୂତ୍ର ।୩୨।

ଡାହାଣ ପଟକୁ ମୋଡ଼ିଲେ ଚାବିକୁ
'ବୈରାଗ୍ୟ' ପଟକୁ ଯିବ
ଖୋଲିଯିବ ତାଲା ତନ୍‌ମଧ୍ୟରୁ ତୁମେ
ଜ୍ଞାନ ଆନନ୍ଦ ପାଇବ ।୩୩।

ମୋଡ଼ିଲେ ବାମକୁ 'ଆସକ୍ତି' ପଟ ସେ
ଚାବି ତ ଖୋଲିବ ନାହିଁ
ସିନ୍ଦୁକରେ ଥିବା ଜ୍ଞାନ ଓ ଆନନ୍ଦ
ଆଉ ବା ମିଳିବ କାହିଁ ।୩୪।

ଭକ୍ତିର ଚାବିଟି ଥାଏ ଗୋପନରେ
ସହଜେ ମିଳଇ ନାହିଁ
ଯାହା ପାଖେ ଥାଏ ଈଶ୍ୱର ବିଶ୍ୱାସ
ସିଏ ତାହା ଥାଏ ପାଇ ।୩୫।

ଈଶ୍ୱର ନଥାନ୍ତି ନିର୍ଦ୍ଦିଷ୍ଟ ରୂପରେ
ନିର୍ଦ୍ଦିଷ୍ଟ ସ୍ଥାନରେ ରହି
ସବୁରି ହୃଦୟେ ବିଭୁ ଥା'ନ୍ତି ରହି
ବିଶ୍ୱାସ ଦୃଢ଼ ଅଟଇ ।୩୬।

ନିଜଠାରେ ନିଜ ବିଶ୍ୱାସ ଅଭାବ
ଅନ୍ୟରେ କାହୁଁ ମିଳିବ ।
ବିଶ୍ୱାସର କ୍ଷୟ ହେବାରୁ ମଣିଷ
ନର୍କଗାମୀ ନିଶ୍ଚେ ହେବ ।୩୭।

ଆତ୍ମବିଶ୍ୱାସକୁ ଦୃଢ଼ କରିଥିଲେ
ନିଜକୁ ଚିହ୍ନି ପାରିବ
ନିଜକୁ ଜାଣିଲେ ଅପରେ ଜାଣିବ
ଈଶ୍ୱର ସୁଦୟା ହେବ ।୩୮।

ଆତ୍ମ ବିଶ୍ୱାସର ଗୂଢ଼ତତ୍ତ୍ୱ କଥା
ଦେଉଛି ଏବେ ବୁଝାଇ
ବୁଝିଗଲେ ଥରେ ଭଲ ମନ୍ଦ ଭେଦ
ଦ୍ୱିବିଧା ରହିବ ନାହିଁ ।୩୯।

ଯିଏ ଯାଏ ନାହିଁ ମନ୍ଦିର ମସ୍‌ଜିଦ
କରେ ନାହିଁ ଦେବପୂଜା
ନାହିଁ ତାର ଆତ୍ମବିଶ୍ୱାସ କହିବା
ସତ ନୁହେଁ ଏହା ଦଗା ।୪୦।

ଅନୁଭବ କଥା ଆତ୍ମବିଶ୍ୱାସଟି
ପ୍ରଚାର କଥା ନୁହଁଇ
ଆତ୍ମତତ୍ତ୍ୱ ଏକ ନୁହଁଇ ଅଭିନ୍ନ
ଏହା ବାରମ୍ବାର କହି ।୪୧।

ଉଚ୍ଚ ସ୍ଥାନ ବ୍ୟକ୍ତି ଆରୋହଣ ପାଇଁ
ସିଢ଼ିଟିଏ ଆଣି ଥାଏ
ତଳ ଦୁଇଗୋଡ଼ ଭୂମିରେ ରଖି ସେ
କାନ୍ଥରେ ଭରା ଲଗାଏ ।୪୨।

'ମୂଢ଼ମତି' ଅଟେ ପ୍ରଥମ ପାବଚ୍ଛ
ଶେଷ ଲକ୍ଷ୍ୟ ମୁକ୍ତିମତି
ଏକ ପରେ ଏକ କଲେ ଅତିକ୍ରମ
ଶେଷରେ ମିଳିବ ମୁକ୍ତି ।୪୩।

ହୋଇଯିବ ଦୂର ଅଜ୍ଞାନ ଅନ୍ଧାର
ଭଜିଲେ ଗୋବିନ୍ଦ ନାମ
ସବୁ ଗୁଢ଼ତତ୍ତ୍ୱ ହୋଇବ ସରଳ
ଲଭିଲେ ଗୁରୁ ଚରଣ ।୪୪।

ସେ ଚରଣେ ମତି ରଖି ଦିନ ରାତି
ଗୋବିନ୍ଦ ଭଜନ କର
ସବୁ ମୋହ ମାୟା କଟିଯିବ ଯେବେ
ଅଜ୍ଞାନ ହୋଇବ ଦୂର ।୪୫।



ମୂଢ଼ ଜହୀହି ଧନାଗମତୃଷ୍ଣା
କୁରୁ ସଦ୍‌ବୁଦ୍ଧିଂ ମନସି ବିତୃଷ୍ଣାମ୍ ।
ଯଲ୍ଲଭସେ ନିଜ କର୍ମୋପାତ୍ତଂ
ବିତ୍ତଂ ତେନ ବିନୋଦୟ ଚିତ୍ତମ୍ ॥୨॥

ଦ୍ୱିତୀୟ ପାହ୍ୱାଚ

ଧନତୃଷ୍ଣା

ରାଗ - ରାମକେରୀ

ଧନ ପାଇଁ ତୁହି ପାଗଳ
ଭୁଲି ନୀତି ଅନୀତି
କରିଥାଉ ଧନ ଅର୍ଜନ
ଖଟି ଦିବସ ରାତି ।୧।

କେହି ରହିନାହିଁ ସଂସାରେ
ଚିର ନୁହଇଁ କିଛି
ସମୟ ଆବର୍ତ୍ତମାନରେ
ବ୍ରହ୍ମେ ଯାଆନ୍ତି ମିଶି ।୨।

ଆସିଥିଲୁ ତୁହି ଲଙ୍ଗଳା
ଯିବୁ ଶୂନ୍ୟ ଶରୀରେ
ପିନ୍ଧାଲୁଗା ମଧ୍ୟ ଯିବନି
ତୋର ଦେହ ସଙ୍ଗରେ ।୩।

ନାନା ଉପାୟରେ ଅର୍ଜନ
କରୁ ଧନ ବହୁତ
ସେ ଧନରୁ ଆସେ ଆସକ୍ତି
ସଦା ବିବ୍ରତ ଚିତ୍ତ ।୪।

ଧନ ପାଇଁ ଭାଇ ବନ୍ଧୁରେ
ନାନା ବିଚ୍ଛେଦ ହୁଏ
ଧନ ପାଇଁ ନିଜ ସନ୍ତାନ
ବୁଦ୍ଧି ବୃତ୍ତି ଦିଏ ।୪।

କାମନା ବଢ଼ଇ ଶତତ
ଧନ ବୃଦ୍ଧି କାରଣେ
ଧନ ପାଇଁ ଅନ୍ଧ ମଣିଷ
ପାପ କୁକର୍ମ କିଣେ ।୬।

ଖାଲି ହାତେ ଆସିଥାଏ ସେ
ଯାଏ ଖାଲି ହାତରେ
ପଡ଼ିରହେ ଧନ ସମ୍ପତ୍ତି
ଧର୍ମ ଥାଏ ସାଥିରେ ।୭।

ଧନ ଦେଇଥାଏ ଆନନ୍ଦ
କିଛି ସମୟ ପାଇଁ
ହରିଥାଏ ଚିତ୍ତ ସମ୍ପଦ
ସୁଖ ସମ୍ଭୋଗ ଦେଇ ।୮।

ସେ ସୁଖ ଅଢ଼େଇ ଦିନିଆ
ସଦ୍ ଜ୍ଞାନ ଦିଏନା
ଦେଇଥାଏ ନାନା କଷଣ
ଅହେତୁକ ଭାବନା ।୯।



ନାରୀସ୍ତନଭରନାଭୀଦେଶଂ
ଦୃଷ୍ଟ୍ୱାମା ଗା ମୋହାବେଶମ୍ ।
ଏନନ୍ମାଂସବସାଦିବିକାରଂ
ମନସି ବିଚିନ୍ତୟ ବାରଂବାରମ୍ ।।୩।।

ତୃତୀୟ ପାହାଚ

(ଦେହମୋହ)

ରାଗ - ରାମକେରୀ

ଦେହ ମୋହ ହେଲେ ଅଧିକ
ସଂଯମତା ରହେନା
ବିବେକ ବିଚାର ହରାଏ
ଭୋଗେ ନାନା ଯାତନା ।୧।

ଯେଉଁ ରୂପ ପାଇଁ ପାଗଳ
ପରି ଧାଏଁ ମଣିଷ
ଉପର ଚିକ୍କଣ ସେ ଦେହ
ଅନ୍ତ ହାଡ଼ ମାଉଁଶ ।୨।

ମନର ବିକାର କେବଳ
ଦେହ ମୋହରେ ପ୍ରାଣୀ
ଘାଣ୍ଟି ହୁଏ ସାରା ଜୀବନେ
ସତ୍ୟ' ନପାରେ ଜାଣି ।୩।

ନାରୀ ରୂପେ ମୋହ ମଣିଷ
ଭୁଲେ ଆପଣା କର୍ମ
ଆହ୍ଲାଦିତ ହୁଏ ଦର୍ଶନେ
ନାରୀ ରୂପ ଯୌବନ ।୪।

ଉପର ଦିଶଇ ସୁନ୍ଦର
ଭୁଲେ ଭୁଲା ମଣିଷ
ସେ ଦେହ ଭିତର ଦେଖିଲେ
ଘୃଣା ହେବ ଅବଶ୍ୟ ।୫।

ଯେଉଁ ଶରୀରକୁ ଆଦର
ଏତେ ଜୀବନ କାଳେ
ସେ ଶରୀରୁ ପ୍ରାଣ ତୁଟିଲେ
କେହି ପଚାରେ ଭଲେ ? ।୬।

'ଭୂତ' ହୋଇଯାଏ ଶରୀର
ତାକୁ ଲାଗଇ ଡର
ସେ ଡରକୁ ପୁଣି ତଡ଼ିବା ପାଇଁ
କରେ କି ଉପଚାର ।୭।

ସଂଯମ ପରୀକ୍ଷା ପାଇଁକି
ପ୍ରଭୁ ଗଢ଼ିଛି ନାରୀ
ସମାଜରେ ତାର ଗୁରୁତ୍ୱ
କେବେ ନଯାଅ ଭୁଲି ।୮।

ରୂପରେ ହୁଅନା ପାଗଳ
ଅକାଳରେ ବୁଡ଼ିବ
ପୁରାଣ ଏହାର ପ୍ରମାଣ
କେବେ ମିଥ୍ୟା ନହେବ ।୯।

ସେହି ନାରୀ ଲୋଭେ ରାବଣ-
ବଂଶ ନିପାତ ହେଲା
ପାଞ୍ଚାଳୀ ଆସକ୍ତି କୌରବ-
କୂଳ ବୁଡ଼ାଇ ଦେଲା ।୧୦।

ମହିଷାସୁରର ନିପାତ
ପୁଣି ସାକ୍ଷୀ ରହିଛି
ମାତୃଜ୍ଞାନ କର ନାରୀକୁ
ତେବେ ପାଇବୁ ଶାନ୍ତି ।୧୧।

ବିକାର ଛାଡ଼ିଦେ ମନରୁ
ଜ୍ଞାନ ନେତ୍ରରେ ଦେଖ
ଦିଶିବ ପବିତ୍ର ଶରୀର
ସୃଷ୍ଟି ସର୍ଜନା ପଥ ।୧୨।

ସେ ବକ୍ଷରେ ଅଛି ଅମୃତ
ବିଧି ଦେଇଛି ଭରି
ଜନମିବା ଆଗୁ ସନ୍ତାନ
ତା'ର କ୍ଷୁଧା ନିବାରି ।୧୩।

ପାଗଳ ହୁଅନା ଦେହରେ
ଯାହା କ୍ଷଣ ଭଙ୍ଗୁର
ଚିନ୍ତ ଗୋବିନ୍ଦଙ୍କୁ ସତତ
ଯିଏ କରିବେ ପାର ।୧୪।

▼



ନଳିନୀ ଦଳଗତ ଜଳମତି ତରଳଂ
ତଦ୍‌ବତ୍ ଜୀବିତ ମତିଶୟ ଚପଳଂ
ବିଦ୍ଧି ବ୍ୟାଧ ଅଭିମାନ ଗ୍ରସ୍ତଂ
ଲୋକଂ ଶୋକ ହତଂ ଚ ସମସ୍ତଂ ।।୪।।

ଚତୁର୍ଥ ପାହାଚ

ଚପଳତା

ରାଗ - ଆଧୁନିକତା

ଜଳବିନ୍ଦୁ ପଦ୍ମ ପତ୍ରେ ଯେପରି
ହୋଇ ଢଳ ଢଳ ପଡ଼ଇ ଗଡ଼ି
ସେପରି ଜୀବନ ଗତି ଯେ
କେତେବେଳେ ପିଣ୍ଡୁ ପରାଣ ଛାଡ଼ିବ
କାହାକୁ ଜଣା ନଯିବ ଯେ ।୧।

ଜନ୍ମ ନିଏ ପଦ୍ମ ଜଳାଶୟରୁ
ହୁଏ ପ୍ରସ୍ଫୁଟିତ ପଙ୍କ ମଧ୍ୟରୁ
ଜଳ ତାହାର ଜୀବନ ଯେ
ସେହି ଜଳ ମଧ୍ୟେ ବୁଡ଼ିଗଲେ ପଦ୍ମ
ହେବ ତାହାର ବିନାଶ ଯେ ।୨।

ଜଳାଶୟ ଆତ୍ମତତ୍ତ୍ୱ ସଦୃଶ
ପ୍ରସ୍ଫୁଟିତ ପଦ୍ମ ଜୀବ ସଦୃଶ
ମାୟା ପଦ୍ମପତ୍ର ତୁଲ୍ୟ ଯେ
ଜଳ ବିନ୍ଦୁ ବିନ୍ଦୁ ପଡ଼ି ପଦ୍ମ ପତ୍ରେ
ଫେରି ମିଶେ ଜଳାଶୟେ ଯେ ।୩।

ବିଚରେ ସୁଗନ୍ଧ କମଳ ଦଳ
ରହିଥାଏ ମାୟା ସହ ସକଳ
ଭୁଲେ ନାହିଁ ନିଜ ଗତି ଯେ
ଜୀବତତ୍ତ୍ୱ ବାସ କରି ବିତରଣ
ଆତ୍ମତତ୍ତ୍ୱେ ଫେରିଯାଏ ଯେ ।୪।

ଈଶ୍ୱର ସକଳ କ୍ଷେତ୍ରେ ଅଛନ୍ତି
ବୁଡ଼ିବାରେ ସତ୍ୟ ନକର ଭ୍ରାନ୍ତି
ସର୍ବ ଜୀବ ବ୍ରହ୍ମମୟ ଯେ
ଏ ସୃଷ୍ଟି ତ୍ରିଭବ ରୂପରେ ଆବଦ୍ଧ
ପ୍ରକୃତ, ଈଶ୍ୱର, ଜୀବ ଯେ ।୫।

ଗଛ ବୃଦ୍ଧି ପାଇ ତ୍ରି-ଉପାଦାନ
ଆବଶ୍ୟକ ମାଟି, ପାଣି, ପବନ
ସବୁର ମୂଳରେ ମଞ୍ଜି ଯେ
ମଞ୍ଜି ବିନା ବୃକ୍ଷ ହୋଇବ କିପରି
ତା ମତେ ବୁଝାଇ ଦିଅ ଯେ ।୬।

ଜଗତେ ଈଶ୍ୱର ବୀଜ ସଦୃଶ
ଈଶ୍ୱର ସଂକଳ୍ପେ ଜଗତ ଜାତ
ମଣିଷ କାମନା ବଶ ଯେ
ସେ କାମନା ତାର ହୋଇଗଲେ ଦୂର
ସଂସାରୁ ହେବ ଉଦ୍ଧାର ଯେ ।୭।

ସମ୍ପୂର୍ଣ୍ଣ କାମନା ତ୍ୟାଗ କରିଲେ
ଆଉ ପୁନଃର୍ଜନ୍ମ ନୋହିବ ଭଲେ
ତା ପାଇଁ କର ସାଧନା ଯେ
ଆତ୍ମ ସମର୍ପଣ, କରିଣ ଶରଣ
ଈଶ୍ୱରଙ୍କୁ କର ଧ୍ୟାନ ଯେ ।୮।
ଆଜିର ମଣିଷ ଛଳନାମୟ
ସବୁଠାରେ ତାର ଅନେକ ଭୟ
ସତ୍ୟ ନୁହେଁ ବାହ୍ୟ ରୂପ ଯେ
ସମସ୍ତ ଇନ୍ଦ୍ରିୟ କରିଲେ ଦମନ
ହେବ ବ୍ରହ୍ମ ଦରଶନ ଯେ ।୯।

ଭୋଗ ବିଳାସରେ କରିଣ ବାସ
ଖୋଜୁ ଅଛ ତୁମେ ମୁକ୍ତିର ବାଟ
ଏ ନୁହେଁ ଉଚିତ ନୀତି ଯେ
ମୋକ୍ଷ ପାଇ ଯଦି ବଳିଅଛି ମନ
ସଂସାରର ମୋହ ଛାଡ଼ ଯେ ।୧୦।

ହରି ଭାବେ ମଗ୍ନ ରହିଲେ ମନ
ଆଚରଣେ ନିତ୍ୟ ସତ୍ୟ କରମ
ହରି ତେବେ ହେବେ ପ୍ରୀତ ଯେ
ଉଦ୍ଧାର କରିବେ ଏ ଭବସାଗରୁ
ହରି ନେବେ ସର୍ବତାପ ଯେ ।୧୧।

ଈଶ୍ୱରଙ୍କ ପ୍ରତି ନାହିଁ ବିଶ୍ୱାସ
କାମନା ବାସନା ତାର ଅନନ୍ତ
ଜାଣି ନାହିଁ ଗୁଢ଼ କଥା ଯେ
ବାଟରେ ନଯାଇ ଅବାଟରେ ପଶି
ହୁଏ ବଡ଼ ହରବର ଯେ ।୧୨।

ଈଶ୍ୱର ଅଛନ୍ତି ନିକଟେ ଯାର
ନେଇଛନ୍ତି ତୁମ ସକଳ ଭାର
ଚିହ୍ନିବାରେ କର ଭ୍ରମ ଯେ
କେଉଁ ପ୍ରାର୍ଥନାରେ ମୁକତି ମିଳିବ
ସେହି କଥା ଥରେ ଜାଣ ଯେ ।୧୩।

ଧନମାନ ସବୁ ନୁହଁଇ ସ୍ଥାୟୀ
ହରିପଦ ଆଶ୍ରା ମନରେ ଧ୍ୟାୟୀ
କରିଲେ ସଂସାରେ ବାସ ଯେ
ସବୁ ସୁଖ ତୁମ ପାଖେ ହେବ ଠୁଳ
ସମସ୍ତ ହେବ ମଙ୍ଗଳ ଯେ ।୧୪।

ଯେତେ ସାଧୁ ସନ୍ଥ ଜଗତେ ଦେଖ
ଭୁଲିଥିଲେ ସବୁ ସଂସାରେ ସୁଖ
　　　　　　ତେଣୁ ଅମର ଜଗତେ ଯେ
ବ୍ୟାସ, ବାଲମିକ, କବୀର, ଚୈତନ୍ୟ
　　　　　　ଯୁଗ ଯୁଗ ପାଇଁ ପୂଜ୍ୟ ଯେ ।୧୫।

ହରି ନାମ ସଦା ହୃଦୟେ ଧରି
କର୍ମ ଥିଲା ସମର୍ପଣ ସବୁରି
　　　　　　ସୁଖ ଶାନ୍ତି ହରି ପ୍ରୀତି ଯେ
ଜଗତ, ଈଶ୍ୱର ମଧ୍ୟରେ ପ୍ରଭେଦ
　　　　　　ନଥିଲା ତାହାଙ୍କ ଭାବ ଯେ ।୧୬।

ଜଗତେ ଈଶ୍ୱର ଅଟନ୍ତି ଏକ
ଭିନ୍ନ ରୂପ ତାଙ୍କ ନାମ ଅନେକ
　　　　　　ସେ ଦ୍ୱନ୍ଦରେ ପଡ଼ ନାହିଁ ଯେ
ଈଶ୍ୱର ବିଶ୍ୱାସ ଦୃଢ଼ କର ମନେ
　　　　　　ତେବେ ତୁ ବୁଝିବୁ ସତ୍ୟ ଯେ ।୧୭।

ଯାବତ୍ ବିତ୍ତୋପାର୍ଜନ ସକ୍ତ

ତାବନ୍ନିଜ ପରିବାରୋ ରକ୍ତଃ ।

ପଶ୍ଚାଜ୍ଜୀବତି ଜର୍ଜର ଦେହେ

ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ ॥୫॥

ପଞ୍ଚମ ପାହାଚ

ଲୋଭ

ରାଗ - କଳସା

ମଣିଷର ପାଶେ ଥିଲେ ସମ୍ପଦ ଅଶେଷ
ଧାଆନ୍ତି ପିମ୍ପୁଡ଼ି ଜେହ୍ନେ ବାରି ମଧୁରସ ।୧।

ଦେହେ ଥିଲେ ବଳ ପୁଣି ପାଖେ ଥିଲେ ଧନ
ପରିବାର କରିଥାନ୍ତି ଆଦର ଯତନ ।୨।

କହୁଥାନ୍ତି ମୋର ମୋର କଅଁଳ କଥାରେ
ଧନ ସରିଗଲେ କିଏ କାହାକୁ ପଚାରେ ? ୩।

ଧନ ନୁହେଁ ଧର୍ମ ସିନା ଶ୍ରେଷ୍ଠ ଜୀବନରେ
ଯିଏ ବୁଝେ ଏହି ସତ୍ୟ ସୁଖୀ ସେ ସଂସାରେ ।୪।

ରତ୍ନାକର ଧନ ପାଇଁ ମାରିଲା ମଣିଷ
ଲୁଣ୍ଠନ କରିଲା ସବୁ ଭୁଲି ପୌରୁଷ ।୫।

ଭୁଲିଗଲା ପାପ ପୂଣ୍ୟ ଅରଜିଲା ଧନ
ଏକାଳେ ନାରଦ ଋଷି କଲେ ଆଗମନ ।୬।

ଜଙ୍ଗଲ ରାସ୍ତାରେ ଯେବେ ଋଷିଙ୍କୁ ଦେଖିଲା
ମାରିବା ପାଇଁକି ତାଙ୍କୁ ଆକର୍ଷି ଧରିଲା ।୭।

ସାଧୁ ସଙ୍ଗେ ମିଶି ଜ୍ଞାନ ହୋଇଲା ଉଦୟ
ନାରଦଙ୍କ ଉପଦେଶେ ପାଇଲା ଅଭୟ ।୮।

ଛାଡ଼ିଲା ଅନୀତି ପଥ ଗୁରୁବାକ୍ୟ ନେଇ
ତପସ୍ୟା କରିଲା ଯେଣୁ ମୁକ୍ତି ସେ ଲଭଇ ।୯।

ସଂସାର ଧନ ପଛରେ ଧାଇଁଛି ସର୍ବଦା
ଧନ ଅରଜନ ପାଇଁ କରେ ନାନା ଧନ୍ଦା ।୧୦।

ଯେଉଁ ଲୋକ ଆଜି ତତେ କରିଥାନ୍ତି ସ୍ନେହ
ସେହି ଲୋକ ଧନ ବିନା ମୋଡ଼ିଥାନ୍ତି ମୁହଁ ।୧୧।

ଦୁଃଖ ବେଳେ କେହି ଲୋକ ନଥିବେ ପାଖରେ
ସମସ୍ତେ ଥାଆନ୍ତି ପାଶେ ସୁଖ ସମୟରେ ।୧୨।

ଆଜି ଥିବା ଧନ କାଲି ପାଖରେ ନଥିବ
ଧନ ପାଇଁ ସମ୍ପର୍କରେ ବାଡ଼ ଠିଆ ହେବ ।୧୩।

ଦୁଃଖ ଭୋଗୁଥିଲେ କେହି ନଆସେ ପାଖକୁ
କାରଣ ପଚାରେ ନାହିଁ ଆଉଁସି ପିଠିକୁ ।୧୪।

ନହୁଏ ସହାୟ କେହି ବିପଦ କାଳରେ
ଗୋବିନ୍ଦ ଆଶ୍ରୟ କଲେ ନିସ୍ତରେ ସଂସାରେ ।୧୫।



ଯାବତ୍ ପବନୋ ନିବସତି ଦେହେ
ତାବତ୍ ପୃଚ୍ଛତି କୁଶଳଂ ଗେହେ ।
ଗତବତି ବାୟୋ ଦେହାପାୟ
ଭାର୍ଯ୍ୟା ବିଭ୍ୟତି ତସ୍ମିନ୍କାୟେ ।।୬।।

ଷଷ୍ଠ ପାହାଚ

ପ୍ରାଣବାୟୁ

ରାଗ - ରାମକେରୀ

ଶରୀର ପୁରୁଛି ପବନେ
ତେଣୁ ଜୀବନ ଜ୍ଞାନ
'ସେ' ପବନ ଗଲେ ବାହାରି
'ଶବ' ପରାୟ ମନ ।୧।

ନବରନ୍ଧ୍ର ଛାଇ ଶରୀରେ
ଆତଯାତ ମଣିଷ
ବିଧାତା ଗଠନ ବିଚିତ୍ର
ବୁଝି ନପାରେ ବିଶ୍ୱ ।୨।

ଯେଉଁ ଦେହ ପାଇଁ ମଣିଷ
ଏତେ ଯତନଶୀଳ
ସେ ଦେହରେ ପୁରିରହିଛି
ଖାଲି ପବନ ଜଳ ।୩।

ସମୟ ଆସିଲେ ପବନ
ଶୂନ୍ୟ ଭାଗେ ମିଶିବ
ଦେହ ପଡ଼ିଥିବ ଭୂଇଁରେ
ଯହିଁ ପ୍ରାଣ ନଥିବ ।୪।

ଯେଉଁ ଶରୀରକୁ ଆଦରି
ଥିବେ ନିଜର ଲୋକ
କାନ୍ଦିବେ ଦି'ଘଡ଼ି ତା'ପରେ
ତାକୁ ବୋଲିବେ ଭୂତ ।୫।

'ପବନ'ର ଲୀଳା ଲାଗଇ
ଜନ୍ମ ମରଣ ଯାଏ
ଆତ୍ମ ପରିଚୟ ପ୍ରକାଶେ
ଘରୁ ବାହାରଯାଏ ।୬।

ନିଜ ବଳ ଦର୍ପ ଦେଖାଇ
ଯିଏ ଗରଜୁଥିଲା
'ପବନ' ଯିବାରୁ ବାହାରି
ସବୁ ଶିଥିଳ ହେଲା ।୭।

ନାମ ତା' ହଜିଲା ସେ ବେଳେ
ତାକୁ 'ଶବ' କହିଲେ
ବାଉଁଶ ଦଉଡ଼ି ବନ୍ଧନେ
ତାକୁ ମଶାଣି ନେଲେ ।୮।

କାହାକୁ ନକହି 'ପବନ'
ଶୂନ୍ୟେ ଯାଇ ମିଶଇ
ତେଣୁ କହିଥାଉ ଶରୀରେ
ଆଉ ଜୀବନ ନାହିଁ ।୯।

ଦେହ ଜ୍ଞାନେ ହୋଇ ଆସକ୍ତ
ଭୂଲିଥାଉ ନିଜକୁ
ନିଜକୁ ଚିହ୍ନିଲେ ଥରଟେ
ଆଉ ଖୋଜ କାହାକୁ ? ।୧୦।

☆



ବାଲସ୍ତାବତ୍ କ୍ରୀଡ଼ା ସକ୍ତଃ
ତରୁଣ ସ୍ତାବତ୍ ତରୁଣୀ ସକ୍ତଃ
ବୃଦ୍ଧସ୍ତାବତ୍ ଚିନ୍ତା ସକ୍ତଃ
ପରଂବ୍ରହ୍ମଣି କୋଽପି ନ ସକ୍ତଃ ।।୭।।

ସପ୍ତମ ପାହାଚ

ଆସକ୍ତି

ରାଗ - ଶଙ୍କରାଭରଣ

(ଯେତେ ଦୂରେ ପତ୍ର ପଢ଼ିଥିଲେରେ ନବୀନା-ବୃତ୍ତେ)

ଆପଦ କାଳରେ କେହି ସହାୟ ନୁହନ୍ତି
ଗୋବିନ୍ଦ ଭଜନ ଦିଏ ପରମ ପ୍ରଶାନ୍ତି
ଅର୍ଥ-ଧନ ମୂଲ୍ୟହୀନ
ସମୟର କାଳଚକ୍ରେ ହୁଏ ସବୁ ଶୂନ୍ୟ ।୧।

ଜନ୍ମ ହୋଇ ଶିଶୁ ପୁତ୍ର କୁଆଁ କୁଆଁ କାନ୍ଦେ
ବାଲ୍ୟକାଳେ କ୍ରୀଡ଼ାକରେ ପରମ ଆନନ୍ଦେ
ପିତା ମାତା ମନ ମୋହେ
ତାରୁଣ୍ୟ ପ୍ରାପତ ପରେ କ୍ରୀଡ଼ା ସରିଯାଏ ।୨।

ଯୌବନରେ ଜୀବନକୁ କରେ ଉପଭୋଗ
ଭୁଲିଯାଏ ଦୁଃଖ ଶୋକ ବ୍ୟଥାଭରା ରୋଗ ।
ଭାବେ ଜୀବନ ସୁନ୍ଦର
ଅନ୍ତରାଳେ କାଳ ଆସି ଦିଏ ଆଖି ଠାର ।୩।

ବୃଦ୍ଧାବସ୍ଥା ଉପସ୍ଥିତ ହୁଏ ଯେତେବେଳେ
ହଜିଯାଏ ସବୁ ସୁଖ ପାହାନ୍ତି ପହରେ
ଦୁଃଖ ଯନ୍ତ୍ରଣାର ଦିନ
ଭୋଗ କରି ତୁଚ୍ଛ ମଣେ ମଣିଷ ଜୀବନ ।୪।

ବାଲ୍ୟକାଳେ କ୍ରୀଡ଼ା ପାଇଁ ଆସକ୍ତି ରହଇ
ତରୁଣ ଆସକ୍ତ ରହେ ତରୁଣୀର ପାଇଁ
ବୃଦ୍ଧ ଚିନ୍ତାସକ୍ତ ରହେ
ଆସକ୍ତ ନୁହଁନ୍ତି କେହି ବ୍ରହ୍ମ ପାଇଁ, ମୋହେ ।୫।

ଜଗତ ହୋଇଛି ଗଢ଼ା ପଞ୍ଚ ମହାଭୂତେ
ରୂପ ନାହିଁ ସେ ଭୂତର ସାକ୍ଷାତ ପ୍ରତକ୍ଷେ
ଗୁଣ ଅଛି ଏ ବସ୍ତୁର
ଗୁଣ ମାଧ୍ୟମରେ ରୂପ ବର୍ଣ୍ଣନା ଅପାର ।୬।

ପଞ୍ଚଭୂତର ଉର୍ଦ୍ଧ୍ୱରେ ଈଶ୍ୱର ଅଛନ୍ତି
ସଂଶୟ ଥିବାରୁ ମନେ ନ ଦିଶଇ କିଛି
ବୁଝ ଦେହର ସ୍ୱଭାବ
ତାପରେ ଈଶ୍ୱର ପ୍ରାପ୍ତି ସରଳ ହୋଇବ ।୭।

ଈଶ୍ୱର ବିଶ୍ୱାସ ହିଁ ଯୁବ ସମାଜର
ନାନା ପ୍ରଶ୍ନ କରିଥାନ୍ତି ଈଶ୍ୱର ସ୍ଥିତିର
କର୍ମଥିଲେ ପୂର୍ବଜନ୍ମେ
ଈଶ୍ୱର ବିଶ୍ୱାସେ ସ୍ୱତଃ ଅନ୍ତରେ ଜନମେ ।୮।

ଜନାନ୍ତର ବାଦତତ୍ତ୍ୱ ନିଅ ବିଶ୍ୱାସକୁ
ପୂର୍ବଜନ୍ମ କଲା କର୍ମ ହେବ ଭୋଗିବାକୁ
ସତକର୍ମେ ଫଳ ଲାଭ
ଜ୍ଞାନୀ ଜନ ପାଇଁ କିଛି ନୁହଁଇ ଦୂର୍ଲଭ ।୯।

ସାଧନା ନଥାଇ କିଏ ଗାଇପାରେ ଗୀତ
କିଏ ଅବା ଶିଶୁ କାଳୁ ଆଙ୍କିପାରେ ଚିତ୍ର
କିଏ କବି ହୋଇଥାଏ
ପୂର୍ବଜନ୍ମ ସ୍ୱଭାବର ପ୍ରକାଶ ପରା ଏ ।୧୦।

ଜନ୍ମ ମୃତ୍ୟୁ ଜୀବନର ଦୁଇଗୋଟି ତଟ
ତା ମଧ୍ୟରେ ପ୍ରବାହିତ କେତେ ସୁଖ ଦୁଃଖ
ଏହି ଦୀର୍ଘଯାତ୍ରା କାଳେ
କେତେ ସ୍ୱପ୍ନ କେତେ ଆଶା ଘଟେ ନିରନ୍ତରେ ।୧୧।

ଯେ ଶରୀର ଜନ୍ମ ନିଏ ଭୋଗ କରି ସୁଖ
ବାଲ୍ୟ, ତାରୁଣ୍ୟ, ଯୌବନ ବୃଦ୍ଧ କାଳେ ଦୁଃଖ
ଜଳେ ଶେଷେ ଜୁଇପରେ
ଆତ୍ମା ଚିର ନିତ୍ୟ ବୁଦ୍ଧ ନିର୍ମଳ ବିହାରେ ।୧୨।

ବାଲ୍ୟକାଳେ ଖେଳୁଥାଏ କରି ବାଲି ଘର
କକମିନା ଗୀତରେ ସେ ହୁଅଇ ବିଭୋର
ଖେଳହୁଏ ନିତ୍ୟ ସହଚର
ନଥାଏ ଭାବ ତା ପାଖେ କିଏ ନିଜ ପର ।୧୩।

ଯୌବନରେ ପାଦ ଦେଇ ଭୁଲେ ଶିଶୁକାଳ
ନିତୀ ଓ ଅନୀତି ଭେଦ ନଆଣେ ମନର
ଇନ୍ଦ୍ରିୟ ଭୋଗ ବ୍ୟତୀତ
ସବୁ ଭଲ, ଶ୍ରେୟ ମାର୍ଗ ହୋଇଥାଏ ତୁଚ୍ଛ ।୧୪।

ବୁଝେ ନାହିଁ ଈଶ୍ୱରଙ୍କୁ ସୃଷ୍ଟିର କର୍ତ୍ତାଙ୍କୁ
ଖାତିର ନଥାଏ ତାର ମାନ ସମ୍ମାନକୁ
କରେ ଜୀବନକୁ ବ୍ୟର୍ଥ
ବନ୍ଧାପଡ଼େ ଭିନ୍ନ କାମେ ଧରି ନିଜ ସ୍ୱାର୍ଥ ।୧୫।

ଧୀରେ ଧୀରେ ଯୌବନ ସରି ସରି ଯାଏ
ସଂସାର ମାୟା ଜାଲରେ ବାନ୍ଧି ହୋଇଥାଏ
ଶେଷେ ମୁକ୍ତି ଲଭିବାକୁ
ଚେଷ୍ଟା ତାର ବ୍ୟର୍ଥ ହୁଏ ଡୋର କାଟିବାକୁ ।୧୬।

ବୃଦ୍ଧାବସ୍ଥା ପ୍ରାପ୍ତ ହୁଏ, ହୁଏ ସେ ଦୁର୍ବଳ
ଦେଖି ପାରେ ନାହିଁ ଯେଣୁ ଆଖିରେ ପରଳ
ଭଲେ ଚାଲି ପାରେ ନାହିଁ
ବସି ଏକା ଅତୀତକୁ ଭାବେ ରହି ରହି ।୧୭।

ଅତୀତର ସ୍ମୃତି ଆଉ ଭବିଷ୍ୟତ ଭୟ
ଏ ଦୁଇ ଭିତରେ ସରେ ସମସ୍ତ ସମୟ
କାଳ ସରି ସରି ଯାଏ
ଆତ୍ମ ଅନୁଭବ ବିନା ଶାନ୍ତି ତା ନଥାଏ ।୧୮।

ବିଜ୍ଞାନ ଦେଇଛି ଜ୍ଞାନ ସବୁ ଜାଣିବାକୁ
ଆକାଶେ ଉଡ଼ି ଉଡ଼ି ଗ୍ରହ ଗଣିବାକୁ
ଦେଶ ଦଶ କଥା କେତେ
ଶିଖାଇଛି ବିଦ୍ୟାଳୟ କାରଣ ଅନେକେ ।୧୯।

ଦେଇ ନାହିଁ ଆତ୍ମଜ୍ଞାନ ଜାଣିବାର ଶିକ୍ଷା
ଆତ୍ମଜ୍ଞାନ ଶିକ୍ଷାବିନା ସବୁ ଶିକ୍ଷା ବୃଥା
ଜ୍ଞାନ ନୀତିରେ ପ୍ରୟୋଗ
ଜାଣିନାହିଁ ତେଣୁ ଭୋଗେ ସବୁ ପରାଭବ ।୨୦।

ଯେଣୁ ଏ ଶରୀର ଆମ ଈଶ୍ୱର ପ୍ରଦତ୍ତ
ତେଣୁ ଈଶ୍ୱର ଜାଣିବା ଅଟଇ ଉଚିତ
ଥରେ ଜାଣିଲେ ଈଶ୍ୱର
ପ୍ରାପ୍ତ ହେବ ଶାନ୍ତି ସୁଖ ଜୀବନ ଯାକର ।୨୧।

ଅନ୍ତକାଳେ ଈଶ୍ୱରରେ ଲୀନ ହେବାପାଇଁ
ଅହରହ ଚିନ୍ତା କର ପ୍ରଭୁ ନାମ ଗାଇ
ମୃତ୍ୟୁ ଯେଣୁ ଚିର ସତ୍ୟ
ଈଶ୍ୱର ପ୍ରାପ୍ତିରେ କାହିଁ କହ ଦୁଇମତ ।୨୨।

କିଏ ଜାଣେ ହେବ ମୃତ୍ୟୁ କାର କେତେବେଳେ
ଶିଶୁ ଅବା ଯୌବନରେ ଅବା ବୃଦ୍ଧ କାଳେ
ସହର ବା ଜଙ୍ଗଲରେ
ଜଳରେ ସ୍ଥଳରେ ଅବା ମନ୍ଦିର ବେଢ଼ାରେ ।୨୩।

ଆସିଲାବେଳେ କାଳ, ନଦେବ ସୂଚନା
ଯେତେ ବି ନେହୁରା ହେଲେ ମାନିବନି ମନା
ତାର ସରିଲେ ହିସାବ
ଟାଣି ନେଇ ଯମ ଦ୍ୱାରେ ବିଚାର କରିବ ।୨୪।

ବିଜ୍ଞଲୋକ ସେହି ଜନ ଯେ କରେ ସାଧନା
ସବୁ ଶିକ୍ଷା ବୃଥା ହୁଏ ଆତ୍ମଜ୍ଞାନ ବିନା
ଧନ୍ୟ ମଣିଷ ତୋ ଜ୍ଞାନ
ନିଜ ହୃଦ କଥା ପାଇଁ ନଥାଏ ତୋ' ମନ ।୨୫।

ଜନ୍ମ ନେଉ ବାରମ୍ବାର ମରୁ ଥର ଥର
ସଂସାରେ ଆସିବା ଯିବା ଲାଗିଛି ତୋହର
ଏହା ନୁହଁଇ ଉଚିତ
ଆତ୍ମଜ୍ଞାନ ଲାଭ କଲେ ହେବୁ ମୃତ୍ୟୁ ମୁକ୍ତ ।୨୬।



କାତେ କାନ୍ତା କସ୍ତେ ପୁତ୍ରଃ
ସଂସାରୋୟମତୀବ ବିଚିତ୍ରଃ
କସ୍ୟତ୍ୱଂବା କୁତ ଆୟାତଃ
ତତ୍ତ୍ୱଂଚିନ୍ତୟ ତଦିହ ଭ୍ରାତଃ ॥୮॥

ଅଷ୍ଟମ ପାହାଚ

ପରିବାର-ମୋହ

ରାଗ- ବଙ୍ଗଳାଶ୍ରୀ

କିଏ ତୋର ପତ୍ନୀ, କିଏ ତୋର ପୁତ୍ର
ସଂସାର ବଡ଼ ବିଚିତ୍ର
ତୁମେ ବା କିଏ ସେ କାହୁଁ ଆସି ଅଛ
ଚିନ୍ତ ଏ ତତ୍ତ୍ୱର ଅର୍ଥ ।୧।
ନିଜକୁ ଚିହ୍ନିବୁ ଜଗତ ଜାଣିବୁ
ବୁଝିଲେ ଏ ସାର କଥା
ଜ୍ଞାନଚକ୍ଷୁ ତୋର ଖୋଲିଯିବ ଯେବେ
ଦୂରହେବ ମନୁ ବ୍ୟଥା ।୨।
ସଂସାରରେ ରହି ମଣିଷ ବାପୁଡ଼ା
ଭୁଲିଯାଇଅଛି ସତ୍ୟ
ଗୋଡ଼େଇଛି ଭୋଗ୍ୟ ବସ୍ତୁ ପଛେ ପଛେ
ବୁଝେନା ନିତ୍ୟ ଅନିତ୍ୟ ।୩।
ସୂର୍ଯ୍ୟ ଥିଲେ ଘନ ବାଦଲ ପଛରେ
ଆଲୋକ ପ୍ରକାଶେ ନାହିଁ
ମୂଢ଼ ପରି କହେ ଆକାଶକୁ ଚାହିଁ
ସୂର୍ଯ୍ୟର ଅସ୍ତିତ୍ୱ ନାହିଁ ।୪।
ଅଜ୍ଞତାର ଘନ ବାଦଲକୁ ତଡ଼ି
କର ଜ୍ଞାନ ଆହରଣ
ଆତ୍ମାରେ ଆଲୋକ ଆପେ ପ୍ରକାଶିବ
ବିଞ୍ଚିବ ସୁନା କିରଣ ।୫।

ଶରୀର ସମ୍ବନ୍ଧ କ୍ଷଣିକ ଜୀବନେ
ଆସକ୍ତିରେ ପରିପୂର୍ଣ୍ଣ
ସେହି ଆସକ୍ତିରୁ ମୁକ୍ତ ହେଲେ ଯାଇ
ଜୀବନ ହୋଇବ ଧନ୍ୟ ।୬।
ନଦୀର ସ୍ରୋତରେ ଭାଷି ଚାଲିଥାନ୍ତି
କେତେ କେତେ ଡାଳ ପତ୍ର
କେତେବେଳେ କାହିଁ ହୁଅନ୍ତି ଏକାଠି
ପୁଣି କେବେ ଯୋଗସୂତ୍ର ।୭।
ସଂସାର ନଦୀର ଜୀବନ ସ୍ରୋତରେ
ସ୍ୱାମୀ-ସ୍ତ୍ରୀ ସେଇ ଭାବ
ନଥିଲେ ଏକାଠି ଜୀବନ ଆରମ୍ଭେ
ନଥିଲା ସ୍ନେହ ସରାଗ ।୮।
ଭାଷି ଚାଲିଥିଲେ ଅନୁକୂଳ ସ୍ରୋତେ
ହୋଇଲେ ଏକାଠି ଦିନେ
ହେଲେ ଆପଣାର ଗଢ଼ିଲେ ସଂସାର
ବଞ୍ଚିଲେ ଆନନ୍ଦ ମନେ ।୯।
କେବେ ପୁଣି ହେଲେ ପରସ୍ପରୁ ଭିନ୍ନ
କିଏ ଆଗେ କିଏ ପଛେ
କେହି କରିଲାନି ଅପେକ୍ଷା ଅନ୍ୟକୁ
ମିଶିବାକୁ ଦିବ୍ୟ ଲକ୍ଷ୍ୟେ ।୧୦।
ମଣିଷ ଜାଣେନା ଆସିଛି କେଉଁଠୁ
ଯାତ୍ରା ତାର କେଉଁଠାକୁ
ଏ ମାୟା ସଂସାରେ ସମ୍ପର୍କ ବଢ଼ାଇ
ଭୁଲେ ସେ ସୃଷ୍ଟିକର୍ତ୍ତାଙ୍କୁ ।୧୧।
ଶରୀର ସମ୍ବନ୍ଧ ନୁହଁଇଟି ବଡ଼
ଏ ପଞ୍ଚଭୂତରେ ଗଢ଼ା
ବିନାଶ ଘଟିବ ଦେହ ନଷ୍ଟଯିବ
କେହି ହେବେ ନାହିଁ ଲୋଡ଼ା ।୧୨।

ଦେଖ କେତେ ପକ୍ଷୀ ଉଡ଼ି ଉଡ଼ି ଆସି
ରୁହନ୍ତି ଗୋଟିଏ ବୃକ୍ଷେ
ରାତି ପାହିଗଲେ ପୁଣି ଉଡ଼ିଯାନ୍ତି
ଆପଣା ଆପଣା ଲକ୍ଷ୍ୟେ ।୧୩।
କେହି କହେ ନାହିଁ ଅପର ସାଥୀକୁ
କୁଆଡ଼େ ଯାଉଛି ଉଡ଼ି
ସୂର୍ଯ୍ୟ ବୁଡ଼ିଗଲେ ସଂଜ ଆସିହେଲେ
ଆସିବ କି ସେ ବାହୁଡ଼ି ? ।୧୪।
ସେହିପରି ଦେଖ ପରିବାର ବୃକ୍ଷେ
ପତ୍ନୀ ପୁତ୍ର ଅବା ପୌତ୍ର
ଯଥା କାଳେ ସର୍ବେ ଯିବେ ଚାଲି କାହିଁ
ବୃଥା ଖାଲି ମନସ୍ତାପ ।୧୫।
ଲୁହ ଗଡ଼ାଇବା ଅନ୍ୟର ବିହୁନେ
ଆସକ୍ତିର ଫଳାଫଳ
ଯିଏ ଯିବ କାଲି ଆଜି ସେ କାନ୍ଦୁଛି
ଭୁଲି ନିଜ କର୍ମଫଳ ।୧୬।
ସଂସାରଟା ଏକ ଚଟିଘର ସମ
ବିଶ୍ରାମ ରାତିଟି ପାଇଁ
ସମସ୍ତେ ଚାଲିବେ ନିଜ ରାହା ଧରି
ସେହି ରାତିଗଲେ ପାହି ।୧୭।
ଯେଉଁମାନେ ଏଠି ନିଅନ୍ତି ବିଶ୍ରାମ
ପରସ୍ପର ଯହିଁ ଭାବ
କେହି ବୁଝେ ନାହିଁ କାହାରି ଠିକଣା
ନାହିଁ ପ୍ରିତୀ ଅନୁରାଗ ।୧୮।
ସ୍ୱପ୍ନରେ ମଣିଷ ଦେଖିଥାଏ ଯାହା
ଜାଗ୍ରତରେ ଜାଣେ ମିଛ
ଜାଗ୍ରତ ମଣିଷ ଯାହା ଦେଖୁଥାଏ
ଶୋଇ ଭୁଲେ ତା ଅସ୍ତିତ୍ୱ ।୧୯।

ଏକ ରାତ୍ରି ସ୍ୱପ୍ନ　　ଦିବାସ୍ୱପ୍ନ ଆନ
　　ଉଭୟ ଅଟେ ଅସତ୍ୟ
ଜୀବନର ଲକ୍ଷ୍ୟ　　ପ୍ରାପ୍ତ ସଦଗତି
　　ଯାହା ଚିରନ୍ତନ ସତ୍ୟ　　।୨୦।
କର୍ତ୍ତବ୍ୟ ପାଳନେ　　ଏ ଦେହ ଧାରଣ
　　ନୁହେଁ ସମ୍ବନ୍ଧିତ ଆନ
ଶରୀର ସମ୍ବନ୍ଧେ　　ବିବ୍ରତ ମଣିଷ
　　ସଂସାରଟା ମୂଲ୍ୟହୀନ　　।୨୧।
ଶୂନ୍ୟଟି ସଂସାର　　ସଂଖ୍ୟାଟି ଈଶ୍ୱର
　　ଈଶ୍ୱର ଜଗତେ ସାର
ସଂଖ୍ୟାର ଡାହାଣେ　　ଯେତେ ଶୂନ୍ୟ ଥିଲେ
　　ହୁଏ ତା ମୂଲ୍ୟ ଅପାର　　।୨୨।
ସଂଖ୍ୟା ଲିଭିଗଲେ　　ଥରେ ବାମପଟୁ
　　ନଥାଏ ମୂଲ୍ୟ ଶୂନ୍ୟର
ସେହିପରି ଏହି　　ଜଗତ ମଧ୍ୟରେ
　　ସାର ଅଟନ୍ତି ଈଶ୍ୱର　　।୨୩।
ମାତା-ପିତା-ପୁତ୍ର　　ଆତ୍ମୀୟ ସ୍ୱଜନ
　　କେହି ନୁହେଁ ଭବେ ସତ୍ୟ
ଧନ-ମାନ-ଯଶ　　ଅଢ଼େଇ ଦିନିଆ
　　ସବୁ ଅସାର ଅନିତ୍ୟ　　।୨୪।
ମନ ସ୍ଥିର ରଖ　　ସୁସ୍ଥ ରଖ ଦେହ
　　ଦୃଷ୍ଟିକୁ ରଖ ନିତ୍ୟରେ
ନହୁଅ ଦୁର୍ବଳ　　ଲଭ ଆତ୍ମାନନ୍ଦ
　　ନହୁଅ ବୋଝ ଅନ୍ୟରେ　　।୨୫।
ଜୀବନ ନଦୀକୁ　　ପାରିହେବା ପାଇଁ
　　ଶରୀର ନୌକାଟି ଗଢ଼ା
ତେଣୁ ଏ ନୌକାର　　ରକ୍ଷଣା ବେକ୍ଷଣ
　　ଅବଶ୍ୟ ଅଟଇ ଲୋଡ଼ା　　।୨୬।

ଡଙ୍ଗାର ମଧ୍ୟରେ ହୋଇଗଲେ କଣା
ପଶିଯିବ ତହିଁ ଜଳ
ସଂସାର ନଦୀର ଅଗାଧ ଜଳରେ
ବୁଡ଼ିଯିବ ଏ ଶରୀର ।୨୭।
ସଂସାରେ ରହିବା ସଂସାର କରିବା
ଏ ସଂସାର ଲୀଳା ଖେଳା
ସଂସାର ଯଦିବା ତୁମ ମଧ୍ୟେ ରହେ
ବୁଡ଼ିଯିବ ନିଶ୍ଚେ ଭେଳା ।୨୮।
ଦେହ ସଂସାରରେ ରହୁ ସଦାକାଳେ
ପାଳୁ ସଂସାର ନିୟମ
ମନ ରହିଥାଉ ଘନ ଅରଣ୍ୟରେ
ଭଜୁ ଗୋବିନ୍ଦଙ୍କ ନାମ ।୨୯।
ପାରିହେବା ପାଇଁ ସଂସାର ସାଗର
ଦେହ ଆଶ୍ରୟ ପରମ
ସେ ଦେହ ଡଙ୍ଗାରେ ପାରିହୋଇ ଆମେ
ଲଭିବା ବିଭୁଙ୍କ ଧାମ ।୩୦।
ବେଳ ଥାଉ ଥାଉ ଯିବା ପାଇଁ ହେବ
ଡେରି ହେଲେ ନାନା ବାଧା
ମଝି ନଈଟାରେ ଦଦରା ଡଙ୍ଗାରେ
ହେବ ନାନା ଅସୁବିଧା ।୩୧।
ଇନ୍ଦ୍ରିୟ ସଂଯମ କରରେ ମଣିଷ
ଯଦି ଲୋଡ଼ା ଚିର ଶାନ୍ତି
ସବୁ ଦୁଃଖ ତୋର ହୋଇଯିବ ଦୂର
ଲଭିବୁ ଚିର ପ୍ରଶାନ୍ତି ।୩୨।

✸



ସତ୍ ସଂଗତ୍ୱେ ନିଃସଙ୍ଗତ୍ୱଂ
ନିଃ ସଂଗତ୍ୱେ ନିର୍ମୋହତ୍ୱଂ
ନିର୍ମୋହତ୍ୱେ ନିଶ୍ଚଳ ତତ୍ତ୍ୱଂ
ନିଶ୍ଚଳତତ୍ତ୍ୱେ ଜୀବନ୍ ମୁକ୍ତିଃ ॥୯॥

ନବମ ପାହାଚ

ସତ୍‌ସଙ୍ଗ

ରାଗ- ଚକ୍ରକେଳୀ

(ବୃତ୍ତେ- ବୋଲେ ସୁଗ୍ରୀବେ ରାମ କ୍ଲେଶ ଭାଷା)

ଜୀବନରେ ଯଦି ଚାହଁ ବିକାଶ
ସାଧୁ ସଙ୍ଗରେ ମିଳଇ ଅବଶ୍ୟ ।୧।
ସାଧୁ ସଜ୍ଜନ ସହିତ ରହିଲେ
ଦିବ୍ୟ ପଥ ଦୃଷ୍ଟ ହେବ ସରଳେ ।୨।
ସତ ସଙ୍ଗରେ ଆସଇ ବୈରାଗ୍ୟ
ବୈରାଗ୍ୟରେ ମୋହନାଶ ସମ୍ଭବ ।୩।
ମନ ନିଶ୍ଚଳ ହୁଏ ମୋହ ବିନା
ଜୀବ ମୁକ୍ତି ପାଏ ତେଜି ଭାବନା ।୪।
ସମାଜରେ ରହିଥାଏ ମଣିଷ
ସାଥୀ ସାଙ୍ଗ ନେଇ ଚଳେ ଅବଶ୍ୟ ।୫।
ବ୍ୟକ୍ତି ବ୍ୟକ୍ତି ମଧ୍ୟେ ରହେ ସମ୍ପର୍କ
ତେଣୁ ମଣିଷ ପାଇପାରେ ସୁଖ ।୬।
ଜଣେ ଅନ୍ୟକୁ ସାହାଯ୍ୟ କରଇ
ଚଳି ଥାଆନ୍ତି ହୋଇ ବନ୍ଧୁ ଭାଇ ।୭।
ଏହି ସମ୍ପର୍କ ହୋଇଲେ ମଧୁର
ଜଣେ ଅନ୍ୟର କରେ ଉପକାର ।୮।

ଆମ ଦେଶ ଭାରତର ଐତିହ
ଯହିଁ ପରସ୍ପର ଥାଏ ସୁ-ସ୍ନେହ ।୯।
ଭଲ ମନ୍ଦ ଦୁଃଖ ସୁଖ କାଳରେ
ଜଣେ ଅନ୍ୟର ସାଥି ହୋଇପାରେ ।୧୦।
ଅନ୍ୟ ଦେଶରେ ନଥାଏ ଏଭାବ
ଏହି ସଦ୍‌ଗୁଣ ଭାରତ ସ୍ୱଭାବ ।୧୧।
ଭାରତୀୟ ଚାଲୁଥିଲେ ବାଟରେ
ହାତ ରଖିଥାଏ ଅନ୍ୟ କାନ୍ଧରେ ।୧୨।
ଅନ୍ୟ ଦୁଃଖରେ ଗଡ଼ାଏ ଲୋତକ
ବନ୍ଧୁ ଆନନ୍ଦେ ପାଇ ଥାଏ ସୁଖ ।୧୩।
ସତ୍ୟ ଏ ଦେଶର ମୂଳ ଆଧାର
ପ୍ରାଣ ଦେଇ ପାରେ ରଖି ସତ୍ୟର ।୧୪।
ସତ୍ୟ ସାଧନାର ମୂଳ ପାହାଚ
ସତ ସଙ୍ଗରେ ମିଳିବ ଯେ ମୋକ୍ଷ ।୧୫।
ଯିଏ କ୍ରୋଧରେ ହୁଏ ଜ୍ଞାନ ଶୂନ୍ୟ
କ୍ଷୁଧା ସହି ନପାରି ହତ ଜ୍ଞାନ ।୧୬।
ପର ଅହିତ ଚିନ୍ତା କରେ ମନେ
ସମାଜ ଅଧମରେ ତାକୁ ଗଣେ ।୧୭।
ଖାଦ୍ୟ ସଂଗ୍ରହେ ଯେ କାଟେ ସମୟ
ତା'ର ହୁଏ ନାହିଁ ଜ୍ଞାନ ଉଦୟ ।୧୮।
ଜନ୍ମ ପୂର୍ବୁ ମାତୃ ବକ୍ଷେ ଅମୃତ
ସଞ୍ଚି ରଖିଥାନ୍ତି ପ୍ରଭୁ ଅବଶ୍ୟ ।୧୯।
ଜଳେ ରହୁଛି ଜଳଚର ପ୍ରାଣୀ
ସେତ ଖାଦ୍ୟ ପାଇଁ କାହିଁ ଯାଉନି ।୨୦।
ପକ୍ଷୀ ଉଡୁଛି ନୀଳ ଗଗନରେ
ଖାଦ୍ୟ ପାଇଁ ଚିନ୍ତା କେବେ ନକରେ ।୨୧।
ବୃକ୍ଷ ଲତା ଜଙ୍ଗଲରେ ରହିଛି
ତାକୁ ଜଳ କିଏ ସେ ଯୋଗାଉଛି ।୨୨।

ଦେଖ ଭୂତଳେ ପିମ୍ପୁଡ଼ିର ଧାର
ତାଙ୍କ ମୁଖେ ଧରିଛନ୍ତି ତଣ୍ଡୁଳ ।୨୩।
କିଏ ଖଞ୍ଜିଲା ଆହାର ତାହାଙ୍କୁ
ଏହି ବିଚିତ୍ର ଭିଆଣ ସଭିଙ୍କୁ ।୨୪।
ସେ କି ମନୁଷ୍ୟେ ନଦେବେ ଆହାର
ଯାହା ପାଇଁ ସେ ହୁଏ ହରବର ।୨୫।
ମଣିଷର ପ୍ରଚେଷ୍ଟା ଅହରହ
ଖାଦ୍ୟ ସଂଗ୍ରହେ ବିତାଏ ସମୟ ।୨୬।
ଖାଇ ବଞ୍ଚିବା ପାଇଁକି ମଣିଷ
ବହୁ ସମୟ କରିଥାଏ ନଷ୍ଟ ।୨୭।
ସତ୍ୟ ଅନ୍ୱେଷଣେ ସେହି ସମୟ
ବିନିଯୋଗ ହେବା ଅଟେ ବିଧେୟ ।୨୮।
ଯିଏ ବୁଝେ ଈଶ୍ୱରଙ୍କ ପିତୃତ୍ୱ
ସିଏ ହେବ ଏ ଜଗତରେ ଶ୍ରେଷ୍ଠ ।୨୯।
ଭାଇ ଭଉଣୀ ମିଛ ସମ୍ବୋଧନ
ନୁହେଁ ଉଚିତ କଥା ରଖ ମନ ।୩୦।
ଏହି ସମ୍ବନ୍ଧ ଅଟେ ଶାରୀରିକ
ନୁହେଁ କଦାପି ଆତ୍ମିକ ସମ୍ପର୍କ ।୩୧।
ବୁଝି ଏକ ଆତ୍ମା ସବୁ ଦେହରେ
ଏହା ପବିତ୍ର ସମ୍ପର୍କ ମହିରେ ।୩୨।
ଆଉ ସବୁ ଭାବ ଦୁଇ ଦିନିଆ
ତାକୁ ଜାଣିଲେ ଚିହ୍ନିବ ଦୁନିଆ ।୩୩।
ଏହି ସତ୍ୟକୁ ଜାଣିବା ପାଇଁଟି
ସତ୍‌ସଙ୍ଗ ଲୋଡ଼ା ହୋଇଥାଏଟି ।୩୪।
ବୁଝ ଭଗବାନଙ୍କର ପିତୃତ୍ୱ
ଗୃହେ ହୋଇବ ଶାନ୍ତି ବିରାଜିତ ।୩୫।
ଭ୍ରାତୃଭାବ ରଖ ନିଜ ମଧ୍ୟରେ
ଶାନ୍ତି ଲଭିବ ଜୀବନ ଦଶାରେ ।୩୬।

ଏବେ ବିଚିତ୍ର ସ୍ୱଭାବ ମହିରେ
ଭାଇ କହି ତଣ୍ଟିକାଟେ ସହିରେ ।୩୭।
ଭଲ ମନ୍ଦ ଅଛି ତୋର ଭିତରେ
ଏହା ଅନୁଭବ କର ସତ୍ୟରେ ।୩୮।
ସଙ୍ଗ ସହିତ ହୁଅ ହୁସିଆର
ଜ୍ଞାନ ଲଭି ତୁ ପାଇବୁ ଆଦର ।୩୯।
ଯଥା ଲୁହା ଥିଲେ ପାଣି ସହିତ
ତାକୁ କଳଙ୍କ କରଇ ଆୟତ ।୪୦।
ଅଗ୍ନି ସହିତ ସେ ଲୁହା ରହିଲେ
ରୂପାନ୍ତର ଲାଭ କରେ ସରଳେ ।୪୧।
ସାଧୁ ସନ୍ଥ ସଙ୍ଗେ ଶୁଆ ରହିଲେ
ରାମ ନାମ ଉଚ୍ଚାରଇ ସରଳେ ।୪୨।
ଚୋର ତସ୍କର ସହିତ ରହିଲେ
ଉଚ୍ଚାରଇ ହୀନ ଶବ୍ଦ ସରଳେ ।୪୩।
ମାର ମାର ଧରଧର କୁହଇ
ପରିବେଶୁ ଏହା ଶୁଆ ଶିଖଇ ।୪୪।
ମାତୃ ଯତନ ପାଇଲେ ଶିଶୁଟି
ହୁଏ ବଡ଼ ମଣିଷରେ ଗଣାଟି ।୪୫।
ସେହି ଶିଶୁ ଥିଲେ ପଶୁ ମେଳରେ
ମନ ଭରିଯାଏ କ୍ରୁର ଭାବରେ ।୪୬।
ସ୍ଥିର ମନରେ ନ କଲେ ସୁକାର୍ଯ୍ୟ
ହାରି ହରାଇବ ସିନା ସ୍ୱ-ଧୈର୍ଯ୍ୟ ।୪୭।
ଜୀବନରେ ମୂଲ୍ୟବାନ ସମୟ
କରନାହିଁ ଏହାର ଅପଚୟ ।୪୮।
ପ୍ରତି ମୁହୂର୍ତ୍ତକୁ ସତ କାମରେ
ବିନିଯୋଗ କର ପ୍ରେମ ଭାବରେ ।୪୯।
ତେବେ ଜୀବନେ ଆନନ୍ଦ ମିଳିବ
ସବୁ କ୍ଷେତ୍ରରେ ଜୟଯୁକ୍ତ ହେବ ।୫୦।

ମୂଲ୍ୟ ବୁଝେନା ଯିଏ ସମୟର
ନଷ୍ଟ ହୁଏ ତା ଜୀବନ ସତ୍ୱର ।୫୧।
ଆଚରଣୁ ଜଣାଯାଏ ମଣିଷ
ସିଏ ଦୁଷ୍ଟ ଅବା ସାଧୁ ପୁରୁଷ ।୫୨।
ଯା'ର ବଚନ ଅଟଇ ମଧୁର
କାର୍ଯ୍ୟ ଚିନ୍ତାରେ ଅଟଇ ଯେ ସ୍ଥିର ।୫୩।
ଯିଏ କୋମଳ ପ୍ରଶାନ୍ତ ହୃଦୟ
ସିଏ କରିଥାନ୍ତି ସଦା ବିଜୟ ।୫୪।
ତାକୁ ସାଧୁ ଭାବେ କର ପ୍ରଣତି
ମନ ହୃଦୟେ ପାଳ ତାଙ୍କ ନୀତି ।୫୫।
ସାଧୁ ସଙ୍ଗେ ରହି କର ସାଧନା
ତେବେ ଦେଖିବୁ ନୂତନ ଦୁନିଆ ।୫୬।
ସୁନା ଯେତେ ପୋଡ଼ିହେଲେ ନିଆଁରେ
ତାକୁ ପିଟାପିଟି କଲେ ଲୁହାରେ ।୫୭।
ସିଏ ହୁଅଇ ଅଧିକ ସୁନ୍ଦର
ଶୋଭା ପ୍ରକାଶେ ନାନା ଅଳଙ୍କାର ।୫୮।
ସେହିପରି ସାଧନାର ପଥରେ
ଚାଲିବାକୁ ହେବ ବହୁ କଷ୍ଟରେ ।୫୯।
ଶେଷେ ମିଳିବ ପରମ ପ୍ରଶାନ୍ତି
ଧୋଇଯିବ ଜୀବନର ଅଶାନ୍ତି ।୬୦।
ଦୁଷ୍ଟ ସଙ୍ଗେ ମିତ ହିତ ରହିତ
ବୁଝି ବିଚାରି ସ୍ଥିର କର ପଥ ।୬୧।
ନିଜ ସାଧୁତାରେ ଥିଲେ ବିଶ୍ୱାସ
ଜ୍ଞାନ ଭାବନାରେ ଥିଲେ ପଣ୍ଡିତ ।୬୨।
ମିତ୍ରଭାବ କରି ଦୁଷ୍ଟ ସହିତ
ତାକୁ ଦେଖାଅ ନୂତନ ଆଲୋକ ।୬୩।
ନିଜ ଚରିତ୍ରକୁ ରଖ ନିର୍ମଳ
ତେବେ ରୂପାନ୍ତରେ ହେବୁ ସଫଳ ।୬୪।

ଦିବ୍ୟଶକ୍ତି ଯଦି ନାହିଁ ନିଜର
ବୃଥା ପ୍ରୟାସେ ନୁହଁ ଆଗଭର ।୬୫।
ଥିଲେ ସଦ୍‌ଗୁଣର ଶକ୍ତି ଅଧିକ
ଚେଷ୍ଟା କର ସେ କାର୍ଯ୍ୟରେ ଶତତ ।୬୬।
ତେବେ ପାରିବୁ ଅନ୍ୟେ ବଦଳାଇ
ସୃଷ୍ଟି ହସିବ ନୂଆ ରୂପ ପାଇ ।୬୭।
ଦୁଷ୍ଟ ସଙ୍ଗରୁ ରୁହ ସଦା ଦୂରେ
ଦିବାରାତ୍ର ରୁହ ସାଧୁ ସଙ୍ଗରେ ।୬୮।
କଲେ ତିରସ୍କାର କେଉଁ ଦୁର୍ଜନ
ତାହା ହୃଦୟେ ନକର ଗ୍ରହଣ ।୬୯।
ତୁମ ଲକ୍ଷ୍ୟ ପଥେ ରୁହ ନିଶ୍ଚଳ
ତେବେ ଲଭିବୁ ସୁଜ୍ଞାନର ଫଳ ।୭୦।
ସାଧୁ ସର୍ବଦା ଧୀରମତି ଜ୍ଞାନୀ
ନିନ୍ଦା ପ୍ରଶଂସା ତାହାଙ୍କୁ ଶୁଭେନି ।୭୧।
ଯେତେ ତିରସ୍କାର କର ସାଧୁରେ
ଭାବାନ୍ତର ଆସେ ନାହିଁ ମନରେ ।୭୨।
ନିନ୍ଦା ପ୍ରଶଂସା ଉଭୟ ସମାନ
ସାଧୁ ଜ୍ଞାନରେ ଦିଶଇ ଅଭିନ୍ନ ।୭୩।
ସେହି ସାଧୁ ସଙ୍ଗେ କଲେ ବସତି
ନିଶ୍ଚେ ପ୍ରାପ୍ତ ହେବ ଚିର ପ୍ରଶାନ୍ତି ।୭୪।
ସତ୍ୟ ଆଚରଣ ବାଲ୍ୟ କାଳରୁ
କରେ ନିର୍ଭିକ ପରମ ଶକ୍ତିରୁ ।୭୫।
ମନ ଈଶ୍ୱରଙ୍କ ପାଖେ ରଖିଲେ
ସବୁ ଦୂର୍ଗୁଣ ଯିବେ ଅନ୍ତରାଳେ ।୭୬।
ଜୀବତତ୍ତ୍ୱଟି ମଣିଷ ଅଟଇ
ମାୟା ଅଟଇ ଜୀବନର ଛାଇ ।୭୭।
ରବି ମୁଖ କରି ପ୍ରାତଃ କାଳରେ
ଠିଆ ହେଲେ ଛାଇ ରହେ ପଛରେ ।୭୮।

ପଛ କରି ଠିଆ ହେଲେ ରବିଙ୍କୁ
ଛାଇ ରହିଥାଏ ଆଗ ଭାଗକୁ ।୭୯।
ରବି ପଛେ ରଖି ଆଗେ ଚାଲିଲେ
ଛାଇ ରହିଥାଏ ସଦା ସାଥୀରେ ।୮୦।
ଯେତେ ଦୃଢ଼ ହେଲେ ତୁମ ଗମନ
ମାୟା ଛାୟା ସେହି ଦୃତେ ବହନ ।୮୧।
କିନ୍ତୁ ବୁଲି ଗଲେ ସୂର୍ଯ୍ୟ ପଟକୁ
ଛାୟା ରହିଯାଏ ତୁମ ପଛକୁ ।୮୨।
ମାୟା ମୁକ୍ତ ପାଇଁ ଯଦି ଚାହୁଁଛ
ହୁଅ ଆତ୍ମା ମୁଖି ସୂର୍ଯ୍ୟ ସତତ ।୮୩।
ସତସଙ୍ଗେ କର ସଦା ବିହାର
ମାୟା କ୍ଷତି କରିବନି ତୁମର ।୮୪।
ମନ ସଚେତନ ହେବ ସର୍ବଦା
ଆତ୍ମା ମୁକ୍ତିର କରିବ ମସୁଧା ।୮୫।
ସଜ୍ଜନରେ ରୁହ ଶାନ୍ତି ଲଭିବ
ଦୁର୍ଜନରେ ନିଜ ଲୁହ ଢାଳିବ ।୮୬।
ସାଧୁ ସଙ୍ଗ କର ସଦା ଆଶ୍ରୟ
ତେବେ ଜୀବନ ହୋଇବ ନିର୍ଭୟ ।୮୭।
ସତ୍‌ସଙ୍ଗରେ ବୈରାଗ୍ୟ ପ୍ରାପତ
ଜୀବ ମୁକ୍ତିହେବ ଶେଷେ ପ୍ରାପତ ।୮୮।
ଜୀବ ମୁକ୍ତି ପାଇଁ ଏହି ସାଧନା
ସାଧୁ ସଙ୍ଗରେ ବିମୁଖ ହୁଅନା ।୮୯।

ବୟସି ଗତେ କଃ କାମବିକାରଃ
ଶୁଷ୍କେ ନୀରେ କଃ କାସାରଃ ।
କ୍ଷୀଣେ ବିତ୍ତେ କଃ ପରିବାରୋ
ଜ୍ଞାତେ ତତ୍ତ୍ୱେ କଃ ସଂସାରଃ ॥୧୦॥

ଦଶମ ପାହାଚ

(କାମବିକାର)

ରାଗ- ରାମକେରୀ

ଜୀବନରେ ଯେବେ ଯୌବନ-
ଆସେ ବିକାର ବଢ଼େ
ଯୌବନରେ ହୁଏ ପାଗଳ
ନୀତି ନିୟମ ହୁଡ଼େ ।୧।
ସମୟ କ୍ରମରେ ଯେ ରୂପ
ଦିନେ ବିରୂପ ହୁଏ
ସେ ରୂପକୁ ନେଇ ମଣିଷ
କାହିଁ ପାଗଳ ହୁଏ ? ।୨।
କାମ ବିକାର ତ ପ୍ରବଳ
ଥିବାଯାଏ ବୟସ
ଚାଲିଗଲେ ଯୁବା ବୟସ
କାମ ସାଗର ଶୁଷ୍କ ।୩।
କାମ ସମୁଦ୍ରରେ ଉଠେନା
ପ୍ରେମ ଜୁଆର ଆଉ
ପରିବର୍ତ୍ତନକୁ ନିରେଖି
ସବୁ ନିରବେ ସହୁ ।୪।
ଜଳ ଥିଲେ ଜଳାଶୟରେ
ଆଶ୍ରା କରନ୍ତି ସର୍ବେ
ଶୁଷ୍କ ଥିଲେ ଅବା କିପରି
ଅନ୍ୟେ ଆସିବେ ଲବେ ।୫।

କିଏ ବା କରିବ ନିର୍ଭର
ଜଳ ନଥିଲେ ତହିଁ
ଜଳ ଜନ୍ତୁ ଅବା ଆଶ୍ରିତ
ଛାଡ଼ି ଯିବେ ପଳାଇ ।୬।
ସେହିମତେ ପରିବାରରେ
ଧନ ନଥିଲେ ପାଖେ
ପରିବାର ଜନ ଆସନ୍ତି
ନାହିଁ ପାଖକୁ କେତେ ।୭।
ସ୍ତ୍ରୀ ଚାହିଁଥାଏ ଧନକୁ
ଧନ ମାଗଇ ପୁଅ
ଧନ ସରିଗଲେ ସଭିଏଁ
ମୋଡ଼ି ଥାଆନ୍ତି ମୁହଁ ।୮।
ଘର ଲୋକ ସବୁ ପୁଛନ୍ତି
ପାଖେ ଥିଲେ କଉଡ଼ି
ରୋଜଗାର ଯଦି ନଥାଏ
କେହି ନଚାହେଁ ଫେରି ।୯।
ଶହ ଶହ ଖର୍ଚ୍ଚ କରୁ ତୁ
ପୁଅ ଝିଅଙ୍କ ପାଇଁ
ଶେଷବେଳେ ଦୁଃଖ ସୁଖରେ
ପାଖେ ନଥାନ୍ତି କେହି ।୧୦।
ନିଜ ସଂସାରକୁ ନିଜର
କରି, ଭୁଲି ଅତୀତ
ସ୍ୱାର୍ଥପର ହୋଇଥାଆନ୍ତି
ଏହା ଚରମ ସତ୍ୟ ।୧୧।
ସଂସାରର ବିଧି ବିଚିତ୍ର
ସର୍ବେ ସ୍ୱାର୍ଥରେ ପୂର୍ଣ୍ଣ
ବୁଝିଲେ ଗୁପତ ତତ୍ତ୍ୱକୁ
ହେବ ଜୀବନ ଧନ୍ୟ ।୧୨।



ମା କୁରୁ ଧନଜନଯୌବନ ଗର୍ବଂ
ହରତି ନିମେଷାତ୍ କାଳଃ ସର୍ବମ୍ ।
ମାୟାମୟମିଦମଖିଳଂ ହିତ୍ୱା
ବ୍ରହ୍ମପଦଂ ତ୍ୱଂ ପ୍ରବିଶ ବିଦିତା ।୧୧।।

ଏକାଦଶ ପାହାଚ

ଅହଂକାର

ରାଗ - ବଙ୍ଗଳା ଶ୍ରୀ

ମଣିଷର ମନ ଅଟଇ ବିଚିତ୍ର
ନାନା ଗୁଣ ପରିପୂର୍ଣ୍ଣ
ବିଗୁଣ ତହିଁରେ ଅଟଇ ଗରବ
କରେ ନାନା ଅପକର୍ମ ।୧।
ସମ୍ପଦ ଜୀବନେ ବିପଦ ଆଣଇ
ଲୋଭ ବଢ଼ିଥାଇ ମନ
ସମ୍ପଦକୁ ଦେଖି ଭୁଲେ ସତପଥ
ଶେଷେ ହୁଏ ହିନିମାନ ।୨।
ସବୁରି ଉପରେ କାଳ କରେ ଖେଳ
ବୁଝେନି ଗରବ କରି
ଛଞ୍ଚାଣ ପରାଏ ଉଡୁଥାଏ ନଭେ
ହରିଥାଏ ଧନ ଶୀରି ।୩।

ଆଖିର ପଲକ ପଡ଼ିବା ଭିତରେ
କାଳ ବକ୍ଷେ ଧ୍ୱଂସ ଯାଏ
ସେ କାଳକୁ କେହି ଦେଖିବା ଆଗରୁ
ମହାଶୂନ୍ୟେ ମିଶିଥାଏ ।୪।
କେହି ରହିନାହିଁ ଏ ଭବ ସଂସାରେ
ମୁଣ୍ଡେ ତମ୍ଭା ପଟା ଭିଡ଼ି
ସବୁ ଯାଇଛନ୍ତି ମଶାଣି ପଦାକୁ
ଛ'ଖଣ୍ଡ କାଠରେ ଚଢ଼ି ।୫।

ଗରବ କରିଲା ଲଙ୍କାର ରାଜନ
ଧ୍ୱଂସ ହେଲା ସୁନା ଲଙ୍କା
ଗର୍ବ କଲା ବଳି ପାତାଳେ ଚାପିଲେ
ପୁରାଣେ ରହିଛି ଲେଖା ।୬।
ମାନି ଦୁର୍ଯ୍ୟୋଧନ ଗର୍ବେ ନାଶ ଗଲା
ଭାଇ ବିରାଦର ସହ
ଗର୍ବ କରି ଭଲା କେହି ବା ସଂସାରେ
ସୁଖରେ ରହିଛି କହ ।୭।
ଆଲେକ୍‌ଜାଣ୍ଡାର୍ ବଡ଼ ଗ୍ରୀକ୍ ବୀର
ଜୀବନ ଯିବାର ବେଳେ
କହିଲେ ସଭିଙ୍କୁ ରଖିବ ମୋ' କଥା
ମଶାଣିକୁ ନେଲାବେଳେ ।୮।
ଦୁଇ ହାତ ମୋର ଖୋଲି ଦେଇଥିବ
ଝୁଲୁଥିବ ଦୁଇପଟେ
ଦେଖୁଥିବେ ସବୁ ମନେ ରଖିଥିବେ
ଯାଉଛି ମୁଁ ଖାଲିହାତେ ।୯।
ଜୀବନରେ କେତେ ରାଜ୍ୟ ଜୟ କରି
ଲୁଣ୍ଠନ କରିଲି ଧନ
କିଛି ନେଇ ନାହିଁ ଫେରି ଯାଉଅଛି
ନେଲି ଯାହା ବଦନାମ ।୧୦।
ଆଜି ଯିଏ ରାଜା କାଲି ସେ ଭିକାରୀ
କାଳର ଲୀଳା ବିଚିତ୍ର
ଗୁପତେ ଲେଖୁଛି ଧର୍ମ ଦରବାରେ
ବସି ମନ୍ତ୍ରୀ ଚିତ୍ରଗୁପ୍ତ ।୧୧।

ଧନ ଅରଜିବୁ ଧରମ ମାର୍ଗରେ
ଧରମେ କରିବୁ ବ୍ୟୟ
ସେ ଧରମ ତୋର ପ୍ରାଣ ଗଲାବେଳେ
ସୁଖରେ ଦେବ ବିଦାୟ ।୧୨।

ଯେଉଁ ବଳ ପାଇଁ ବଳିୟାର ହେଉ
ସେ ବଳ ରହିବ ନାହିଁ
ଆଜି ଚାଲୁଅଛୁ ଦାଣ୍ଡ ଦୁଲୁକାଇ
ଶକତି ତୋର ଦେଖାଇ ।୧୩।

ବୟସ ଗଡ଼ିବ ବଳ ଚାଲିଯିବ
ଚାଲିବା ପାଇଁକି ବଳ
ରହିବନି ତୋର ଧରିଥିବୁ ବାଡ଼ି
ଧୀରେ ପଡୁଥିବ ଗୋଡ଼ ।୧୪।
ଗରବ କରନା ଧନ ଜନ ପାଇଁ
ସେ ସବୁ ଈଶ୍ୱର ଦାନ
ବୁଝିଲେ ଏ ସତ୍ୟ ହେବୁ ତୁ ମଣିଷ
ସଂସାରେ ହୋଇବୁ ଧନ୍ୟ ।୧୫।
ସତ ସଙ୍ଗ କର ସତ୍ୟରେ ବିହର
ବୁଝ ଗୁଢ଼ ମହାତତ୍ତ୍ୱ
ପାରି ହେବାପାଇଁ ଏ ଭବ ସାଗର
ବାଛିନିଅ ଦିବ୍ୟ ପଥ ।୧୬।
ଯାହା ତୁ ଦେଖୁଛୁ ଅଙ୍ଗେ ନିଭାଉଛୁ
ମାୟାରେ ରହିଛି ପୁରି
ସେ ମାୟା କଟିବ ସାଧୁ ସଙ୍ଗ କଲେ
ହେବୁ ଏ ସଂସାରୁ ପାରି ।୧୭।

ଦିନମପି ରଜନୀ ସାୟଂପ୍ରାତଃ,

ଶିଶିର ବସନ୍ତୌ ପୁନରାୟାତଃ

କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁଃ,

ତଦପି ନ ମୁଞ୍ଚତ୍ୟାଶା ବାୟୁଃ ।।୧୨।।

ଦ୍ୱାଦଶ ପାହାଚ

କାଳର ଖେଳ

(ସତ୍ୟବାଦୀ ବୃତ୍ତେ)

ମଣିଷ ଜୀବନ ସରି ସରି ଯାଏ
ମରେ ନାହିଁ ତାର ଆଶାର ନଈ
ଆଶାର ସଉଧ ନୀତି ଗଢୁଥାଏ
ତୋଳୁଥାଏ କେତେ ପଦୁଅଁ କଇଁ ।୧।

ଡାକ ମାଙ୍କୁଡ଼ିର ଖେଳ ଖେଳେ କାଳ
ସରି ଆସେ ତେଲ ଜୀବନ ଦୀପୁ
ଆଶାର ବଳିତା ଜଳେ ବେଳୁ ବେଳ
ଭୁଲିଯାଇ ସବୁ ମୂଳ ସତ୍ୟକୁ ।୨।

ଦିନ ପରେ ରାତି ରାତି ପରେ ଦିନ
ଗତି ତା ଅଭିନ୍ନ ସଂଜ ସକାଳ
କେତେବେଳେ ଆସେ, ଯାଏ କେତେବେଳେ
ହିସାବ ଖାତାରେ ଗତିର ମେଳ ।୩।

ଋତୁଚକ୍ରେ ଗତି ଚାଲିଥାଏ ନିତି
ଶିଶିର ବସନ୍ତ ଗ୍ରୀଷ୍ମ ଶ୍ରାବଣ
ଏକ ପରେ ଆନେ ଆସେ ଅନୁସରି
ଗତିରେ ନଥାଏ ଜମା ବିଶ୍ରାମ ।୪।

ବରଫ ପ୍ରମାଣେ ସରି ପାଣି ହୁଏ
ଜୀବନର କାଳ ବୁଝେନା ନର
କାଳ ବହିଯାଏ ଗତିରେ ତା ନିଜ
କିଏ ବୁଝିପାରେ ତାହାର ଖେଳ ।୫।

ଜୀବନର ଲକ୍ଷ୍ୟ ଜାଣିବା ଆଗରୁ
ସରିଯିବ ଆମ ଜୀବନ ଖେଳ
ବିଦାୟ ନେବାକୁ ହେବ ଏ ସଂସାରୁ
ଏହି ସତ୍ୟ କଥା ମନରେ ଧର ।୬।

ଶରୀରରୁ ପ୍ରାଣପକ୍ଷୀ ଉଡ଼ିଗଲେ
ମାଟି ଘଟ ପୋତାହେବ ମାଟିରେ
ଅବା ଦଗ୍ଧିଭୂତ ହେବଟି ଶରୀର
ମଶାଣୀ ଭୂଇଁରେ ଯୁଇ ଉପରେ ।୭।

ମନୁଷ୍ୟ ଜନମ ଭଲ କାମ ପାଇଁ
ଭୁଲ ନାହିଁ ପଥ ଜୀବନେ କେବେ
ଇନ୍ଦ୍ରିୟ ଲାଳସା ଦମନ କରିବ
ତେବେ ଭବେ ଶାନ୍ତି ପାଇବ ଲବେ ।୮।

ଦେହ ବଳ ନୁହେଁ ଦୀର୍ଘସ୍ଥାୟୀ ଜାଣ
ବୟସ କ୍ରମରେ ସରଇ ବଳ
ରୋଗ ଭୋଗିଭୋଗି ଯୁବା ମଣିଷ ବି
ଅଳପ ଦିନରେ ହୁଏ ଦୁର୍ବଳ ।୯।

ସବୁଦିନ ମନବଳ ରହେ ନାହିଁ
ବିଭିନ୍ନ କାରଣେ ମଉଳି ଯାଏ
ଦିବ୍ୟବଳ ଏକ ପରମ ଆୟୁଧ
ଲାଭ କଲେ ଦୁଃଖ ଭ୍ରାନ୍ତି ନଥାଏ ।୧୦।

ହୃଦୟ ଭିତରେ ଜଳେ ଦାବାନଳ
କ୍ରୋଧ, କାମ, ଲୋଭ ମୋହ ରୂପରେ
ସେ ଅଗ୍ନିର ତାପ ଅତି ଭୟଙ୍କର
ପୋଡ଼ି ଜାଳି ଧ୍ୱଂସ କରେ ତାହାରେ ।୧୧।

ମଣିଷ ଶରୀରେ କାମନାର ସାପ
ସ୍ୱକୁଟୁମ୍ବ କରିଅଛି ଆଶ୍ରୟ
ନିର୍ଭୟରେ ସାପ କରେ ବିଚରଣ
କିପରି ମଣିଷ ରହିବ ଥୟ ।୧୨।

ଘରେ ଏକ ସାପ କରିଲେ ପ୍ରବେଶ
ସଭିଏଁ କରନ୍ତି ଭୟ ତାହାକୁ
ସେହି ସାପ ହୃଦୟରେ ଥିଲେ ରହି
କିପରି ଶୋଇବ ଭୁଲି ତାହାକୁ ।୧୩।

କାଳ ଦେବୀ ନିତ୍ୟ କାଳୀ ପରି ଆମ
ଜୀବନ ମଞ୍ଚରେ କରୁଛି ନୃତ୍ୟ
ସେହି ନୃତ୍ୟ ଆମ ଜୀବନ ପ୍ରବାହ
ଦେଖ ସେ ଗତିକୁ ନିରତେ ସ୍ରୋତ ।୧୪।

ଯାଇଛି ଅତୀତ ଆସେ ଭବିଷ୍ୟତ
ବର୍ତ୍ତମାନ କାଳ କରୁଛି ଖେଳ
ସମୟର ଚିହ୍ନ ଏହି ଗତିପଥ
ନୁହେଁ ଭିନ୍ନା ଭିନ୍ନ ସ୍ୱତନ୍ତ୍ର କାଳ ।୧୫।
ସମୟର ନିତ୍ୟ ପ୍ରବହଧାରାକୁ
ଉପଯୋଗ କଲେ ପବିତ୍ର ଭାବେ
ଦିବ୍ୟଫଳ ଲାଭ ହୋଇବ ଅବଶ୍ୟ
ଏକଥାରେ ନାହିଁ ସଂଶୟ ଲବେ ।୧୬।

ବ୍ୟକ୍ତିର ଜୀବନ ସ୍ଥାୟୀ ନୁହେଁ ଭବେ
କାଳ ଗର୍ଭେ ଲୀନ ସମସ୍ତେ ହେବେ
ଏ ମହାସତ୍ୟକୁ ଧରି ହୃଦୟରେ
ମନ୍ଦକାର୍ଯ୍ୟେ ରତ ହୁଅନା କେବେ ।୧୭।

ନଦୀ ପାଣି ଯେହ୍ନେ ବହିଯାଏ ଆଗେ
ଫେରି ଚାହେଁ ନାହିଁ କେବେ ପଛକୁ
କାଳଗତି ତେହ୍ନେ ବହି ଚାଲିଥାଏ
ଦେଖେନାହିଁ ଫେରି ତା ଅତୀତକୁ ।୧୮।

ଗତ ଜନ୍ମ କର୍ମ ଫଳ ଯୋଗୁ ନର
ଲାଭ କରେ ମାନ, ଧନ ସଂସାରେ
ଲକ୍ଷେ ମଣିଷରେ ଗଣା ହୋଇଥାଏ
ସୁଖ ଶାନ୍ତି ପାଏ ଏ ଜୀବନରେ ।୧୯।

କିଏ ଭୋଗେ ଦୁଃଖ ଅଭାବ ଗଞ୍ଜଣା
କାହାର ଜଳେନି ଦିଓଳି ଚୁଲି
ଏହା ସବୁ ଭାଗ୍ୟଫଳ ଦୁନିଆରେ
ପ୍ରାରବ୍ଧ କର୍ମକୁ ଯାଅନା ଭୁଲି ।୨୦।

ଈଶ୍ୱର ଢାଳିଲେ କରୁଣା ମଥାରେ
ହାତୀ ଢାଳିଦେବ ସୁନା କଳସ
ଗରୀବ ବାପୁଡ଼ା ହେବ ବଡ଼ଲୋକ
ଲିଭିବ କଷଣ ଝରିବ ହସ ।୨୧।

ବହିର୍ମୁଖୀ ହେଲେ ଦୃଷ୍ଟି ମଣିଷର
ଦେଖିପାରେ ନାହିଁ ସେହି ନିଜକୁ
ଆତ୍ମ ଦର୍ଶନରେ ରଖିଲେ ଅଭିପ୍ସା
ସଂସାର ନଦେଖି ଦେଖ ନିଜକୁ ।୨୨।

କେତେ ରାତି ପାହେ ଦିନ ବିତିଯାଏ
ବୃଥା ହୋଇଯାଏ 'ଦର୍ଶନ' ବିନା
ଲଭିବାକୁ ସୁଖ ପରମ ପ୍ରଶାନ୍ତି
କରିବାକୁ ହେବ ଦୃଢ଼ ସାଧନା ।୨୩।

ଆଜିର ମଣିଷ କରି ଗପ ସପ
ବୃଥାରେ କଟାଏ ସମୟ ତାର
ଲକ୍ଷ୍ୟ ପଥ ସ୍ଥିର ନୁହଁଇ ତାହାର
ଅର୍ଥ ହୀନ କାର୍ଯ୍ୟେ ସେ ହରବର ।୨୪।

କିଛି କାମ ଯଦି ନାହିଁ କରିବାକୁ
ଉତ୍ତମ ପୁସ୍ତକ କର ପଠନ
ସଦ୍‌ଗ୍ରନ୍ଥ ପଠନେ ହେବ ଜ୍ଞାନ ଲାଭ
ତାହାର ଫଳଟି ଅତି ମହାନ ।୨୫।

ଭଲ କାମ କର ସକଳ ସମୟେ
ଭଲ ଚିନ୍ତା କର ଦେଖ ଉତ୍ତମ
ପର ଉପକାର ଚିନ୍ତ ନିରନ୍ତର
କାଳେ କାଳେ ତୁମେ ହେବ ମହାନ ।୨୬।

କା ତେ କାନ୍ତା ଧନଗତ ଚିନ୍ତା
ବାତୁଳ କିଂ ତବ ନାସ୍ତି ନିୟନ୍ତା ।
କ୍ଷଣମପି ସଜ୍ଜନ ସଙ୍ଗତି ରେକା
ଭବତି ଭବାର୍ଣ୍ଣବ ତରଣେ ନୌକା ।୧୩।।

ତ୍ରୟୋଦଶ ପାହାଚ

ସତ୍ୟ ସନ୍ଧାନ

ରାଗ- ଆହାରୀ

ସ୍ତ୍ରୀ ଧନ ପାଇଁ ପାଗଳ ହୋଇଛୁ
ଭୁଲିଯାଇ ଚିର ସତ୍ୟକୁ
ସେହି ଚିନ୍ତା ତତେ ଯନ୍ତ୍ରଣା ଦେଉଛି
ବାଟ ପାଉନାହୁଁ ବ୍ରହ୍ମକୁ
ମଣିଷ
ଜୀବନର ଚକା ଭଉଁରୀ
କେଉଁଠି ବୁଡ଼ାଏ, କେଉଁଠି ଖେଳାଏ
କାଳ ପାଶେ ନିଏ ଓଟାରି ।୧।

ଯନମିବା କାଳେ ଏକା ଆସିଥିଲୁ
ସଙ୍ଗରେ ତ କେହି ନଥିଲେ
ପୁତ୍ର, ଦାରା, ବନ୍ଧୁ, ସୋଦର ସମ୍ପର୍କ
ସଂସାରେ ସବୁ ସୃଷ୍ଟି ହେଲେ
ମଣିଷ
ବନ୍ଧନରେ ଏବେ ପଡ଼ିଛୁ
ଛଟପଟ ହେଉ, ବୁଦ୍ଧି ପାଉନାହୁଁ
ବିକଳେ ଜାବୁଡ଼ି ଧରିଛୁ ।୨।

ଯିବାବେଳେ ଯିବୁ   ଏକା ତୁ ଲେଉଟି
କେହି ତୋ’ ସାଥିରେ ଯିବେନି
ସମ୍ପର୍କ ବନ୍ଧନ   କଟିବା କାରଣ
କାନ୍ଦିବେ ଦି’ଦିନ ବାହୁନି
ମଣିଷ
ଭୁଲିଯିବା ପାଇଁ ତୋ’ ନାମ
କେ କର୍ମ କରିବ,   ପିଣ୍ଡ ଦାନ ଦେବ
ଶୁଦ୍ଧି ହେବ କରି ଗୋ’ଦାନ ।୩।
ଜନମ ନେଇଛୁ   ବାର ବାର ତୁହି
ବାର ବାର ପୁଣି ମରୁଛୁ
ସଂସାର ମଞ୍ଚରେ   ଭିନ୍ନ ଭୂମିକାରେ
ଅଭିନୟ ଖାଲି କରୁଛୁ
ମଣିଷ
କେବେ ତୁ ଚିହ୍ନିବୁ ନିଜକୁ
ସଂସାର ନାଟକେ,   ଧନ- ଦାରା- ପୁତ୍ର
କେହି ବୁଝିବେନି କାହାକୁ ।୪।

ସତସଙ୍ଗ ସିନା   ଏକଇ ନଉକା
ପାରି ହେବପାଇଁ ସଂସାରୁ
ସେହି ନଉକାର   ନାବିକ ଗୋବିନ୍ଦ
ଭୁଲିବୁନି ଜମା ମନରୁ
ମଣିଷ
ସାଧୁସଙ୍ଗ ସହ ରହିଲେ
ନିଜକୁ ଚିହ୍ନିବୁ,   ସଂସାର ବୁଝିବୁ
ମୁକତି ଲଭିବୁ ଅଚିରେ ।୫।



ଜଟିଲୋ ମୁଣ୍ଡୀ ଲୁଞ୍ଛିତ କେଶଃ
କାଷାୟାମ୍ବର ବହୁକୃତ ବେଶଃ ।
ପଶ୍ୟନ୍ନପି ଚ ନ ପଶ୍ୟତି ମୂଢ଼ୋ
ହ୍ୟୁଦର ନିମିତ୍ତଂ ବହୁକୃତ ବେଶଃ ।।୧୪।।

ଚତୁର୍ଦ୍ଦଶ ପାହାଚ

(ଅଭିନୟ)

(ବୃଦ୍ଧେ- ମେଘମାଳାକୁ, ନିନ୍ଦେ କଳାକୁ ଚାହଁ ବାରେ ଧନ ଚକାଡୋଳାକୁ)

ଏ ଯୁଗ ରୀତି
ଲାଗଇ ଭୀତି
କେଉଁ ପରକାରେ ହେବ ମୁକତି ।୦।

ସନ୍ନ୍ୟାସୀ ରୂପରେ ନାନା ପରକାରେ
ସକଳେ ଠକନ୍ତି ସୁବିଧା ଦେଖି
ଗେରୁଆ ବସନେ ଦିବ୍ୟ ସୁଶୋଭନେ
ସାଧୁ ପରିଚୟ ଦେଇଥାଆନ୍ତି
ମୁଣ୍ଡେ ଜଟା ରଖି ଅବା ଚୁଟି ରଖି
ନାନା ଉପାୟରେ ମନ ମୋହନ୍ତି ।୧।

ରୁଦ୍ରାକ୍ଷ ଗଳାରେ ଭ୍ରମ ସୃଷ୍ଟି କରେ
ଶିବ ଭକ୍ତ ବୋଲି ହୃଦୟେ ଚିନ୍ତି
ଅନ୍ୟ କେ କଣ୍ଠରେ ତୁଳସୀ ମାଳାରେ
ନାରାୟଣ ଜପ କରନ୍ତି ନିତି
ଚନ୍ଦନ ବେଶରେ ଚିତା ପଇତାରେ
ବ୍ରାହ୍ମଣର ପରିଚୟ ଦିଅନ୍ତି ।୨।

କିଏ ସେ ବାବାଜୀ ସହିତ ମାତାଜୀ
ମଠରେ ବିଳାସେ ରହିଥାଆନ୍ତି
ତୁଣ୍ଡେ ହରିନାମ କରନ୍ତି କୀର୍ତ୍ତନ
ଆଚରଣେ ଭିନ୍ନ ଗୁପ୍ତ ରଖନ୍ତି
ଧନ କ୍ଷମତାରେ ମଠ ସମ୍ପତ୍ତିରେ
ନିଜ ନାମ ଲେଖି ବଡ଼ ହୁଅନ୍ତି ।୩।

ବିରାଡ଼ି ବୈଷ୍ଣବ   କରିଥାନ୍ତି ଭାବ
    ଭୁଲନ୍ତି ସରଳ ମଣିଷ ଜାତି
ସେ ମଠ ଭିତରେ   ଘନ ଅନ୍ଧକାରେ
    କେତେ ଝିଅ ବୋହୂ ଲୁହ ଗଡ଼ାନ୍ତି
ଅଭିନୟ ଚାଲେ   ସାଧକ ରୂପରେ
    ନିରୀହ ମଣିଷ ବାଟ ଭୁଲନ୍ତି   ।୪।

ପେଟ ଭୋକ ପାଇଁ   ବାବାଜୀ କେ ହୋଇ
    ବେଉସା କରନ୍ତି ବାବାଜୀ ନୀତି
ଧରା ପଡ଼ିଥାନ୍ତି   ଦଣ୍ଡ ଭୋଗିଥାନ୍ତି
    ସନ୍ନ୍ୟାସୀ ନାମରେ କଳା କିରତୀ
ରୂପ ପୋଷାକରେ   ରଖୁ ତୁ ବିଚାର
    ଚିନ୍ତ ଗୋବିନ୍ଦଙ୍କୁ ଫେଡ଼ିବେ ଭ୍ରାନ୍ତି   ।୫।

ଅଙ୍ଗ ଗଳିତଂ ପଳିତଂ ମୁଣ୍ଡ
ଦଶନବିହୀନଂ ଜାତଂ ତୁଣ୍ଡମ୍ ।
ବୃଦ୍ଧୋଯାତି ଗୃହୀତ୍ୱା ଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶା ପିଣ୍ଡମ୍ ।।୧୫।।

ପଞ୍ଚଦଶ ପାହାଚ

ଦାମ୍ଭିକତା

ରାଗ- ବଙ୍ଗଳାଶ୍ରୀ

ଜନମ କାଳରେ ମାଟି ଖେଳୁଥାଏ
ମାଟିରେ ପାଏ ଆନନ୍ଦ
ଜୀବନ ଶେଷରେ ମିଶେ ଯେ ମାଟିରେ
ନଥାଏ ସେଥିରେ ଦ୍ୱନ୍ଦ୍ୱ ।୧।

ଶିଶୁରୁ କିଶୋର କିଶୋରୁ ଯୁବକ
ଯୁବକରୁ ହୁଏ ବଡ଼
ବୟସ ବଢ଼ିଲେ ଶରୀର ବଦଳେ
ନିୟମ କରିଛି କାଳ ।୨।

ଦାନ୍ତ ପଡ଼ିଯାଏ ଚୁଟି ଛିଡ଼ିଯାଏ
ଶରୀର ହୁଏ ଦୁର୍ବଳ
ଗୋଟିଏ ଯାଗାରୁ ଉଠିବା ପାଇଁକି
ପାଏନି ତାହାର ବଳ ।୩।

ଯେଉଁ ବଳ ପାଇଁ ଛାତିକୁ ଫୁଲାଇ
ଅନ୍ୟକୁ ଗରବେ କହେ
ବାହୁ ବଳେ ସିଏ ଜିଣିଛି ସମସ୍ତ
କେହି ତା' ସମାନ ନୁହେଁ ।୪।

ସେହି ହାତ ତା'ର ଉଠି ପାରେନାହିଁ
ଖାଦ୍ୟ ମୁଠାଏ ଧରି
ଖୋଇବା ପାଇଁକି ଅନ୍ୟର ସାହାଯ୍ୟ
ନେବାକୁ କରେ ଗୁହାରି ।୫।

ଦିନ ଥିଲା ତା'ର ଦାଣ୍ଡ କମ୍ପୁଥିଲା
ହାତେ ଧରି ସିଏ ଠେଙ୍ଗା
ଅନ୍ୟର ମନରେ ଶଙ୍କା ଆସୁଥିଲା
କରୁଥିଲା କେତେ ଦଙ୍ଗା ।୬।

ସେହି ଠେଙ୍ଗା ଧରି ଅଣ୍ଟା ବଙ୍କା କରି
ଆଜି ଚାଲୁଛି ଦାଣ୍ଡରେ
ମନେ ପଡୁଛି କି କିପରି ଅତୀତେ
କେତେ ଉତ୍ପାତ କରେ ।୭।

ବଳ ଭାଙ୍ଗିଲାଣି ବୟସ ଗଲାଣି
ସରି ସରି ଯାଏ କାଳ
ତଥାପି କାମନା ସରୁନି ତାହାର
ବଢ଼ଇ, ବିଚିତ୍ର ଖେଳ ।୮।

ଗୋବିନ୍ଦ ଭଜନ ମୁଖେ ଆସୁନାହିଁ
ସଂସାର ମୋହରେ ପଡ଼ି
ଆଖି ବୁଜିଦେଲେ କିଏ ବା କାହାର
ସବୁ ରହିଥିବ ପଡ଼ି । ୯।



ଅଗ୍ରେ ବହ୍ନି ପୃଷ୍ଠେ ଭାନୁଃ
ରାତୌ ଚିବୁକ ସମର୍ପିତ ଜାନୁଃ ।
କରତଳଭିକ୍ଷାସ୍ତରୁତଳବାସଃ
ତଦପି ନ ମୁଞ୍ଚତ୍ୟାଶା ପାଶଃ ॥୧୬॥

ଷଷ୍ଠଦଶ ପାହାଚ

(ଆଶା)

ରାଗ- ରାମକେରୀ

କାମନା ବାସନା ବନ୍ଧନ
ନୁହେଁ ସରଳ ଫାଶ
ସେ ବନ୍ଧନେ ପଡ଼ି ମଣିଷ
ହୁଏ ଅଣନିଃଶ୍ୱାସ ।୧।

ଅଗ୍ନି ଜାଳି ଅଗ୍ର ଭାଗରେ
କର ତପସ୍ୟା ତୁମେ
ପଞ୍ଚକରି ସୂର୍ଯ୍ୟ କିରଣେ
ସାଧ ଏକ ଧିଆନେ ।୨।

ଆଣ୍ଠୁ ମାଡ଼ି କର ପ୍ରାର୍ଥନା
ଅବା ଅନ୍ୟ ମାର୍ଗରେ
କାମନାରୁ ମୁକ୍ତ ସହଜ
ନୁହେଁ ଏହି ଦେହରେ ।୩।

ବୃକ୍ଷମୂଳେ କର ନିବାସ
ଛାଡ଼ି ନିଜ ଭବନ
କାମନା ନଛାଡ଼େ ତୁମକୁ
କଲେ ଯେତେ ଜତନ ।୪।

ନିତ୍ୟ ପ୍ରତିଦିନ ସାଧୁଙ୍କ
ସହ କର ଆଳାପ
ବାସନା ହୋଇବ ଦୁର୍ବଳ
ଶେଷ ହେବ ତୋ' ପାପ ।୫।



କୁରୁତେ ଗଙ୍ଗାସାଗର ଗମନଂ
ବ୍ରତ ପରିପାଳନ ମଥବା ବାନମ୍ ।
ଜ୍ଞାନବିହୀନଃ ସର୍ବମତେନ
ମୁକ୍ତିଂ ନ ଭଜତି ଜନ୍ମଶତେନ ।।୧୭।।

ସପ୍ତଦଶ ପାହାଚ

(ଅଜ୍ଞାନତା)

ରାଗ- ଚକ୍ରକେଳୀ

ଜୀବନରେ ଯେତେ ତପ କରିଲେ
ଗଙ୍ଗାସାଗରେ ବୁଡ଼ ପକାଇଲେ ।୧।

କଲେ ନାନା ବ୍ରତ ପୂଜା ଜୀବନେ
ଦାନ କରିଲେ ପୂଜା ପାରବଣେ ।୨।

ଜ୍ଞାନ ନଥିଲେ ମୂଲ୍ୟହୀନ ସବୁ
ମୁକ୍ତି ନମିଳେ ଦୁଃଖ ପରାଭବୁ ।୩।

ସତ ଜନ୍ମ କଲେ ବ୍ରତ ଉପାସ
ସତଜ୍ଞାନ ବିନା ନୁହେଁ ବିଶ୍ୱାସ ।୪।

ଦୃଢ଼ କରିବାକୁ ଆତ୍ମ ବିଶ୍ୱାସ
ପାନ କର ଥରେ ଗୋବିନ୍ଦ ରସ ।୫।

ହୃଦ ସାଗରକୁ କର ନିର୍ମଳ
ବୁଡ଼ ପକାଅ ତହିଁ ବାରମ୍ବାର ।୬।

ମାନସରେ କର ବ୍ରତ ପୂଜନ
ଆହରଣ କର ବ୍ରହ୍ମ ପ୍ରଜ୍ଞାନ ।୭।

ମୁକ୍ତି ଅବଶ୍ୟ ସହଜ ହୋଇବ
ନାମେ ଅଖଣ୍ଡ ବିଶ୍ୱାସ ବଢ଼ିବ ।୮।



ସୁର ମନ୍ଦିର ତରୁମୂଳ ନିବାସଃ
ଶଯ୍ୟା ଭୂତଳମଜିନଂ ବାସଃ ।
ସର୍ବ ପରିଗ୍ରହ ଭୋଗ ତ୍ୟାଗଃ
କସ୍ୟ ସୁଖଂ ନ କରୋତି ବିରାଗଃ ।।୧୮।।

ଅଷ୍ଟାଦଶ ପାହାଚ

(ଭୋଗ)

ରାଗ- ରାମକେଲୀ

ତ୍ୟାଗ କରେ ଘର ବାସନା
ବାସ ବୃକ୍ଷ ମୂଳରେ
ଖଟ ପଲଙ୍କେ ନ ଶୋଇଣ
ଶୁଏ ଖାଲି ଭୂଇଁରେ ।୧।

ପାଟ ମଠା ଛାଡ଼ି ବୈରାଗେ
ମୃଗ ଛାଲ ପିନ୍ଧଇ
ନକରେ ତାମସ ଭୋଜନ
ବଞ୍ଚେ ଗୋବିନ୍ଦ ଧ୍ୟାୟୀ ।୨।

ସବୁ ସୁଖ କରି ବର୍ଜନ
କରି ବାସନା ତ୍ୟାଗ
ପାଇବି ନଥାଏ ଆନନ୍ଦ
କରି ଏତେ ବୈରାଗ୍ୟ ।୩।

ସଂସାରକୁ କରି ବର୍ଜନ
କଲେ ବନ ଗମନ
ଆନନ୍ଦ ନଥାଏ ତହିଁରେ
ଯେଣୁ ସଂସାରୀ ଜନ ।୪।

ସଂସାରେ ରହିବ ମଣିଷ
ପରିବାର ସହିତ
ନୋହିବ ଆସକ୍ତ ସଂସାରେ
ତେବେ ବୁଝିବ ସତ୍ୟ ।୫।

ଦେହ ରହିଥାଉ ସଂସାରେ
ଜ୍ଞାତି କୁଟୁମ୍ବ ସହ
ପୁତ୍ର ସ୍ତ୍ରୀ ସହ ମିଳନ
ହେବ ନାହିଁ ଦୁଃର୍ବହ ।୬।

ଯଦି ମାନସିକ ସ୍ତରରେ
ତୁହି ସନ୍ନ୍ୟାସ ନେବୁ
ବ୍ରହ୍ମାନନ୍ଦ ସୁଖ ନିଶ୍ଚିତ
ସଂସାରରେ ପାଇବୁ ।୭।

ସଂସାରେ ରହି ତୁ ସନ୍ନ୍ୟାସୀ
କେବେ ହୋଇବୁ ନାହିଁ
ନିତ୍ୟ ଜପୁଥିବୁ ଗୋବିନ୍ଦ
ଉଦ୍ଧରିବେ ସେ ସାଇଁ ।୮।

ମନ କରୁଥିବ ଭଜନ
ଧ୍ୟାନ ଗୋବିନ୍ଦ ନାମ
ନବୁଡ଼ି ସଂସାର ପଙ୍କରେ
ଆଚରିବୁ ସୁ-କର୍ମ ।୯।

ତେବେ ତୁ ମୁକତି ଲଭିବୁ
ଏହା ଅଟଇ ସତ୍ୟ
ଅରଣ୍ୟ ନିବାସ ନୁହଁଇ
ଏହି ଯୁଗର ବ୍ରତ ।୧୦।

ଯୋଗରତୋ ବା ଭୋଗରତୋ ବା
ସଂଗରତୋ ବା ସଂଗବିହୀନଃ
ଯସ୍ୟ ବ୍ରହ୍ମଣି ରମତେ ଚିତ୍ତଂ,
ନନ୍ଦତି ନନ୍ଦତି ନନ୍ଦତି ଏବ ॥୧୯॥

ଊନବିଂଶ ପାହାଚ

ସନ୍ନ୍ୟାସ

ରାଗ- ଋଷିକୂଲ୍ୟା

(ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ- ବୃତ୍ତେ)

ଯୋଗରେ ହେଉ ବା, ଭୋଗରେ ହେଉ
ସଂସାରେ ରହୁ ବା, ସନ୍ନ୍ୟାସ ନେଉ
ଯାହା ଚିତ୍ତ ବ୍ରହ୍ମ, ପଦରେ ଲୀନ
କରିପାରେ ସିନା ବ୍ରହ୍ମ ଦର୍ଶନ ସେ
ନିତ୍ୟାନନ୍ଦ ଦେଲେ ଲେଖି ଯେ
ବ୍ରହ୍ମରେ ରହିଲେ, ବ୍ରହ୍ମେ ନିମଜ୍ଜିଲେ
ବ୍ରହ୍ମ ପଦେ ହେବ, ଲୀନ ଯେ ।୧।
ସଂସାରରେ ରହି, ନୁହେଁ ସଂସାରୀ
ସରସୀର ପଦ୍ମ, ନୁଛଏଁ ବାରୀ
ରଙ୍ଗ ମଞ୍ଚେ ନୃତ୍ୟ, ଛଳେ ନର୍ତ୍ତକୀ
ନୃତ୍ୟ ପ୍ରଦର୍ଶନେ, ଦର୍ଶକେ ଜିତି
ବାସ୍ତବ ଜୀବନ ନୁହେଁ ସେ
ମଞ୍ଚେ ଅଭିନୟ, କରିବାର କଳା
ସଂସାର କ୍ଷେତ୍ରରେ ଆନ ଯେ ।୨।
ପୁରୁଷର ଦେଖ, ପତ୍ନୀ ଦୁଇଟି
ଗୋଟିଏ ନିବୃତ୍ତି, ଆନ ପ୍ରବୃତ୍ତି
ସୁମଙ୍ଗଳୀ ପତ୍ନୀ ବିବୃତି ସଦା
ବିଶେଷ ସମ୍ପର୍କ ରଖିବା ବାଧା
ତା ବୃତ୍ତି ସହିତ ଭାବ ଯେ
ଉଭୟକୁ ଛାଡ଼ି, କିପରି ପୁରୁଷ
ହୋଇବ ଜ୍ଞାନୀ ସଂସାରେ ସେ ।୩।

ପରା ଅପରା, ବିଦ୍ୟା ଦୁଇ ଭାଗ
ପରା ବିଦ୍ୟା ବ୍ରହ୍ମବିଦ୍ୟା ବୁଝିବ
ଅପରା ପକୃତି ସହ ଜଡ଼ିତ
ସବୁ ବେଦ ଶିକ୍ଷା ଅପରାମତ
ବ୍ୟାକରଣ, କାବ୍ୟତତ୍ତ୍ୱ ଯେ
ରସତତ୍ତ୍ୱ, ଜ୍ୟୋତିଷଶାସ୍ତ୍ର ସମସ୍ତ
ଅନ୍ତରାର ଅନ୍ତର୍ଗତ ଯେ ।୪।

ଅକ୍ଷର ବ୍ରହ୍ମକୁ, କରରେ ଧ୍ୟାନ
ଜପ ବାରବାର କର ମନନ
ରାଜା ଜନକଙ୍କ ଦେଖ ଶାସନ
ବୁଝୁ ଥିଲେ ରାଜ୍ୟ ବ୍ରହ୍ମରେ ମନ
ଏ ପରା ବିଦ୍ୟା ପ୍ରମାଣ ଯେ
ସ୍ଥିର କଲେ ମନ, ବ୍ରହ୍ମରେ ବିଲୀନ
ସନ୍ତୋଷ ଲଭିବ ଜନ ଯେ ।୫।

ସ୍ଥିର ହୃଦୟରେ ସତ୍ୟ ଚିନ୍ତନ
ବୁଝେନା ସଂସାର, ଅସ୍ଥିର ମନ
ମିଛଟାରେ ଭିନ୍ନ ପଥରେ ଧାଏଁ
ଜ୍ଞାନ ଦୃଷ୍ଟି ତାର ହରାଇ ଥାଏ
ଏ ନୁହେଁ ଶୁଭ ଲକ୍ଷଣ ଯେ
ସେହି ଏକା ଜିତେ ଅସତ୍ୟ ଜଗତେ
ବୁଝେ ପରା ତାର ଭାବ ଯେ ।୬।
ମିଥିଳା ରାଜ୍ୟର ଉପକଣ୍ଠରେ
ଶୁକ ପହଞ୍ଚିଲେ ଶିଷ୍ୟ ସଙ୍ଗରେ
ଏ ଶୁଭ ସମ୍ବାଦ ଶୁଣି ଜନକ
ପହଞ୍ଚିଲେ ଯାଇ ହୋଇ ତ୍ୱରିତ
ମୁନୀଙ୍କୁ କରି ପ୍ରଣାମ ଯେ
ଶିଷ ଭାବେ ତାଙ୍କୁ ପ୍ରଣାମ କରିଲେ
ଜୀବନକୁ କଲେ ଧନ୍ୟ ସେ ।୭।

ପ୍ରସନ୍ନ ହୋଇଲେ ଶୁକ ବିଶେଷ
ମନେ ଚିନ୍ତି ଲଭି ଉତ୍ତମ ଶିଷ୍ୟ
ଅନ୍ୟମାନେ ଇର୍ଷା କଲେ ରାଜାଙ୍କୁ
(ଯେଣୁ) ବେଶି ଭଲ ପାଉଥିଲେ ତାହାକୁ
ହେଲା ଏକ ଲୀଳା ଶୁଣ ଯେ
ମିଥିଳା ରାଜ୍ୟରେ ଲାଗିଗଲା ନିଆଁ
ସରବେ ହେଲେ ଛାନିଆ ଯେ ।୮।

ସରବେ ଧାଇଁଲେ ନିଜ ଘରକୁ
ବ୍ୟାପୀଯାଏ ନିଆଁ ଘର ଘରକୁ
ଜନକ ଆସ୍ଥାନେ ସ୍ଥିର ମାନସେ
ବସିଥିଲେ ଧରି ଦୃଢ଼ ବିଶ୍ୱାସେ
ସବୁ ଈଶ୍ୱରଙ୍କ ଲୀଳା ଯେ
ଅନ୍ୟଥା କି କେବେ କରିପାରେ କେହି
ଯାହା ଲେଖାଥିବ ଭାଗ୍ୟେ ଯେ ।୯।

ଦେଖିଲେ ଏ ଭାବ ଶିଷ୍ୟ ସକଳ
ରାଜା ଜନକଙ୍କ ମନର ବଳ
ଏ କାରଣୁ ଶୁକ ପାଆନ୍ତି ଭଲ
ଉତ୍ତମ ଶିଷ୍ୟର ଉତ୍ତମ ଫଳ
ଇର୍ଷା କଲେ ପରିହାର ଯେ
ତୁଟିଗଲା ଭ୍ରାନ୍ତି ଆସେ ହୃଦେ ଶାନ୍ତି
ପାଇବାରୁ ଅନ୍ୟେ ଭଲ ଯେ ।୧୦।
ମନକୁ ସ୍ଥିର ନରଖିଲେ ତୁହି
ଆତ୍ମତତ୍ତ୍ୱ ବୁଝିପାରିବୁ ନାହିଁ
ଯା ମନ ଅସ୍ଥିର ନୁହେଁ ସେ ଯୋଗୀ
ସାଧନାର ବାଧା ଅବଶ୍ୟମ୍ଭାବୀ
ରୂପ ଦିଶେ ସିନା ଭଲ ଯେ
ନୁହେଁ ସେ ଉତ୍ତମ ଭକ୍ତ ପଦେ ଗଣ୍ୟ
ନୁହେଁ ସେ ସଂସାର ତ୍ୟାଗୀ ଯେ ।୧୧।

ରାଣୀ ରାସମଣୀ କଥାଟି ଶୁଣ
ସତ୍‌ସଙ୍ଗ ସଭାରେ ଥିଲେ ମଉନ
ମନ ବୁଲୁଥିଲା ଅନ୍ୟ କାମରେ,
ଦେହଥିଲା ସିନା ଏହି ସଭାରେ
ରାମକୃଷ୍ଣ ଏହା ଜାଣି ଯେ
ହୋଇଲେ ବିରକ୍ତ ଚପଟା ଆଘାତେ
କହିଲେ ହୁଅ ତୁ ଦୂର ଯେ ।୧୨।

ମନ ଯଦି ନାହିଁ ଶୁଣିବା ପାଇଁ
କାହିଁ ଅଭିନୟେ ବସିଛୁ ତୁହି
ଏହି ବ୍ୟବହାର ନୁହେଁ ଉଚିତ
ଆଦର୍ଶ ଭାବରେ ରଖ ତୋ ଚିତ୍ତ
ମନକୁ କର ଆୟତ ଯେ
ମନ ଦେହ ଯଦି ନୋହିବ ଏକାଠି
ଉପୁଯିବ ବହୁ ବାଦ ଯେ ।୧୩।

କେତେ ସାଧୁ ସନ୍ଥ ସଂସାରେ ରହି
ବୁଲୁଥାନ୍ତି ହରିତତ୍ତ୍ୱକୁ ଧ୍ୟାୟୀ
କିଏ ବା ବନସ୍ତେ ହୋଇ ସନ୍ନ୍ୟାସୀ
କାଟିଥାନ୍ତି କେତେ ଦିବସ ନିଶୀ
ପ୍ରାପ୍ତିପାଇଁ ଦିବ୍ୟ ଜ୍ଞାନ ଯେ
କବୀର ଚୈତନ୍ୟ, ପୋତନା, ବେମନ
ଜୟଦେବ, ତ୍ୟାଗରାଜ ଯେ ।୧୪।
ଏକାଗ୍ରତା ଏବେ ଜୀବନେ ଶିଖ
ଇନ୍ଦ୍ରିୟ ସଂଜତେ ପାଇବୁ ସୁଖ
ନହେଲେ ପୂରଣ ତୋର କାମନା
ଉତ୍ତେଜିତ ହୁଏ ସବୁ ଭାବନା
ବିଶ୍ୱାସକୁ କର ଦୃଢ଼ ଯେ
ଚହଲିଲେ ତୋର ଜୀବନ ନଉକା
ସବୁ ଜୀବ ବୃଥା ହୋଇ ଯେ ।୧୫।

ମନ ସ୍ଥିର ପାଇଁ ତିନି ସାଧନା
ବୁଝ ଏ ଗୁପତ ନୋହି ବିଭ୍ରମା
ମୀନ ସାଧନା କର ଏକାନ୍ତରେ
ମୃଗ ସାଧନାଟି ସଙ୍ଗ ମେଳରେ
କୂର୍ମ ସାଧନାର ପଥ ଯେ
ଜଳେ ସ୍ଥଳେ ଉଭୟରେ ରହି କୂର୍ମ
ନିର୍ବିଘ୍ନେ ସାଧନା କରେ ସେ ।୧୬ ।
ଜପ, ଧ୍ୟାନ ଭିନ୍ନ ଭିନ୍ନ ସାଧନା
ଆତ୍ମ ସାକ୍ଷାତଟି ଯୋଗରେ ଗଣା
ରତ୍ନସମ ଏହା ଗୁପତ ଧନ
ନଦେଖାଅ ଏହା ସରବେ ଜାଣ
ମନରେ ଥିଲେ ଦୃଢ଼ତା ଯେ
ସେହିମାନେ ଯୋଗୀ ଏ ରତ୍ନ ଦର୍ଶନେ
ଅନ୍ୟ ପାଇଁ ଏହା ମନା ଯେ ।୧୭।

ଅଭ୍ୟାସ ଜୀବନେ ମହତ ଗୁଣ
ସମୟର ମୂଲ୍ୟ ଭଲରେ ଚିହ୍ନ
ପଢୁଥିବା ଜ୍ଞାନ କରୁ ଅଭ୍ୟାସ
ଶୁଣୁଥିବା ନୀତି କାର୍ଯ୍ୟେ ପ୍ରକାଶ
ଏହା ରହିଥିଲେ ମନେ ଯେ
ଶୁଣି ସମ୍ଭାଷଣ ନକଲେ ପାଳନ
ଜୀବନ ହୋଇବ ଶୂନ୍ୟ ଯେ ।୧୮।
ଛଳନାରେ ହରି ରହନ୍ତି ଦୂରେ
ଠକାଠକି ପାଖେ ନେଇ ନପାରେ
ସଂସାରୀ ହୁଅ ବା ହୁଅ ସନ୍ନ୍ୟାସୀ
ଈଶ୍ୱର ବିଶ୍ୱାସ ରଖିଲେ ମତି
ଏକାତ୍ମତା ହେବ ପ୍ରାପ୍ତ ଯେ
ହରିକୁ ପ୍ରାପତେ ଦୃଢ଼ କର ମନ
ତେବେ ହେବୁ ମହା ଯତି ଯେ ।୧୯।

ଭଗବତ ଗୀତା କିଞ୍ଚିତ୍‌ଧୀତା
ଗଙ୍ଗାଜଳ ଲବ କଣିକା ପୀତା
ସକୃଦପିଯେନ ମୁରାରୀ ସମର୍ଚ୍ଚା
ତସ୍ୟଯମଃ କି କୁରୁତେ ଚର୍ଚ୍ଚା ?॥୨୦॥

ତ୍ରିଂଶ ପାହାଚ

ଗୁରୁ ଆଶୀଷ

ରାଗ- ଚିନ୍ତା ଭୈରବ

(ବୈଦେହୀଶ ବିଳାସର ବୃଧେ, ଶୁଣିବା ହେଉ ସୁମତି- ବୃନ୍ଦେ)

ଶୁଣ, ଏ ଶ୍ଳୋକର ନୀତି ବାଣୀ
ଶିଷ୍ୟ 'ଆନନ୍ଦ' ବଚନ ଶୁଣି
ସରବେ ଚକିତ ହେଲେ,
ମୂଢ଼, ତା'ର ଭାବ ନପାରିଲେ ଜାଣି ଯେ, ସୁଜନେ ।୧।
ପରିଚୟ ଥିଲା 'ଗିରି' ନାମ
ଗୁରୁ ସେବାରେ ଥିଲା ତା' କାମ
ସଦ୍‌ଗୁରୁ ଆଶୀଷେ ହେଲା ସେ ପଣ୍ଡିତ
ଲଭି, ତୋଟକାଚାର୍ଯ୍ୟ ସମ୍ମାନ ଯେ, 'ଆନନ୍ଦ' ।୨।
ଗୀତା ସକଳ ଶାସ୍ତ୍ରର ସାର
ନାହିଁ ଭେଦ ପର ଆପଣାର
ସାମାନ୍ୟ ପଠନ କଲେ ପ୍ରତିଦିନ
ତହୁଁ, ଅବଶ୍ୟ ଲଭିବ ଜ୍ଞାନ ଯେ, ମଣିଷ ।୩।
କ୍ଷୁଧା ଉପସମ ପାଇଁ ନର
ଅନ୍ନ ଖାଇ କରିପାରେ ଦୂର
ନୁହେଁ ଆବଶ୍ୟକ ଖାଇବା ସମସ୍ତ,
ଖାଦ୍ୟ, ବିଶେଷ ପ୍ରକାର ଯେ, ମଣିଷ । ୪।

ତୃଷା ଦୂର ପାଇଁ ଗଙ୍ଗାଜଳ
ଅଳ୍ପ ପିଇ ବି ଲଭିବ ଫଳ
ନଦୀଟିର ପାଣି ପିଇବାରେ ଅବା,
ସେତ, କିପରି ହେବ ସଫଳ ଯେ, ମଣିଷ ।୫।
ବିନ୍ଦୁ ଅନୁଗ୍ରହ ହରିହର
ସବୁ କଷଣ ହୋଇବ ଦୂର
ଲଭି ବିଭୂଶକ୍ତି ହୋଇବେ ସମର୍ଥ
ଆତ୍ମା, ଜ୍ୟୋତି ଦର୍ଶନେ ସଂସାର ଯେ, ଆନନ୍ଦ ।୬।
ଏବେ ସଂସାର ବେଭାର ଦେଖ
ଛୋଟପିଲା ଯେବେ ଖାଏ ଭାତ
ପ୍ରଥମରେ ଦୁଧ ଭାତ ଖୁଆଯାଏ,
କ୍ରମେ, ଅନ୍ୟ ଖାଦ୍ୟ କରେ ଗ୍ରାସ ଯେ, ବାଳକ ।୭।
ଶିଶୁ କ୍ରମେ ଯେବେ ବଡ଼ ହୁଏ
ଖାଦ୍ୟ ଗ୍ରହଣେ ପ୍ରବୃତ୍ତି ରହେ
ଭାତ, ସହିତ ସେ ଡାଲି ତରକାରୀ
ଆନନ୍ଦେ ମିଶାଇଖାଏ ଯେ, ବାଳକ ।୮।
ସେହିପରି ଏ ସଂସାରୀ ଜନ
ଗୀତା ପାଠରେ ନଥାଏ ମନ
ଅଠର ଅଧ୍ୟାୟ ଶ୍ଳୋକ ସାତଶହ,
ଦେଖି, ଡରିଯିବେ ସର୍ବେ ଜାଣ ଯେ, ମଣିଷ ।୯।
ତାକୁ ଏତିକି ଦିଅ ବୁଝାଇ
ଅଳ୍ପ ନିୟମିତ ପାଠ ପାଇଁ
କରିଲେ ଅଭ୍ୟାସ, ପାଠ ନିୟମିତ,
କ୍ରମେ, ସମସ୍ତ ପଢ଼ିବ ସେଇ ଯେ, ମଣିଷ ।୧୦।
ଗୁରୁ ଶଙ୍କର କହିଲେ ଶୁଣ
ବିନ୍ଦୁ ଗଙ୍ଗାଜଳ କରି ପାନ
କେଉଁ ପରକାର ହେବ ଉପକାର,
ମତେ, ସରବେ କର ବ୍ୟାଖ୍ୟାନ ଯେ, ଆନନ୍ଦ ।୧୧।

ଗଙ୍ଗା ଅଟଇ ଆମର ମାତା
ତ୍ରିପୁରରେ ରହିଛି ପ୍ରତିଷ୍ଠା
ସ୍ୱର୍ଗେ ମନ୍ଦାକିନୀ ପ୍ରିୟ ଆହ୍ଲାଦିନୀ,
ପବିତ୍ର, ସବୁରି ମାତା ସେ, ଜାହ୍ନବୀ ।୧୨।

ଭାଗୀରଥି ଧରାପୃଷ୍ଠେ ନାମ
ପାପ ହରେ ଭୋଗବତୀ ଜାଣ
ତ୍ରିଧାରେ ତ୍ରିଗୁଣ ସତ୍ତ୍ୱ-ରଜ-ତମ
ତ୍ରିଲୋକରେ ଭିନ୍ନ ଭିନ୍ନ ନାମ ଯେ, ଜାହ୍ନବୀ ।୧୩।

ଅତୀତରେ ଗଙ୍ଗା ଥିଲା ଖ୍ୟାତ
ବର୍ତ୍ତମାନ ପୁଣି ଭବିଷ୍ୟତ
ତ୍ରିକାଳରେ ମତ ଗଙ୍ଗା ପ୍ରବାହିତ
ଧରି, ଅସାମାନ୍ୟ ରୂପ ଯେ, ଜାହ୍ନବୀ ।୧୪।

ଗଙ୍ଗାନଦୀର ପବିତ୍ର ଜଳ
ପ୍ରବାହିତ ହୁଏ ଚିରକାଳ
ମଣିଷ ମନରେ ନିର୍ମଳ ଭାବରେ
ଆତ୍ମା-ନଦୀ ବହେ କାଳ କାଳ ଯେ, ମଣିଷ ।୧୫।

ସଂସ୍କୃତିର ଧାରା ସେହି ମତେ
ପ୍ରବାହିତ ହୁଅଇ ଏ ଜଗତେ
ହୁଏ ନାହିଁ ରୁଗ୍‌ଣ ଅବା କେବେ ଶୂନ୍ୟ,
ନିତ୍ୟ, ଚିରନ୍ତନ ବିଶ୍ୱ ବକ୍ଷେ ଯେ, ଜଗତେ ।୧୬।

ଭାରତୀୟ ସଂସ୍କୃତିର ନୀତି
ଗଙ୍ଗାନଦୀ ସମପ୍ରେମ ପ୍ରୀତି
ପ୍ରବହ ସଂସ୍କୃତି ଧାରା ବହେ ନୀତି
କେବେ ନଥାଏ ରୁଗ୍‌ଣ ତା ଭୀତି, ଜାହ୍ନବୀ ।୧୭।

ନିତ୍ୟ ଚିରନ୍ତନ ଭାବ ଧରି
ଆମ ସଂସ୍କୃତି ମନରେ ଭରି
ଜଗତ ମଙ୍ଗଳ ଅର୍ଥେ ଚିରକାଳ
ବୃକ୍ଷ ଖାଏନା ତା ଫଳ ଯେ, ସଂସାରେ ।୧୮।

ଗାଈ ପିଏନା ନିଜର କ୍ଷୀର
ନଦୀ ସେବାରେ ଥାଏ ଅନ୍ୟର
ନିଃସ୍ୱାର୍ଥ ସେବାରେ ମିଳଇ ଆନନ୍ଦ
ତ୍ୟାଗ, ପାଶେ ଅନ୍ୟସବୁ ଛାର ଯେ, ମଣିଷ ।୧୯।

ଗୁରୁ ସନ୍ତୋଷରେ ପୁଚ୍ଛା କଲେ
ମତେ ଏତିକି ବୁଝାଅ ଭଲେ
ଅର୍ଥ ତ୍ରିଲୋକର ତାତ୍ପର୍ଯ୍ୟ ତହିଁର
କୁହ, ଅନୁଭବ ବଳେ ଯେ, ଆନନ୍ଦ ।୨୦।

ସବୁ ଜୀବରେ ଆତ୍ମଦର୍ଶନ
ସାରା ବିଶ୍ୱର ଏକାତ୍ମ ଜ୍ଞାନ
ସ୍ୱର୍ଗରେ ତା ବାସ ପାଏ ଦିବ୍ୟ ସୁଖ
ଦୁଃଖ, ଶୋକ ନଛୁଏଁ ତା ମନ ଯେ, ମହାତ୍ମା ।୨୧।

ଯେଉଁ ମଣିଷ ତାର ଭାବରେ
ଶ୍ରେଷ୍ଠ ଚିନ୍ତା କରେ ତୁଳନାରେ
ପଶୁ ପକ୍ଷୀ କୀଟ ଭିନ୍ନ ତା ନିକଟ
ତାର, ବାସ ମର୍ତ୍ତଲୋକଠାରେ ଯେ, ମହାତ୍ମା ।୨୨।

ଥାଏ ପାତାଳ ଲୋକରେ ଯିଏ
ସିଏ ସତ ଜ୍ଞାନ ଭୁଲି ଯାଏ
ବେଦ ଶାସ୍ତ୍ର ଭଲେ ଲୋଭ ମୋହ ବଳେ
ଜନମଇ ଲକ୍ଷ୍ୟ ଭୁଲି ଯେ, ମଣିଷ ।୨୩।

ଆମ ଶରୀରରେ ସେହି ମତେ
ସତ୍ତ୍ୱ, ରଜ, ତମ ଭାବ ଗତେ
ହୁଏ ପ୍ରକାଶିତ ଭିନ୍ନ ଭିନ୍ନ ମତ
ମନ, ଅବସ୍ଥା ତହି ପ୍ରକଟେ ଯେ, ମଣିଷ ।୨୪।

ଆନନ୍ଦ ସତ୍ତ୍ୱ ଉତ୍ପତ୍ତି
ଉତ୍ତେଜନା ରଜଗୁଣ ସୃଷ୍ଟି
ତମୋଗୁଣ ଜାତ ଆହାର ବହୁତ,
ନିଦ୍ରା-ଶକ୍ତ କରେ ତାର ମତି ସେ, ମଣିଷ ।୨୫।

ହରି ପୂଜା କର ଶ୍ରଦ୍ଧା ଭରେ
ବୁଝ ସର୍ବମୟ ବିଷ୍ଣୁ ଥରେ
ବୁଝିଲେ ଏ ଭାବ ଭୟ ନ ରହିବ
ଯମ, ତାହାକୁ ଛୁଇଁ ନପାରେ ଯେ, ମଣିଷ ।୨୬।

ଶିଷ୍ୟ 'ଆନନ୍ଦ' ତହୁଁ କହିଲେ
ଭଗବାନ ରୂପ ଚିହ୍ନ ଭଲେ
ନିର୍ଜୀବ ବସ୍ତୁରେ ବିଷ୍ଣୁତ୍ୱ ଦେଖିଲେ
ଜାଣ, ଈଶ୍ୱର ଚିହ୍ନିବ ଭଲେ ସେ, ମଣିଷ ।୨୭।

ସଂସାରରେ ନାମ ଭିନ୍ନ ଭିନ୍ନ
ବହୁ ରୂପରେ ଅଛି ପ୍ରମାଣ
ବହୁନାମେ ଖ୍ୟାତ, ଯଶ ଭିନ୍ନ ମତ
ଅନୁଭବେ ସର୍ବେ ବିଦ୍ୟମାନ ସେ, ଈଶ୍ୱର ।୨୮।

ଗୋପାଙ୍ଗନା କୃଷ୍ଣ ନାମ ସ୍ମରି
କାୟ ମନ ବାକ୍ୟେ ରୂପ ଧରି
ଚିନ୍ତି ହରି ନାମ କାଟୁଥିଲେ ଦିନ
ଆନ, ଚିନ୍ତା ହୃଦୟେ ନଧରି ସେ, ଗୋପୀକା ।୨୯।

ପଢ଼ି ନଥିଲେ ବେଦ ବେଦାନ୍ତ
ବୁଝୁ ନଥିଲେ ଗଭୀର ତତ୍ତ୍ୱ
ଶୁଣି ଆତ୍ମଜ୍ଞାନ ଦେଖି କୃଷ୍ଣ ପ୍ରେମ
ନାରଦ ହେଲେ ଚକିତ ଯେ, ପଣ୍ଡିତେ ।୩୦।

ଭାଇ-ବନ୍ଧୁ-ସହଦୋର ସହ
ଧନ ସମ୍ପତ୍ତିରେ ହୋଇ ମୋହ,
ଭୁଲି ଶ୍ରୀହରିଙ୍କୁ, ଧରି ସଂସାରକୁ
ନିଜ କ୍ଷତି କରେ ଅହରହ ଯେ, ମଣିଷ ।୩୧।

ତାର ସମୟ ଜ୍ଞାନ ରହେନା
ଜ୍ଞାନ ଅର୍ଜନେ ମନ ଦିଏନା
ସତ ସଙ୍ଗରେ ଭାଗ ନୁହେଁ ଅନୁରାଗ
ବୃଥା କାର୍ଯ୍ୟରେ ଥାଏ କାମନା ଯେ, ମଣିଷ ।୩୨।

ଭଲ କାମକୁ ନଥାଏ ବେଳ
ଘଣ୍ଟା ଘଣ୍ଟା ଧରି କେତେ ଖେଳ
ଭଲ ମନ୍ଦ ଭେଦ ନବୁଝି ନିର୍ବୋଧ
ସମୟକୁ ସବୁ ନଷ୍ଟ କରୁ ଯେ, ମଣିଷ ।୩୩।

ବୁଝ ସତ୍ୟ-ମିଥ୍ୟା ତତ୍ତ୍ୱଜ୍ଞାନ
ସଦା ଈଶ୍ୱରଙ୍କୁ କର ଧ୍ୟାନ
ସୁଖୀ ତୁ ହୋଇବୁ ଆନନ୍ଦ ଲଭିବୁ
ତୋର, ସାର୍ଥକ ହେବ ଜୀବନ ଯେ, ମଣିଷ ।୩୪।

ହନୁମାଙ୍କଡ଼ ଧରିବା ପାଇଁ
ଛୋଟ ମୁହଁ ଥିବା କୁମ୍ଭ ନେଇ
ପ୍ରିୟ ଖାଦ୍ୟ ରଖି, ଭଲ ସ୍ଥାନ ଦେଖି
ସେହି, କୁମ୍ଭକୁ ଦିଅନ୍ତି ଥୋଇ ଯେ, ଶିକାରୀ ।୩୫।

ସେହି ଖାଦ୍ୟକୁ ଖାଇବା ପାଇଁ
ହନୁ ହାତକୁ ଦିଏ ପୂରାଇ
ମୁଠାଇ ଖାଦ୍ୟକୁ ଟାଣେ ବାହାରକୁ
ମୁଠା, ବାହାରକୁ ଆସେ ନାହିଁ ଯେ, ହନୁର ।୩୬।

ଖୋଲି ଦିଅନ୍ତା ଯଦି ତା ହାତ
ସହଜରେ ହୁଅନ୍ତା ସେ ମୁକ୍ତ
ବୁଝେନା ଏ ସତ୍ୟ ହୁଏ ହନ୍ତସନ୍ତ
ଧରା, ପଡ଼ି ଭୋଗେ କେତେ କଷ୍ଟ ଯେ, ହନୁ ଟି ।୩୭।

ଭୋଗ ବାସନାରେ ହୋଇ ବାଇ
ପରିବାର ଜଞ୍ଜାଳରେ ରହି
ଶାନ୍ତି ନାହିଁ କହି କାନ୍ଦୁଛି ଧକେଇ
ତାର, ବନ୍ଧନେ କେ ନୁହେଁ ଦାୟୀ ଯେ, ମଣିଷ ।୩୮।

ହାତ ସଂସାର ପାତ୍ରରେ ଭରି
ଘର ଦ୍ୱାର ପରିବାର ଧରି
ହୁଏ ସଦା ବ୍ୟସ୍ତ ନବୁଝି ସେ ସତ୍ୟ
ସବୁ, ଆସକ୍ତି ନିଏ ଆଦରି ଯେ, ମଣିଷ ।୩୯।

ଭଲ ମନ୍ଦର ପ୍ରଭେଦ ଜାଣି
ଈଶ୍ୱରଙ୍କ ନାମ ମନେ ଶୁଣି
ଗୁରୁ-ଗୁରୁଜନେ ପିତାମାତା ମନ
ସଦା, ଭକ୍ତି ବିଶ୍ୱାସରେ ଜିଣି ଯେ, ମଣିଷ ।୪୦।

ତେବେ ଜୀବନେ ଆସିବ ସୁଖ
ଦୂର ହୋଇଯିବ ସବୁ ଦୁଃଖ
ଧନ ଆସେ ଯାଏ ନୀତି କ୍ଷୟ ନୁହେଁ
କ୍ରମେ, ବଢ଼ି ଜଣେ ହେବ ଶ୍ରେଷ୍ଠ ଯେ, ମଣିଷ ।୪୧।

ଏହି ସଂସାର ସାପ ସଦୃଶ
ଗୁଡ଼ାଇ ଧରିଛି ଚାରିପାଖ
ପାଖେ ତାର ଗଲୁ ବନ୍ଧନେ ପଡ଼ିଲୁ
ଏବେ ଅନ୍ୟକୁ ଦେଉଛୁ ଦୋଷ ଯେ, ପାଗଳ ।୪୨।

ମନ ହୃଦୟ କର ନିର୍ମଳ
ସବୁ କାମରେ ହୁଅ ସରଳ
ଈଶ୍ୱରଙ୍କ କୃପା ହେବ ତେବେ ବର୍ଷା
ଆଦର୍ଶରେ ବିତିଯିବ କାଳ ଯେ, ମଣିଷ ।୪୩।

ଜୀବନରେ ଗୁରୁ କୃପା ପାଇ
'ଗିରି' ପଣ୍ଡିତ ହେଲା ଜାଣଇ
ସଦ୍‌ଗୁରୁ ଆଶୀଷେ ପରିଚିତ ବିଶ୍ୱେ
ନାମ ଚିର କାଳ ଅଛି ରହି ଯେ, ଆନନ୍ଦ ।୪୪।

ପୁନରପି ଜନମଂ ପୁନରପି ମରଣଂ
ପୁନରପି ଜନନୀ ଜଠରେ ଶୟନମ୍
ଇହ ସଂସାରେ ବହୁ ଦୁସ୍ତାରେ
କୃପୟାପାରେ ପାହି ମୁରାରେ ॥୨୧॥

ଏକବିଂଶ ପାହାଚ

ଜୀବନଚକ୍ର

ରାଗ- ବଙ୍ଗଳାଶ୍ରୀ

ଜନମ ଲଭିଲେ ମରଣ
ଧ୍ରୁବ ଅଟେ ଏ ବାଣୀ
ମୃତ୍ୟୁ ପରେ ସିଏ ଜନନୀ
ଗର୍ଭେ ରହଇ ପୁଣି ।୧।

ଜନମ ମରଣ ଲାଗିଛି
ବିଧି ବିଧାନ ବଳେ
ଅତିକ୍ରମିବାକୁ ଏ ଚକ୍ର
ଆତ୍ମା ଖୋଜେ ବିକଳେ ।୨।

ମରିବାକୁ ନୁହେଁ ଜନମ
ପ୍ରାଣୀ ବୁଝିଲେ ଥରେ
କରିବ ଅବଶ୍ୟ ପ୍ରଚେଷ୍ଟା
ବିଭୁ ଆଶୀଷ ବଳେ ।୩।

ମୁକ୍ତି ଖୋଜୁଅଛି ଶରୀର
ଚାହେଁ ନାହିଁ ବନ୍ଧନ
ଜ୍ଞାନ ଉଦେହେଲେ ମନରେ
ମୋକ୍ଷ ହେବ ଜୀବନ ।୪।

ମାତୃ ଗର୍ଭେ ରହି ଆରତେ
ଡାକେ, ହେବାକୁ ମୁକ୍ତି
ଅନ୍ଧାର ଗୃହରେ ନିରତେ
ଦେଖେ ସେ ମହା ଜ୍ୟୋତି ।୫।

ଗର୍ଭରୁ ହୁଅଇ ବାହାର
ଛୁଇଁ ଧରଣୀ ବକ୍ଷ
କୁଆଁ କୁଆଁ ସ୍ୱରେ ପଚାରେ
କୁହ କିଏ ମୁଁ ସତ୍ୟ ।୬।

ସେ ସତ୍ୟ ସନ୍ଧାନ ଖୋଜିବା
ଭୁଲିଯାଏ ସହଜେ
ମାୟା ଜାଲେ ହୁଏ ଆବଦ୍ଧ
ନାନା ଯନ୍ତ୍ରଣା ଭୋଗେ ।୭।

ଦେଖ ଏ ବିଚିତ୍ର ଶରୀର
ପଞ୍ଚଭୂତରେ ଗଢ଼ା
ଶେଷେ ପଞ୍ଚଭୂତେ ମିଶିବ
ପଡ଼ି ରହିବ ମଢ଼ା ।୮।

ପଡ଼ିଆରେ ଗଡ଼େ ପେଣ୍ଡୁଟି
ପବନରେ ପୂରିଛି
ମଟର ଚକରେ ପବନ
ରାସ୍ତାଘାଟେ ଗଡୁଛି ।୯।

ବାଜିଲେ କଣ୍ଟାର ଆଘାତ
ଯିବ ପବନ ଚାଲି
ପଡ଼ି ରହିଥିବ ସେପରି
ଆଉ ଯିବନି ଗଡ଼ି ।୧୦।

ଶରୀର ପୂରିଛି ପବନେ
ନବ ରସ ରହିଛି
ତଥାପି ଜୀବନ ଯାଉନି
ଦେହେ ଅଟକି ଅଛି ।୧୧।

ଈଶ୍ୱର ଚାହିଁଲେ ରହିବ
ଅବା ଶୂନ୍ୟେ ମିଶିବ
ଦେଖିବା ଲୋକ ତ ଜଳକା
ଜୀବ ପରମ ଭାବ ।୧୨।

ଜୀବନକୁ କେହି ଦେଖୁନି
ଦେହେ କରୁଛି ଖେଳା
ସଂସାରେ ଈଶ୍ୱର ଲଗାଇ-
ଛନ୍ତି ଅପୂର୍ବ ଲୀଳା ।୧୩।

ନିଜକୁ ଚିହ୍ନିନି ମଣିଷ
ଜାଣେ ନାହିଁ ଠିକଣା
ଆସିଛି କେଉଁଠୁ ଜାଣେନା
ଯିବ କେଉଁ ପ୍ରଗଣା ।୧୪।

ନିଜକୁ ନଜାଣି ଠିକଣା
ମାଗେ ମହାପ୍ରଭୁଙ୍କୁ
କୃପାକଲେ ସିନା ବିଧାତା
ଚିହ୍ନିପାରିବା ତାଙ୍କୁ ।୧୫।

ଜନ୍ମବେଳେ କାନ୍ଦେ ମଣିଷ
କାନ୍ଦେ ମରଣ କାଳେ
କାନ୍ଦୁଥାଏ ସାରା ଜୀବନ
ମାୟା ବନ୍ଧନ ଭୋଳେ ।୧୬।

ଥରୁଟିଏ ଯଦି କାନ୍ଦିବ
ପ୍ରଭୁନାମ ସ୍ମରଣେ
ଧୋଇଦେବ ଆଖି ଲୁହରେ
ପଦ ଯୁଗଳ ମନେ ।୧୭।

ଧୋଇ ହୋଇଯିବ ସକଳ
ପାପ ତା' କୃପା ଜଳେ
ତରିଯିବ ମୃତ୍ୟୁ ଚକ୍ରରୁ
ବିଭୁ ଆଶୀଷ ବଳେ ।୧୮।

ଭ୍ରମ ନାହିଁ ଭୁଲ ବାଟରେ
ନଷ୍ଟ କରନା କାଳ
ମୂଲ୍ୟବାନ ସବୁ ସମୟ
ଏହା ମନରେ ଭାଳ ।୧୯।

ଚାଲିଗଲେ ଥରେ ଜୀବନ
ବୃଥା ହେଲା 'ଜୀବନ'
ସତ୍‌କର୍ମ କରି ଶତତ
ହୁଅ ଜୀବନେ ଧନ୍ୟ ।୨୦।

ମାଆ ପାଳି ଅଛି ଗରଭେ
ଜନ୍ମ ଦେଇଛି ତତେ
ଶୁଝିବାକୁ ମାତୃ ଋଣ ତୁ
ଦ୍ୱିଧା କରନା କେବେ ।୨୧।

କୃତଜ୍ଞତା ରୁହ ପିତାଙ୍କ
ପ୍ରତି, ଜୀବନ ସାରା
ବାପା ମା ଆଶୀର୍ବାଦରେ
ଜିଣିପାରିବୁ ଧରା ।୨୨।

ସାଧୁ-ସନ୍ଥଙ୍କର ଚରଣେ
ଧ୍ୟାନ ରଖ ସର୍ବଦା
ତାଙ୍କରି ଆଶୀଷ ବଳରେ
ତୋର ଉଡ଼ିବ ଧ୍ୱଜା ।୨୩।

ସବୁରି ମୂଳରେ ଈଶ୍ୱର
ତାଙ୍କ ପଦେ ଶରଣ
ଲଭିଲେ, ପାଇବୁ ମୁକତି
ଏହା ଦୃଢ଼ ପ୍ରମାଣ ।୨୪।

ଈଶ୍ୱରଙ୍କ ସୃଷ୍ଟି ପବନ
ଜଳ ସ୍ଥଳ ଗଗନ
ମଣିଷ ସେବାରେ ଅର୍ପିତ
ଏହା ରଖଥା ମନ ।୨୫।

ଈଶ୍ୱରଙ୍କ କୃପା ବଳରେ
ମିଳେ ପରମ ଶାନ୍ତି
ହୋଇଲେ ସଦୟ ଠାକୁର
ଭୁଲେ ସମସ୍ତ ଭ୍ରାନ୍ତି ।୨୬।

ରଥ୍ୟାଚର୍ପଟବିରଚିତକନ୍ଥଃ

ପୁଣ୍ୟାପୁଣ୍ୟବିବର୍ଜିତ ପନ୍ଥଃ

ଯୋଗୀଯୋଗନିୟୋଜିତ ଚିରୋ

ରମତେ ବାଲୋନ୍ମତ୍ତବଦେବ ॥୨୨॥

ଦ୍ୱାବିଂଶ ପାହାଚ

ତୃପ୍ତି

ରାଗ- ରାମକେରୀ

ଦେଖ ଏ ସଂସାର ବିଚିତ୍ର
କିଏ କିପରି ଖୁସି
କିଏ ପିନ୍ଧେ ପାଟ ବସନ
କିଏ ନପାଏ କିଛି ।୧।

ପଡ଼ିଥିବା କନା ରାସ୍ତାରୁ
ଆଣି ସିଲେଇ କରି
ପିନ୍ଧିଥାଏ ଲଜ୍ଜା କାରଣେ
ଯତ୍ନେ ଆନନ୍ଦେ ଭରି ।୨।

ନଥାଏ ସାମାନ୍ୟ ଶୋଚନା
ଭେଦ ଭାବ ତାହାର
ଯାହା ରଖିଛନ୍ତି ତା'ପାଇଁ
ପ୍ରଭୁ କରି ବିଚାର ।୩।

ପାପ ପୂଣ୍ୟ ଭାବ ନରଖି
କରି ଦ୍ୱୟ ବର୍ଜନ
ଯୋଗୀ ପାଇଥାନ୍ତି ଆନନ୍ଦ
କରି ଗୋବିନ୍ଦ ଧ୍ୟାନ ।୪।

ଯୋଗୀ ମନ ସଦା ଯୋଗରେ
ବ୍ରହ୍ମ ପଦରେ ଧ୍ୟାନ
ବୁଝେନା ସଂସାର ବିଷୟ
ଦୁଃଖ ସୁଖ କାରଣ ।୫।
ଯେଉଁ ସ୍ଥାନେ ଯାହା ମିଳଇ
ଭୁଞ୍ଜି ସୁଖ ଲଭଇ
ନମିଳିଲେ ପ୍ରେମ ରସକୁ
ଦିଏ ଆକଣ୍ଠ ପିଇ ।୬।

ଆହାର ବସନ ଭୂଷଣ
ନୁହେଁ କାମନା ତା'ର
ବିଭୂ ପଦେ ରଖି ମାନସ
କାଟେ ଜୀବନ କାଳ ।୭।

କିଏ କହେ ତାକୁ ପାଗଳ
କିଏ କହେ ବାଇଆ
ନୁହେଁ ସେ ବାଇଆ ପାଗଳ
ଖାଲି ହାତରେ ଠିଆ ।୮।

ବାଲୁତ ପରାୟ କରନ୍ତି
ଖେଳା ଏହି ସଂସାରେ
ଗୋବିନ୍ଦ ନାମରେ ଆନନ୍ଦ-
ନୀର ନୟନୁ ଝରେ ।୯।



କସ୍ତ୍ୱଂ କୋଽହଂ କୁତ ଆୟାତଃ
କା ମେ ଜନନୀ କୋ ମେ ତାତଃ
ଇତି ପରିଭାବୟ ସର୍ବମସାରଂ
ବିଶ୍ୱଂ ତକ୍ତ୍ୱା ସ୍ୱପ୍ନ ବିଚାରମ୍ ।।୨୩।।

ତ୍ରୟୋବିଂଶ ପାହାଚ

ଜୀବନଯାତ୍ରା

ରାଗ- ଆଧୁନିକତା

କିଏ ମୁହିଁ, କିଏ ତୁହି ଜଣାନାହିଁ ମୋତେ
କେଉଁଠୁ ଆସିଛୁ ପୁଣି
ଯିବୁ କେଉଁ ପଥେ ।୧।

ଆରମ୍ଭ କେଉଠୁଁ ରାସ୍ତା ଶେଷ କେଉଁଠାରେ
ବୁଲୁଅଛି ଖୋଜି ପଥ
ଘୋର ଅନ୍ଧକାରେ ।୨।

କିଏ ସେ ଜନନୀ ତୋର କିଏ ଅଟେ ବାପା
ଏ ସଂସାର ବନ୍ଧନରେ
ସର୍ବେ ଅଭିନେତା ।୩।

ସରିଗଲେ ଅଭିନୟ ଯିବୁ ଅନ୍ତରାଳେ
ହୋଇବ ମଞ୍ଚ ଅନ୍ଧାର
ସ୍ୱପ୍ନ ସତ୍ୟ ହେଲେ ।୪।

ସ୍ୱପ୍ନ ପରି ଏହି ବିଶ୍ୱ ବିଷୟ ସଂସାର
ସ୍ୱପ୍ନ ତେଜି ଦେଖ ଥରେ
ସତ୍ୟ ଯାହା ବ୍ରହ୍ମ ଏକାକାର ।୫।

ଜନମି ଏନ୍ତୁଡ଼ିଶାଳେ କାନ୍ଦିଲୁ ବିକଳେ
ସରବେ କରିଲେ ସ୍ନେହ
କେତେ ଆନନ୍ଦରେ ।୬।

ଖେଳିଲୁ ଖେଳଣା ଧରି   ବାଲ୍ୟକାଳ ଗଲା
ସ୍ୱପ୍ନ ପରି କେତେବେଳେ
କିଶୋର କଟିଲା   ।୭।

ଯୌବନକୁ ଉପଭୋଗ   କଲୁ ମନ ଭରି
ସଂସାର ପଙ୍କରେ ବୁଡ଼ି
ହେଲୁ କେତେ ସରି   ।୮।

କେତେବେଳେ ବୁଢ଼ା ହେଲୁ   ନପାରିଲୁ ଜାଣି
ଯାତନା ବଢ଼ିଲା ଯେବେ
କାନ୍ଦିଲୁ ବାହୁନି   ।୯।

ତଥାପି ବୁଝିଲୁ ନାହିଁ   ନିଜ ପରିଚୟ
କେଉଁଠୁ ଆରମ୍ଭ ଯାତ୍ରା
କେଉଁଠି ବିଲୟ   ।୧୦।

ଠିକଣା ପାଇଲୁ ନାହିଁ   ଜଗତ୍‌ପିତାଙ୍କର
ଚାଲି ଚାଲି କ୍ଳାନ୍ତ ହେଲୁ
ଅବଶ ଶରୀର   ।୧୧।

ଆଜି ତୁ ଶୁଣୁଛୁ ଏକ   ମହା ସତ୍ୟବାଣୀ
କିଏ ସେ ଡାକୁଛି ଦୂରେ
ବୁଝି ସେ ପାରୁନି   ।୧୨।

ପୁରୁଷ ମଧ୍ୟେ ପୁରୁଷ   ନାରୀ ମଧ୍ୟେ ନାରୀ
ଶିଶୁ ମଧ୍ୟେ ବାଲୁତ ତୁ
ସଂସାରେ ସଂସାରୀ   ।୧୩।

ଜଣକର ପିତା ପୁଣି   ଅନ୍ୟର ଯେ ଭାଇ
ପରିଚୟ ଭିନ୍ନ ଭିନ୍ନ
କିଛି ଜାଣୁନାହିଁ   ।୧୪।



ତ୍ୱୟି ମୟି ସର୍ବତ୍ରୈକୋ ବିଷ୍ଣୁଃ,

ବ୍ୟର୍ଥଂ କୁପ୍ୟସି ମୟସହିଷ୍ଣୁଃ

ଭବ ସମଚିତ୍ତଃ ସର୍ବତ୍ରତ୍ୱଂ,

ବାଞ୍ଛସ୍ୟ ଚିରାଦ ଯଦି ବିଷ୍ଣୁତ୍ୱମ ॥୨୪॥

ଚତୁର୍ବିଂଶ ପାହାଚ

ବିଷ୍ଣୁମୟ ଜଗତ

(ରାଗ- କଳଶା)

ବିଷ୍ଣୁମୟ ଏ ସଂସାର ବୁଝିପାରୁ ନାହିଁ
ମମକାର ଚିନ୍ତା ମଧ୍ୟେ ଭାବେ ଶ୍ରେଷ୍ଠ ମୁହିଁ ।
ବିଭିନ୍ନତା ସତ୍ତ୍ୱେ ବ୍ରହ୍ମ ସର୍ବତ୍ର ବିରାଜେ
ଏହି ତତ୍ତ୍ୱ ଜାଣିଗଲେ ସବୁ ଭଲ ଲାଗେ ।
ସହିଷ୍ଣୁତା ଭାବ ତୁମ ହୃଦେ ଥିଲେ ରହି
ସମସ୍ତଙ୍କୁ ଜୟ କରି ଆନନ୍ଦ ଲଭଇ ।
ଅନିଷ୍ଟ କାରକ କ୍ରୋଧ ନ ବୁଝେ ମଣିଷ
ତେଣୁ ସିନା ବ୍ୟର୍ଥ କରେ ତା ଶକ୍ତି ଅନେକ ।
ଯେଉଁ କ୍ରୋଧ ଜନ୍ମ ନିଏ ଦୁଃଖ ଯାତନାରୁ
ସେ କ୍ରୋଧକୁ ନିୟନ୍ତ୍ରଣ ମନରେ ବିଚାରୁ ।
ସଂଜତ କରିବା ପାଇଁ କ୍ରୋଧକୁ ସତତ
ସମଚିତ୍ତତାରୁ ଶକ୍ତି ମିଳିବ ଅବଶ୍ୟ ।
ଧୀର ସ୍ଥିର ଭାବେ ସବୁ ବିଚାର କରିବ,
ତେବେ ଶାନ୍ତିଫଳ ଅଚିରେ ଲଭିବ ।
ସୃଷ୍ଟିର ଏକତ୍ୱ ଆମେ ବୁଝି ପାରୁ ନାହୁଁ
ତେଣୁ ସିନା ମାୟାଜାଲେ ଛନ୍ଦି ହୋଇଥାଉ ।
ପ୍ରହଲ୍ଲାଦ ପଚାରିଲା ବାପାଙ୍କୁ ତାହାର
କେଉଁଠୁ ପାଆନ୍ତି ଶକ୍ତି ରାକ୍ଷସ ବାନର ।
ହେଉ ସେହି ଦୁର୍ବଳ ବା ହେଉ ବଳବାନ
ସମସ୍ତ ଶକ୍ତିର ଉତ୍ସ ନିଯେ ଭଗବାନ ।
ସେହି ପ୍ରଭୁ ଜଗତନାଥ ସର୍ବତ୍ର ଅଛନ୍ତି
ବିଧିର ନିୟମ ରଖି ସୃଷ୍ଟି ପାଳିଥାନ୍ତି ।

ଅଦ୍ୱୈତ୍ୟବାଦର ଶିକ୍ଷା ଦେଲେ ସଂସାରକୁ
ଆତ୍ମା ଉପଲବ୍ଧି ପାଇଁ ଏ ବିଶ୍ୱବାସୀଙ୍କୁ ।
ମନବୁଦ୍ଧି ଅତିକ୍ରମି ଇନ୍ଦ୍ରିୟ ସକଳ
ହୃଦୟକୁ ଯଦି ସ୍ପର୍ଶ କରିବେ ସୁଫଳ ।
ଅବଶ୍ୟ ଲଭିବ ମୁକ୍ତି ନୁହେଁ ଏହା ମିଥ୍ୟା
ସଂସାରର ଭିନ୍ନ ରୂପ ନୁହଁଇ ଅନ୍ୟଥା ।
ଆତ୍ମାର ପ୍ରକୃତ ରୂପ ଉପଲବ୍ଧି କଲେ
ବହୁନାମ ବହୁରୂପ ନ ପଡ଼େ ଦୃଷ୍ଟିରେ ।
ପରିସ୍ଥିତି ପରିବେଶେ କାରଣ ବିଭିନ୍ନ
ଜାଗ୍ରତ ସୁସୁପ୍ତି ଅବା ସମାଜେ ତଲ୍ଲୀନ ।
ସ୍ୱପ୍ନ ଦେଖୁ ଯାହା ଆମେ ଦିନ ବା ରାତିରେ
ସବୁ ସ୍ୱପ୍ନ ମିଶିଯାଏ ବାସ୍ତବ ସ୍ଥଳରେ ।
ସତ୍ୟ ଉପଲବ୍ଧି ପାଇଁ କର ତୁ ସାଧନା
ଅବଶ୍ୟ ଜାଣିବୁ ଆତ୍ମା ନୋହିବୁ ବିମନା ।
ବହୁ ଜନ୍ମ ସ୍ୱୀକୃତିରୁ ବିଷ୍ଣୁ ପ୍ରାପ୍ତି ହୁଏ
ଜୀବନ ଚକ୍ରରୁ ମୁକ୍ତି ସମ୍ଭବ ବି ହୁଏ ।
ଶାସ୍ତ୍ରନୀତି ସାଧୁବାଣୀ ସଦା ମାନୁଥାଅ
ତେବେ ତୁ ଲଭିବୁ ମୁକ୍ତି ନିଶ୍ଚିତ ତୁ ହୁଅ ।
ଅନ୍ତର୍ଦୃଷ୍ଟି ଶକ୍ତି ତୁମ ଅଛିରେ ମଣିଷ
ବାହ୍ୟଦୃଷ୍ଟି ସଂଙ୍ଗମତା ହୁଏ ଆବଶ୍ୟକ ।
ବିନାଶଶୀଳ ବସ୍ତୁରେ ନହୁଅ ନିବିଷ୍ଟ
ଅବିନାଶି ଜଗତକୁ ବୁଝ ସହି କଷ୍ଟ ।
ଦେଖ ଏ ମହାସାଗର ଭରା ଜଳରାଶି
ଯା ଗର୍ଭରେ ପୂରିଅଛି ମଣିମୁକ୍ତା ରାଶି ।
ଲବଣାକ୍ତ ଜଳ ଏହାର ନୁହଁଇ ସ୍ୱାଦିଷ୍ଟ,
ତଥାପି ତା' ମଧ୍ୟେ ଅଛି ହୀରାଲୀଳା ସତ ।
ସେହିପରି ଏ ସଂସାରେ ଈଶ୍ୱର ଅଛନ୍ତି
ଯେ ସଂସାରେ ପୁରିଅଛି ନାନା ଚିନ୍ତା ଭ୍ରାନ୍ତି ।

ଏକ ପକ୍ଷ ବୃଦ୍ଧି ପୁଣି ଅନ୍ୟ ପକ୍ଷେ ନାଶ
ତଥାପି ଶୀତଳ ପାଏ ଚନ୍ଦ୍ରରୁ ମଣିଷ ।
ଏ ମଣିଷ ପାଇଁ ସବୁ ସୃଷ୍ଟି ହୋଇଅଛି
ଯାହାକୁ ବୁଝିବା ପାଇଁ ନାହିଁ ଆମ ଶକ୍ତି ।
ଶରୀର ମଧ୍ୟରେ ବାସ ନିତ୍ୟ ଶୁଦ୍ଧ ଆତ୍ମା,
ସେ ଶରୀର ଶୁଦ୍ଧ ହେଉ, ହେଉ ସେ ମହାତ୍ମା ।
ସଂସାର ବିଚିତ୍ର ନୀତି ବୁଝେନା ଦୁନିଆଁ
ଅଯଥାରେ ଭାବୁଅଛୁ କହୁଛୁ କିମିଆଁ ।
ଭିନ୍ନ ଭିନ୍ନ ନାମେ ପରିଚିତ ଜଣେ ଜଣେ
କିଏ ରାମ କିଏ କୃଷ୍ଣ କେ ଗୋପାଳ ନାମେ ।
ଭିନ୍ନ ଭିନ୍ନ ନାମ ସିନା ବ୍ୟକ୍ତିଙ୍କର ହୁଏ
'ମୁଁ'ଟି ସମସ୍ତ ମଧ୍ୟେ ଗୁପ୍ତେ ରହିଥାଏ ।
ବୁଝିଗଲେ ଏହି 'ମୁଁ'ର ଅସଲ ସ୍ୱରୂପ
ଜଗତ ହୋଇବ ଦୃଶ୍ୟ ଆତ୍ମା ହେବ ମୁକ୍ତ ।
ସମୟ ଜାଣିବା ପାଇଁ ଘଣ୍ଟା ବ୍ୟବହାର
ସେ ଘଣ୍ଟାଟି ହୋଇପାରେ ସୁନା ବା ରୂପାର ।
ତା ମଧ୍ୟରେ ବ୍ୟବହୃତ ଯନ୍ତ୍ରପାତି ସବୁ
ଲୁହାରେ ନିର୍ମିତ ଏହା ବିଚାରେ ଜାଣିବୁ ।
ଘଣ୍ଟା କଣ୍ଟା, ମିନିଟ୍ କଣ୍ଟା ଜଣାଏ ସମୟ
ସେ ସମୟ କହିଥାଏ ପ୍ରାଣ ନୁହେଁ ଥୟ ।
ସମସ୍ତ ପରିବର୍ତ୍ତନ ଭିନ୍ନ ଭିନ୍ନ କାଳେ
ଭିନ୍ନ ନାମ ଭିନ୍ନ ରୂପ ଧରନ୍ତି ସକଳେ ।
ଖଣିରୁ ବାହାରେ ଯେବେ ସୁନା ତୁ ଦେଖିବୁ
ତା ରୂପରେ ଝଲମଲ କେବେ ନ ପାଇବୁ ।
ସେତେବେଳେ ମୂଲ୍ୟ ତାର ନଥାଏ ଅନେକ,
ଦିଶେ ନାହିଁ କାହାକୁ ସେ ଅତି ଜକ ମକ ।
ପୋଡ଼ିଲେ ପିଟିଲେ ପୁଣି କଲେ ଦ୍ରବୀଭୂତ
ସୁନ୍ଦର ଅଳଙ୍କାରରେ ହୁଏ ପରିଚିତ ।

ଏ ପ୍ରକ୍ରିୟା ସଂସ୍କାରର ନାମ ଥାଏ ରହି
ମନୁଷ୍ୟ ଯେପରି ଭଲ ଗଢ଼ିଥାଏ ବିହି ।
ସଂସ୍କାର ବଳରେ ନୂଆ ରୂପ ହୋଇଥାଏ
ସେହିପରି ସତ ସଙ୍ଗେ ଜୀବ ଭଲ ହୁଏ ।
ଜନ୍ମ କାଳେ ବ୍ୟକ୍ତି ଧାତୁ ପରି ମୂଲ୍ୟହୀନ
ସଂସ୍କାର ବଳରେ ସିଏ ହୁଏ ଯେ ଉତ୍ତମ ।
ସଜ୍ଜନ ସହିତ ସଙ୍ଗ କରେ ତାକୁ ଭଲ
ଦୁର୍ଜନ ସହି ରହିଲେ ହୁଏଟି ସେ ଭେଲ ।
ବହୁ ଜନ୍ମ ସ୍ୱୀକୃତିରୁ ଜନ୍ମିଛି ମଣିଷ
ମୂଲ୍ୟହୀନ କରନାହିଁ ଜୀବନର ଲକ୍ଷ୍ୟ ।
ଜାଣିନ ଅତୀତ ତୁମ କିପରି ବିତିଛି
କେତେ ଦୁଃଖ କେତେ ସୁଖ ଅତିକ୍ରମି ଅଛି ।
ଏ ଜୀବନ ଗଢ଼ ସତସଙ୍ଗ କରି ନିତ୍ୟ
ପରିଣାମେ ଉଚ୍ଚ ପଦ ଲଭିବ ଅବଶ୍ୟ ।
ଏ ଶରୀର ମୂଲ୍ୟ ତୁମେ ବୁଝି ପାରୁ ନାହଁ
ତେଣୁ ଲକ୍ଷ୍ୟ ପଥ ଭୁଲି କର ଅନ୍ତର୍ଦାହ ।
ପରମ ସତ୍ୟକୁ ବାରେ ଉପଲବ୍ଧି କର
ଜାଣିବୁ ନିଜକୁ ପୁଣି ଚିହ୍ନିବୁ ସଂସାର ।
ଅଜ୍ଞାନତା ଦୂର ହେବ, ହେବ ତୁମେ ବଡ଼
ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା ଛାଡ଼ି ଭାବ ମୂଢ଼ ।
ବ୍ରହ୍ମ ଯଦି ଆତ୍ମା ରୂପେ ସକଳ ଶରୀରେ
ବିରାଜିତ ହୋଇଥାଏ ଗୁପତ ଭାବରେ ।
ଏ ସତ୍ୟକୁ ବୁଝିଗଲେ ବିଷ୍ଣୁ ପ୍ରାପ୍ତି ହେବ
ସକଳ କଲୁଷ ଧୀରେ ଶେଷ ହୋଇଯିବ ।



ଶତ୍ରୌ, ମିତ୍ରେ ପୁତ୍ରୀ ବନ୍ଧୌ
ମାକୁରୁ ଯତ୍ନଂ ବିଗ୍ରହ ସନ୍ଧୌ
ସର୍ବସ୍ମିନ୍ ଅପି ପଶ୍ୟାତ୍ମାନଂ
ସର୍ବ ତ୍ରୋତ୍ ସୃଜ ଭେଦାଜ୍ଞାନମ୍ ।।୨୫।।

ପଞ୍ଚର୍ବିଂଶ ପାହାଚ

(ପର ଅପର)

ରାଗ- କୌଶିକ

(ମନ୍ତ୍ରୀ ମୁଖୁ ଶୁଣି କୋପେ ବିଂଶପାଣି ପୁଷ୍ପକ ଯାନେ ବିଜେ କଲା- ବୃତ୍ତେ)

କିଏ ତୋର ଶତ୍ରୁ, କିଏ ତୋର ମିତ୍ର
କିଏ ସହୋଦର ବାନ୍ଧବ
ନହୁଅ ଆସକ୍ତ ସଂପର୍କରେ କେବେ
କାହାକୁ କରନା ବିରୋଧ
ଭଲେ ଜାଣ ତୁ,
ଆତ୍ମା ବିରାଜିତ ସର୍ବତ୍ର
ତ୍ୟାଗ କଲେ ଭ୍ରାନ୍ତି ଲଭିବୁ ତୁ ଶାନ୍ତି
ଜିଣିବୁ ଏ ସାରା ଜଗତ ।
ଭଲେ ଜାଣ ତୁ, ଆତ୍ମା ବିରାଜିତ ସର୍ବତ୍ର ।୧।

ସଂସାରେ ସବୁରି, ଶତ୍ରୁ ରହିଛନ୍ତି
ମିତ୍ର ବି ଅଛନ୍ତି ଅନେକ
ସମ ଭାବନାରେ ସବୁ ସଙ୍ଗତରେ
କର ନାହିଁ କେବେ ବିଦ୍ୱେଷ
ଥରେ ବୁଝ ତୁ,
ଜିଭ ଖେଳେ ପାଟି ମଝିରେ
କେବେ କେତେବେଳେ ଦାନ୍ତ କ୍ଷତ କଲେ
ଦଣ୍ଡ ଦିଏ ନାହିଁ ଦାନ୍ତରେ,
ଥରେ ବୁଝ ତୁ, ଜିଭ ଖେଳେ ପାଟି ମଝିରେ ।୨।

ଏ ଦୃଶ୍ୟ ଜଗତ, ବିଶ୍ୱ ଅନ୍ତର୍ଭୁକ୍ତ
ଶରୀର ତା ମଧ୍ୟୁ ଜନମ
ସବୁ ରୂପ ତୁମ ମନର କଳ୍ପନା
ଲକ୍ଷ୍ୟ ଦୈବତ୍ୱର ମିଳନ
ଏହି ମନୁଷ୍ୟ,
ଲାଭ କରିବାକୁ ଦେବତ୍ୱ
ବୃଥାରେ ସମୟ କରି ଅପଚୟ
ହୁଅ ନାହିଁ ଶେଷେ ବିମୁଖ।
ଏହି ମନୁଷ୍ୟ, ଲାଭ କରିବାକୁ ଦେବତ୍ୱ ।୩।

ମଣିଷ ଶରୀର ମିଳନ ସାଗର
ଦେହ ଦେହୀ ଏଠି ମିଶନ୍ତି
ଶରୀର, ଆତ୍ମାର କ୍ଷେତ୍ର, କ୍ଷେତ୍ରଜ୍ଞର
ସହ ମିଶି ଲଭେ ପ୍ରଶାନ୍ତି
ଦେହ ଦେହୀର
ପ୍ରକୃତି ପୁରୁଷ ମିଳନ
ଗୋଟିକୁ ଛାଡ଼ି ଅନ୍ୟର କଳ୍ପନା
କରିବା ଅଟେ ଆସ୍ଫାଳନ।
ଦେହ ଦେହୀର, ପ୍ରକୃତି ପୁରୁଷ ମିଳନ ।୪।

ଶରୀର ଆମର ଦେବାଳୟ ତୁଲ୍ୟ
ତା ମଧ୍ୟରେ ଜୀବ ଈଶ୍ୱର
ପ୍ରକୃତି ଚଳନ ଶୀଳ ଏ ଜଗତେ
ପରମାତ୍ମା ସର୍ବଦା ସ୍ଥିର
ଏହି ଦେହରେ,
ଆତ୍ମା ଥାଏ ଜ୍ଞାନ ରୂପରେ
ଶରୀରରେ ପ୍ରାଣ ଥିବାଯାଏ ରହି
ଆତ୍ମା ଥିବ ସମ ଚିତ୍ତରେ।
ଏହି ଦେହରେ, ଆତ୍ମା ଥାଏ ଜ୍ଞାନ ରୂପରେ ।୫।

ଦେଖ ଏ ସଂସାର ଚକିରେ ସକଳ
ଚୁରି ହୋଇଯାଏ ଘୂର୍ଣ୍ଣନେ
ମଝି କାଠିଟିକୁ ସଦା ଲକ୍ଷ୍ୟ କରି
ଉପରଟି ବୁଲେ ଯତନେ
ସେହି ଚକିରେ,
ଭରି ଦେଲେ ଧାନ ଗହମ
ଚୁରି ହୋଇଥାଏ ମଧ୍ୟ ଭାଗେ ଯାଇ
ବିଧାତାର ନୀତି ନିୟମ।
ସେହି ଚକିରେ, ଭରି ଦେଲେ ଧାନ ଗହମ ।୬।

ଜୀବନ ମରଣ ମଝିରେ ଈଶ୍ୱର
'ଲକ୍ଷ୍ୟ' ବୋଲି ଜାଣିଥା ମନେ
ଭୁଲିଲେ ଈଶ୍ୱର ଭୁଲି ଗତି ତୋର
ଯିବୁ ପଥ ହୁଡ଼ି କାନନେ
ଦୁଇ ଚକିରେ,
ପେଶି ହେବୁ ଏଇ ସଂସାରେ
ଧରି ଅନ୍ୟରୂପ ଭୁଲିଯିବୁ ଲକ୍ଷ୍ୟ
ସଂସାର ଆସକ୍ତି କାରଣେ।
ଦୁଇ ଚକିରେ, ପେଶି ହେବୁ ଏଇ ସଂସାରେ ।୭।

ଦେହ ଆବଶ୍ୟକ ସାଧନା ନିମିତ୍ତ
ସୁସ୍ଥ ରଖ ସେହି ଦେହକୁ
ଏ ଶରୀର ନେଇ କରିବାକୁ ଯାତ୍ରା
ବିଶ୍ୱ ନିୟନ୍ତାଙ୍କ ପାଖକୁ
ଦେହ ରଥକୁ,
ସଦା ରଖ କରି ପ୍ରସ୍ତୁତ
ଯାତ୍ରାରେ ଏ ଦେହ ନୋହିଲେ ସହାୟ
ଭାଗ୍ୟ ଫଳ ନିନ୍ଦା ନିଶ୍ଚିତ।
ଦେହ ରଥକୁ, ସଦା ରଖ କରି ପ୍ରସ୍ତୁତ ।୮।

ଜୀବନ ସାଗର ପାରିହେବା ପାଇଁ
ଦେହ ନାବ ଏକା ସହାୟ
ବ୍ରହ୍ମଙ୍କ ପାଖକୁ ସହଜେ ଯିବାକୁ
ଭଜନ ସହଜ ଉପାୟ
ନାବ ଦଦରା,
ହେଲେ ପାରିହେବା ନୋହିବ
ବୁଡ଼ିଯିବ ଭେଳା ଅକାଳରେ ସିନା
ସବୁ ଶ୍ରମ ବୃଥା ହୋଇବ ।
ନାବ ଦଦରା, ହେଲେ ପାରିହେବା ନୋହିବ ।୯।

ଶରୀର ସବୁରି ନାଶ ଯିବ ସିନା
ଆତ୍ମାଟି ଅଜର ଅମର
ଉନ୍ନତ ଆଦର୍ଶ ରଖି ଏକ ବ୍ରତ
ସାଧନା କର ନିରନ୍ତର
ଆତ୍ମା-ଈଶ୍ୱର
ନୁହନ୍ତି କଦାପି ବିନାଶ
କେହି ନୁହେଁ ଶତ୍ରୁ, ମିତ୍ର ଜ୍ଞାତିଜନ
ଆତ୍ମା ଜଗତରେ ଶାଶ୍ୱତ ।
ଆତ୍ମା-ଈଶ୍ୱର ନୁହନ୍ତି କଦାପି ବିନାଶ ।୧୦।

ଶିଶୁକାଳେ ତୋର ନଥିଲା କାମନା
ତେଣୁ ଶାନ୍ତି ଥିଲା ନିକଟେ
ବଢ଼ିଲା ବୟସ ଜଞ୍ଜାଳ ଅନେକ
ଶାନ୍ତି ହେଲା ସ୍ୱପ୍ନ ତୋ ପାଖେ
ତୋର କାମନା,
ସୃଷ୍ଟି କଲା ବହୁ ଯାତନା
ଇନ୍ଦ୍ରିୟ ଲାଲସା ବଢ଼ିବା କାରଣୁ
ଆନନ୍ଦରେ ହସି ପାରୁନା ।
ତୋର କାମନା, ସୃଷ୍ଟି କଲା ବହୁ ଯାତନା ।୧୧।

ଉପରେ ହସୁଛୁ ଭିତରେ କାନ୍ଦୁଛୁ
ଛଳନାରେ ଭରା ଜୀବନ
ଶରୀର ମୋହରେ ଭୁଲି ଅଛୁ ସବୁ
ହସି ହସାଇବା ସପନ
ଯିଏ ହସୁଛି,
ସେହି ନାରାୟଣ ସ୍ୱରୂପ
କାନ୍ଦୁଛି ମଣିଷ ବିଷୟାରେ ମତ୍ତ
ସରି ସରି ଆସେ ଆୟୂଷ।
ଯିଏ ହସୁଛି, ସେହି ନାରାୟଣ ସ୍ୱରୂପ ।୧୨।

ଯୁଦ୍ଧକ୍ଷେତ୍ରେ ପାର୍ଥ ବିଷାଦ ଆୟତ୍ତ
କୃଷ୍ଣ ହସୁଥିଲେ ମୁରୁକି
ବିପଦ ଆପଦ ସମଭାବ ଥିଲେ
ହସିପାରେ ହୋଇ ସେ ସୁଖି
ସୁଖ ମିଳିଲେ,
ସବୁ ମଣିଷର ଆନନ୍ଦ
ଦୁଃଖ-ସୁଖେ ଯିଏ ଥାଏ ସମଭାବ
ଲାଭ କରେ ପଦାରବିନ୍ଦ।
ସୁଖ ମିଳିଲେ, ସବୁ ମଣିଷର ଆନନ୍ଦ ।୧୩।

ନ ରଖ ବିଭେଦ ଶତ୍ରୁମିତ୍ର ମଧ୍ୟେ
ସମସ୍ତଙ୍କୁ କର ନିଜର
ଦୁଃଖରେ ସୁଖରେ ସକଳ କ୍ଷେତ୍ରରେ
ହସି ହସାଇବ ସଂସାର
ଏହି କଥାକୁ,
ଜୀବନର ବ୍ରତ କରିଲେ
ସବୁ ବିପଦକୁ କରି ଅତିକ୍ରମ
ମିଶିବୁ 'ସେ' ପାଦ କମଳେ।
ଏହି କଥାକୁ, ଜୀବନର ବ୍ରତ କରିଲେ ।୧୪।



କାମ କ୍ରୋଧଂ, ଲୋଭଂ, ମୋହଂ,
ତ୍ୟକ୍ତ୍ୱାତ୍ୟଶନଂ ଭବୟ କୋଽହଂ
ଆତ୍ମଜ୍ଞାନ ବିହୀନାଃ ମୂଢ଼ାଃ,
ତେ ପଚ୍ୟନ୍ତେ ନରକେ ନିଗୂଢ଼ାଃ ।।୨୬।।

ଷଷ୍ଠବିଂଶ ପାହାଚ

ମମକାର

ରାଗ- ଋଷିକୂଲ୍ୟା

କାମ, କ୍ରୋଧ, ଲୋଭ, ମୋହରେ ପଡ଼ି
ଦୁଃଖ ଭୋଗେ ନର ନରକେ ସଢ଼ି
କାମନାରୁ ଜାତ ନାନା ବିଷାଦ,
କାମନା ସୃଜଇ ଘୋର ବିବାଦ
ଆତ୍ମଜ୍ଞାନ କରେ ଆଶ୍ରା ଯେ
ନିଜ ପରିଚୟ ନିଜକୁ ପଚାର
ଭ୍ରାନ୍ତି ହୋଇଯିବ ଦୂର ଯେ ।୧।
ସବୁ ଦୁର୍ଗୁଣର ମୁଖ୍ୟଟି 'କାମ'
ତାର ଆଜ୍ଞା କରିଥାନ୍ତି ପାଳନ
ସବୁ ବିପ୍ଳବରେ ମୂଳ କାମନା
ଆଣିଥାଏ ଡାକି ସବୁ ଯାତନା
କ୍ରୋଧ ଲୋଭ ମୋହ ସର୍ବ ଯେ
ଆଜ୍ଞାରେ ତାହାର ବସନ୍ତି ଉଠନ୍ତି
ସବୁ ତାର ବୋଲକରା ଯେ ।୨।
ସ୍ୱଭାବ 'କାମ'ର କର ବିଚାର
ଗତିବିଧି ପରେ ରଖ ନଜର
ସଚେତନ ହେଲେ କାମନା ପ୍ରତି
ଦୂର ହୋଇଥାଏ ସବୁ ବିପତ୍ତି
'କାମନା'କୁ ମୁଖ୍ୟ କଲେ ଯେ
ମୁଣ୍ଡରେ ବସାଇ କରିଲେ ନିଜର
ବୁଡ଼ିବ ମାନ ମହତ ଯେ ।୩।

ସ୍କୁଲ କଲେଜରେ ନାମ ଲେଖାଇ
ପାଠ ପଢ଼ି ଜ୍ଞାନ ଲଭିବା ପାଇଁ
ଦେଖ ଧାଇଁଛନ୍ତି ଯେତକ ଜନ
ଭୁଲିଯାଇଥାନ୍ତି ଲକ୍ଷ୍ୟ ମହାନ
ସାର୍ଟିଫିକେଟରେ ତୃପ୍ତ ଯେ
ସହଜ ମଜାରେ ସମୟ କଟାଇ
ଭୁଲି ଅଧ୍ୟୟନ ଲକ୍ଷ୍ୟ ଯେ ।୪।
ଶିକ୍ଷାର ମହତ୍ତ୍ୱ ବୁଝ ସର୍ବଦା
ନିଜ କାମ ନିଜେ କର ସର୍ବଦା
ଅନ୍ୟକୁ କଷଣ ନଦିଅ କେବେ
ପର ଉପକାର ଭୁଲନା ଲବେ
ସାଧନାରେ ହୁଅ ବ୍ରତୀ ଯେ
ଏଣୁ ତେଣୁ ଚିନ୍ତା ମନରେ ନଧରି
ଭଲ କାମେ ଆଣ ପ୍ରିତୀ ଯେ ।୫।
ଦୂରାଭ୍ୟାସ ଯାହା ଅଛି ତୁମର
ସଂକଳପ କରି କର ତା' ଦୂର
ମନ୍ଦଭ୍ୟାସ ତ୍ୟାଗ କରିଲେ ଦୃଢ଼
ଧୀରେ ଧୀରେ ମନ ହୋଇବ ଦୃଢ଼
ସତ ସଙ୍ଗ କଲେ ଆଶ୍ରା ଯେ
କୁ ଅଭ୍ୟାସ ସବୁ ଦୁର୍ବଳ ହୋଇବ
ମନୁ ତୁଟିଯିବ ଭୟ ଯେ ।୬।
କେ କହୁଛି ମୁହିଁ ବଡ଼ ସାଧକ
କିଏ କହେ ସେହି ବିରାଟ ଭକ୍ତ
ଜ୍ଞାନ ସହ ତା'ର କେ ନୁହେଁ ସରି
କେ ସମାନ ହେବ ବିଦ୍ୟାରେ ତା'ରି
ଅହଙ୍କାର ପୂର୍ଣ୍ଣ ଉକ୍ତି ଯେ
'ମୁଁ' 'ମୁଁ' କହି ସଂସାର କମ୍ପୁଛି
ଏହି ତା-ସାତ୍ତ୍ୱିକ ମତି ଯେ ।୭।

କିଏ ସେ କହୁଛି ରୂପରେ ବଡ଼
କାହାର ଧନରେ ଗଡ଼ା ପାହାଡ଼
ପଦ ପଦବୀରେ କେ କୁହେ ବଡ଼
କିଏ ସେ ଶିକ୍ଷାରେ ଛାଡ଼େ ହୁଙ୍କାର
ଅହଙ୍କାରେ ହୋଇ ମତ୍ତ ଯେ
ଭୁଲି ସତ ପଥ ଭୋଗିଥାନ୍ତି ଦୁଃଖ
ଜୀବନ ହୁଏ ବି-ଅର୍ଥ ଯେ ।୮।
ଶିକ୍ଷା ଜୀବନର ଲକ୍ଷ ପରମ
ବିଶ୍ୱ କର୍ମଶାଳା ଜ୍ଞାନ ଉତ୍ତମ
ବିଲ ବନଗିରି ନୀଳ ସାଗରୁ
ମିଳିଥାଏ ଜ୍ଞାନ ବିଭୁ କୃପାରୁ
ସେ ସତ୍ୟ ଦେଲେ ପାଶୋରି ଯେ
ଜୀବନ ସକଳ ଅବସ୍ଥା ମାତର
ଦେଇଥାଏ ନାନା ଦୁଃଖ ଯେ ।୯।
ପ୍ରାତକାଳୁ ଉଠି ସମସ୍ତେ ଲୋକ
ବିଛଣାକୁ ପୁଣି ଯିବା ପର୍ଯ୍ୟନ୍ତ
ଧନ ରୋଜଗାରେ ରହନ୍ତି ବୁଡ଼ି
ସଂସାରଟା କଥା ମନରେ ଧରି
ନୁହେଁ ଶିକ୍ଷାର ଉଦ୍ଦେଶ୍ୟ ଯେ
ହରିପାଦ ଧ୍ୟାନ ନଥିଲେ ଜୀବନ
ମୂଲ୍ୟହୀନ ସବୁ ଜ୍ଞାନ ଯେ ।୧୦।
ହୃଦୟେ ଅଛନ୍ତି ଚାରୋଟି ଶତ୍ରୁ
ଜାଣିପାରୁନାହୁଁ ଅଜ୍ଞାନ ହେତୁ
କାମ, କ୍ରୋଧ, ଲୋଭ, ମୋହ ସେମାନେ
ସବୁ ଅଡୁଆକୁ ଆଣନ୍ତି ମନେ ।
ଜ୍ଞାନ ଶକ୍ତି କଲେ ଆଶ୍ରା ଯେ
ଈଶ୍ୱର ଆଶ୍ରୟ କରିବେ ହୃଦୟେ
ଶତ୍ରୁ ଯିବେ ବଳେ ଚାଲି ଯେ ।୧୧।



ଗେୟ ଗୀତା ନାମ ସହସ୍ରଂ

ଧେୟଂ ଶ୍ରୀପତି ରୂପ ମଜସ୍ରମ

ନେୟଂସଜ୍ଜନ ସଙ୍ଗେ ଚିତ୍ତଂ

ଦେୟଂ ଦୀନ ଜନାୟ ଚ ବିତ୍ତମ୍ ।।୨୭।।

ସପ୍ତବିଂଶ ପାହାଚ

(ସତ୍‌ପଠନ)

ରାଗ- କଳହଂସ କେଦାର

(ମନବୋଧ ଚଉତିଶା ବୃତ୍ତେ)

ଗୀତା ଗ୍ରନ୍ଥକୁ ପଢ଼, ଥରକୁ ଥର ।
ବୁଝିବା ପାଇଁ ତତ୍ତ୍ୱ, ସାଧନା କର ।।
ପ୍ରତି ଅକ୍ଷରେ ତାର, ବ୍ରହ୍ମ ସ୍ୱରୂପ ।
ସେ ରୂପ କର ଧ୍ୟାନ, ଦିବସ ରାତ୍ର ।।
ଅସ୍ଥିର ମନ ତୋର ହୋଇବ ସ୍ଥିର ।
ବୁଝିବୁ ହେଲେ ମିଛ, ମାୟା ସଂସାର ।।
ମୋକ୍ଷର ରାଜପଥ, ଦିଶିବ ତୋତେ ।
ବ୍ରହ୍ମରେ ଲୀନ ହେବ, ଏ ଦେହ ଶେଷେ ।।
ଯେଉଁ ନାମରେ ତୋର, ରହିଛି ପ୍ରେମ ।
ସେ ନାମେ କରି ଶ୍ରଦ୍ଧା, କର ଭଜନ ।।
ଶ୍ରୀପତି ରୂପ ଭିନ୍ନ, ଭିନ୍ନ ଅଟଇ ।
ସବୁ ନାମରେ କୃଷ୍ଣ, ଅଛନ୍ତି ରହି ।।
ପବିତ୍ରତାର ପ୍ରତୀକ, ଶ୍ରୀ ଅକ୍ଷର ।
ତେଣୁ 'ଶ୍ରୀ' ହୁଏ ଯୁକ୍ତ, ଦୈବ ଭାବର ।।
ସମ୍ମାନ ଦାନ ଅର୍ଥେ ଏହି ଅକ୍ଷର ।
ସମାଜ କରିଥାଏ, ତା ବ୍ୟବହାର ।।
ପଞ୍ଚଭୂତରେ ଗଢ଼ା, ମଣିଷ ପାଇଁ ।
ଶ୍ରୀ ନାମରେ ଯୁକ୍ତ, ହୁଏଟି ଭାଇ ।।

ଯେହେତୁ ଭଗବାନ, ନର ରୂପରେ ।
ଜନମ ନେଇଥାନ୍ତି ଏହି ଧରାରେ ।।
ତାଙ୍କ ନାମରେ ମଧ୍ୟ ଶ୍ରୀ ଲାଗଇ ।
ଅନ୍ୟ ଦେବଙ୍କ ପାଖେ ଶ୍ରୀ ନଥାଇ ।।
ଶ୍ରୀକୃଷ୍ଣ କୁହନ୍ତି ଲୋକେ, କହନ୍ତି ଶ୍ରୀରାମ ।
କହନ୍ତି ନାହିଁ ଶ୍ରୀ ଶିବ ଶ୍ରୀ ଶଙ୍କର ନାମ ।।
ଶ୍ରୀ ଯେହେତୁ ନିତ୍ୟ, ତତ୍ତ୍ୱ ସଂସାରେ ।
ଶ୍ରୀପତି ମଙ୍ଗଳ ନାମ, ଭଜଇ ନରେ ।।
ପ୍ରତ୍ୟେକ ଜୀବ ଦେହେ ଅଛନ୍ତି ଶିବ ।
ଜୀବ ଛାଡ଼ିଲେ ନର ହୁଅନ୍ତି ଶବ ।।
ଭିନ୍ନ ଭିନ୍ନ ନାମରେ ଜଗତ ନାଥ ।
ପାଆନ୍ତି ପୂଜା ନାନା ନାମରେ ଖ୍ୟାତ ।।
ନାମ ଅନେକ ରୂପ, ଭିନ୍ନ ଅଟଇ ।
ପରମାତ୍ମା ଏକଇ, ଭିନ୍ନ ନୁହଁଇ ।।
ଭିନ୍ନ ରୂପେ ସ୍ଥାପିତ ନାନା ପୀଠରେ ।
ତୀର୍ଥ ଭ୍ରମଣ ପାଇଁ ବୁଲନ୍ତି ନରେ ।।
ଶୁଦ୍ଧ ଭାବ ଆଣିବା ପାଇଁ ମନରେ ।
ସାଧୁ ସଜ୍ଜନ ସଙ୍ଗ ସାହାଯ୍ୟ କରେ ।।
ସଦ୍‌ଗୁଣ ହେବ ବୃଦ୍ଧି, ସତ୍‌ସଙ୍ଗେ ଥିଲେ ।
ଦୁଶ୍ଚିନ୍ତା ହେବ ଦୂର ବୁଝ ତୁ ଭଲେ ।।
ବୟସ ବୃଦ୍ଧି ସହ ଦୁଷ୍ଟ ଭାବନା ।
ଅଭ୍ୟାସ ହୋଇଥାଏ ସଙ୍ଗତେ ଜଣା ।।
ଦୂରାଭ୍ୟାସରେ ଥିଲେ ପବିତ୍ର ଭାବ ।
ବୁଝିବା ହେବ କଷ୍ଟ 'ସୁ' ଅନୁଭବ ।।
ନିର୍ମଳ ହେଲେ ଜଳ ହ୍ରଦ ସାଗରୁ ।
ଦିଶିବ ମୁଖ ପଦ୍ମ ଯୋଗ ବଳରୁ ।।
ଯାହା ଭାବିବ ମନ ଭାବର ସହ ।
ଫଳିବ ସେହି ଫଳ ନୁହେଁ ସନ୍ଦେହ ।।
ଚଷମା କାଚ ଯେଉଁ, ରଙ୍ଗର ହେବ ।
ସେହି ରଙ୍ଗରେ ବାହ୍ୟ ଦୃଶ୍ୟ ଦିଶିବ ।।

ପୂର୍ବ ଧାରଣା ତୋର ନ ବଦଳିଲେ ।
ପୁରୁଣା କଥା ସବୁ ତ୍ୟାଗ ନକଲେ ।।
ସତ ସଙ୍ଗର ଫଳ ମିଳିବ ନାହିଁ ।
ଏହା ତୁ ବୁଝ ଭଲେ ମନରେ ଧ୍ୟାୟୀ ।।
ଶୁଣୁଥାଆନ୍ତି ସବୁ ବୁଝନ୍ତି ନାହିଁ ।
ଦେହ ଥାଏ ଏଠାରେ ମନ ଭ୍ରମଇ ।।
ଚାହିଁ ଥାଆନ୍ତି ସିନା ମୂକ ଦୃଷ୍ଟିରେ ।
ଶୋଇ ଥାଆନ୍ତି କୁମ୍ଭକର୍ଣ୍ଣ ନିଦ୍ରାରେ ।।
ପାରାୟଣ ସଭାରେ ସବୁ ଶୁଣନ୍ତି ।
ମନ ବୁଲେ ଅନ୍ୟତ୍ର ନଶୁଣେ କିଛି ।।
ଏ ଭାବ ଅନାଦର, ନଦିଏ ଫଳ ।
ସମୟ ହୁଏ ନଷ୍ଟ, ଜୀବନ କାଳ ।।
ଅହଙ୍କାରକୁ ଦୂର କର ମନରୁ ।
ଦର୍ଶନ ହେବ ଲାଭ ପ୍ରଭୁ କୃପାରୁ ।।
ଦୀନ ଦୁଃଖୀଙ୍କୁ ଦାନ ମହତ କାମ ।
ସତ୍‌ମାର୍ଗେ କଲେ ଦାନ, ହେବୁ ତୁ ଧନ୍ୟ ।।
ସତ୍‌ମାର୍ଗେ କର ଆୟ ବଞ୍ଚିବା ପାଇଁ ।
ସଞ୍ଚୟ କିଛି ଅଂଶ ପିଲାଙ୍କ ପାଇଁ ।।
ଦାନ-ଧର୍ମରେ କିଛି ଖର୍ଚ୍ଚ କରିବ ।
ଉଚିତ କର୍ମ ଏହା ମନରେ ଭାବ ।।
ଯାହା କରିବ ଦାନ ଗରିବ ଥାଳେ ।
ସଞ୍ଚିତ ରୁହେ ଏହା ବୁଝିଥା ଭଲେ ।।
ଦେଲେ ପାଇବୁ ସତ କଥନ ଜାଣ ।
ଦାନ ଦେବାରେ ମନ କରନା ସାନ ।।
ମନ କର ନିର୍ମଳ ଚିନ୍ତ 'ଶ୍ରୀପତି' ।
ଭଜିଲେ ବାରମ୍ବାର ପାଇବୁ ମୁକ୍ତି ।।
ଦର୍ଶନ କରିବାକୁ 'ଶ୍ରୀରୂପ' ଥରେ ।
ମନ ଦର୍ପଣ କର ନିର୍ମଳ ବାରେ ।।
ଭକ୍ତିଭାବରେ ପୂଜ ଚରଣ ଦୁଇ ।
ଦର୍ଶନ କର ହୃଦେ ଶ୍ରୀ ଭାବଗ୍ରାହୀ ।।


ମାନସ ମନ୍ଥନ